ଓଡ଼ିଆରେ ଏକମାତ୍ର
ସଚିତ୍ର [illegible] ମାସିକ ପତ୍ରିକା

# ଜହ୍ନମାମୁଁ

ପ୍ରଥମ ବର୍ଷ
ଷଷ୍ଠ ସଂଖ୍ୟା
ମାର୍ଚ୍ଚ '୪୯

ଦୁଇ ଅଣା



"ଓହ୍ଲଉଚୁ ନା ନିବି?"

## ଏ ସଂଖ୍ୟାରେ ଲେଖିଛନ୍ତି

ଶ୍ରୀମତୀ ବସନ୍ତ କୁମାରୀ ଦେବୀ । ଶ୍ରୀମତୀ ସରସ୍ୱତୀ ଦେବୀ । ଶ୍ରୀ ହେମନ୍ତ କୁମାରୀ ଦେବୀ । ଶ୍ରୀ ମନୋଜ କୁମାର ଦାସ ।
ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । ଶ୍ରୀ ଅନ୍ନଦା ଚରଣ ଦାସ । ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ।
ଶ୍ରୀ ନଟବର ପ୍ରଧାନ । ଶ୍ରୀ ଗୋପୀନାଥ ବେହେରା । ଶ୍ରୀ ଦୁର୍ଗା ମାଧବ ମିଶ୍ର । ଶ୍ରୀ ଜୀବାନନ୍ଦ ପାଣି ।
ଶ୍ରୀ ବ୍ରଜ କିଶୋର ମହାନ୍ତି । ଶ୍ରୀ ନଗେନ୍ଦ୍ର ଗିରି । ଶ୍ରୀ ଦିବାକର ମିଶ୍ର । ଶ୍ରୀ ଗଦାଧର ପାଢ଼ୀ । ଶ୍ରୀ ଭୁବନେଶ୍ୱର ଦାସ । ଶ୍ରୀ ଧୀରେନ୍ଦ୍ର ଦାଶ ।

Digitized by srujanika@gmail.com

# ବିଜ୍ଞାପନ

ଅବସର ପ୍ରାପ୍ତ ହେଡମାଷ୍ଟର ଶ୍ରୀ ଜଗନ୍ନାଥ ତ୍ରିପାଠୀ ବି.ଏ.ବି.ଟି.
ଙ୍କ ରଚିତ — ● ଗଦ୍ୟ ଓ ପଦ୍ୟ (୪ର୍ଥ ସଂସ୍କରଣ) ...୧୦୫୦
● ବ୍ରହ୍ମ ବିଦ୍ୟା ପରିଚୟ ... ... ୧୦ ।

ଠିକଣା - ତ୍ରିଗାରି ଗଳି, ତେଲେଙ୍ଗା ବଜାର । ପୋ:ଅ: କଟକ ।

## ଆବଶ୍ୟକ

'କୁଙ୍କୁମ'ରେ ବିଜ୍ଞାପନ ସଂଗ୍ରହ ପାଇଁ ପ୍ରତ୍ୟେକ ଟାଉନରେ ଆମର ପ୍ରତିନିଧି ଆବଶ୍ୟକ । କେବଳ ଅଭିଜ୍ଞ ବ୍ୟକ୍ତି ନିମ୍ନ ଠିକଣାରେ ଇଂରାଜିରେ ପତ୍ର ଲେଖନ୍ତୁ ।

ADVT. MANAGER,
KUMKUM,
Post Box 6007, BOMBAY 12.

## ଏଜେଣ୍ଟ ଲୋଡ଼ା

କୁଙ୍କୁମର ବିକ୍ରୀ ପାଇଁ ଏଜେଣ୍ଟ ନଥିବା ସ୍ଥାନ ମାନଙ୍କରେ ଏଜେଣ୍ଟ ଲୋଡ଼ା । ଉପଯୁକ୍ତ କମିଶନ ଦିଆଯିବ । ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

MANAGING EDITOR, KUMKUM
20, Tejpal Road,
BOMBAY 24.

## ● ପ୍ରକୃତ ଫଟୋ !

ଗାନ୍ଧୀଙ୍କର, ଜାତୀୟ ନେତା ମାନଙ୍କର ଓ ଚଳଚିତ୍ର ଅଭିନେତା ଅଭିନେତ୍ରୀ ମାନଙ୍କର କ୍ୟାମେରାରେ ଉଠା ହୋଇଥିବା ପ୍ରକୃତ ଫଟୋ ବିକ୍ରୀ ପାଇଁ ସଜ୍ଜିତ ଅଛି ।

ମୂଲ୍ୟ —
ସାଦା ୬½"×୮½" - ଡଜନ ୦.୨୫
ପୋଷ୍ଟକାର୍ଡ ସାଇଜ - ଡଜନ ୦.୩୮

F. C. D' COSTA
175, Kalina, Santa Cruz,
BOMBAY.

## କୁଙ୍କୁମର ନିୟମାବଳୀ

୧. କୁଙ୍କୁମ ପ୍ରତ୍ୟେକ ଇଂରାଜି ମାସ ସାତ ତାରିଖରେ ବମ୍ବେରୁ ପ୍ରକାଶ ଏବଂ ଆଠ ତାରିଖରେ ଡାକରେ ପଠାଯାଏ ।
୨. ପ୍ରଥମ ବର୍ଷର ବାର୍ଷିକ ମୂଲ୍ୟ ଚାରିଟଙ୍କା, ଷାଣ୍ମାସିକ ଦୁଇଟଙ୍କା ପ୍ରତିଖଣ୍ଡ ଛଅଅଣା ମାତ୍ର ।
୩. ଗ୍ରାହକ ମାନଙ୍କୁ ଅଗ୍ରୀମ ମୂଲ୍ୟ ଦେବାକୁ ପଡେ ।
୪. ଯେ କୌଣସି ସଂଖ୍ୟାରୁ କୁଙ୍କୁମର ନୂତନ ଗ୍ରାହକ ହୋଇ ହେ
୫. ମୁଦ୍ରିତ ମୂଲ୍ୟ ଫେରସ୍ତ ଦିଆଯାଏ ନାହିଁ ।
୬. ଟଙ୍କା ମନିଅର୍ଡର ବା ପୋଷ୍ଟାଲ୍ ଅର୍ଡର ଦ୍ୱାରା ପଠାଇବାକୁ ହେବ
୭. କୁଙ୍କୁମ ବିଷୟରେ କିଛି ଜାଣିବାକୁ ହେଲେ ରିପ୍ଲାଇ କାର୍ଡ ବା ଷ୍ଟାମ୍ପ ଡାକଟିକଟ ପଠାଇବା ଦରକାର ।
୮. ଛୋଟଗଳ୍ପ, ରସକଥା, କବିତା, ବ୍ୟଙ୍ଗଚିତ୍ର, ବ୍ୟଙ୍ଗଚିତ୍ର ଫଟୋଗ୍ରା ପ୍ରଭୃତି ଗ୍ରହଣ କରାଯିବ । ତାହା ପୂର୍ବମାସ ୨୦ ତାରିଖ ଆଗରୁ ପହଞ୍ଚିବା ଆବଶ୍ୟକ ।
୯. ଅମନୋନୀତ ଲେଖା ପାଇଁ ସମ୍ପାଦକ କାରଣ ଦେଖାଇବାକୁ ବାଧ୍ୟ ନୁହଁ । ଲେଖା ଫେରି ପାଇବାକୁ ହେଲେ ଉପଯୁକ୍ତ ଡାକଟିକଟ ପଠାଇବା
୧୦. ଲେଖା ଦୀର୍ଘ ନ ହେବା ଏବଂ ମୌଳିକ ହେବା ଆବଶ୍ୟକ ।
୧୧. ଫଟୋଗ୍ରାଫ ଗୁଡ଼ିକ 2B ସାଇଜ (୨½"×୩½") ରୁ ଛୋଟ ହୋ ଗ୍ରହଣ କରାଯିବ ନାହିଁ । ଫଟୋର ପଛପାଖରେ ନାମ, ଠିକଣା ଫଟୋର ନାମ ଥିବା ଆବଶ୍ୟକ । ପ୍ରକାଶିତ ଫଟୋ ଫେରାଇ ଦିଆ ନାହିଁ । ଅମନୋନୀତ ଫଟୋ ଫେରସ୍ତ ପାଇଁ ଉପଯୁକ୍ତ ଡାକଟିକଟ ଆସିଥିବା ଦରକାର ।

"କୁଙ୍କୁମ"ର ଉନ୍ନତି ପାଇଁ ପାଠକମାନଙ୍କଠାରୁ ଯେ କୌ ଉପଦେଶ ସାଦରେ ଗୃହିତ ହେବ ।


MANAGING EDITOR, "KUMKUM",
20, Tejpal Road,
BOMBAY 24.

ପିଲ୍ଲୋର ପାଇଁ ଡିଜାଇନ୍ ।

(୮)



(୯)



(୧୦)



— ବିମଳା

(୧୧)



Digitized by srujanika@gmail.com



ବୁଲ୍‌ବୁଲ୍-ଏ-ହିନ୍ଦ୍

Digitized by srujanika@gmail.com

Kumkuma 1(06)Mar1949 - 2



## ଫୁଲ୍ ଆପଣଙ୍କର ଭାଗ୍ୟ କହିବ —

ଭାରତ ବର୍ଷରେ ପ୍ରଥମ ବିଖ୍ୟାତ ପ୍ରସିଦ୍ଧ ଜ୍ୟୋତିଷ ବିଜ୍ଞାନ ଅବଲମ୍ବନରେ ଭବିଷ୍ୟତ ଗଣନା ଅତ୍ୟନ୍ତ ସତ୍ୟ । ଏହି ଯନ୍ତ୍ରମାନରେ ଆପଣଙ୍କର ଜୀବନରେ ପରିବର୍ତ୍ତନ ବିଷୟରେ ଯଦି ଆପଣ ପୂର୍ବରୁ ଜାଣିବାକୁ ଇଚ୍ଛନ୍ତି ତେବେ ମାତ୍ର ଗୋଟିଏ ପୋଷ୍ଟକାର୍ଡରେ ନିଜର ନାମ, ଠିକଣା ଲେଖି କୌଣସି ଫୁଲର ନାମ ଦେଇ ପଠାନ୍ତୁ, ଆମେ ଜ୍ୟୋତିଷ ଶାସ୍ତ୍ର ଗଣନାନୁସାରେ ଆପଣଙ୍କର ବାର ମାସର ଭାଗ୍ୟ, ସୁଖ, ଗତି, ଦୁଃଖ, ଉନ୍ନତି, ଧନ, ସ୍ତ୍ରୀ, ପୁତ୍ର, ରୋଗ, ନୂତନ ଆଶା, ବିଦେଶ ଭ୍ରମଣ, ମକଦ୍ଦମା, ପରୀକ୍ଷାରେ ସଫଳତା, ଲଟେରୀ, ଗୁପ୍ତଧନ ପ୍ରାପ୍ତି, ଇତ୍ୟାଦି ଆପଣଙ୍କର ଚିଠିର ତାରିଖଠାରୁ ବର୍ଷକ ପର୍ଯ୍ୟନ୍ତ ସବୁ କଥା ବିଶଦ ଭାବରେ ଜଣାଇବୁ । ବର୍ଷଫଳ ପ୍ରତିମାସର ଫଳାଫଳ ୧୨ । ରେ ଭି.ପି. ଦ୍ୱାରା ପଠାଇ ଦିଆଯିବ - ଡାକ ଖର୍ଚ୍ଚ ପୃଥକ । ଥରେ ପରୀକ୍ଷା କରି ଦେଖନ୍ତୁ ଆମର ଜ୍ୟୋତିଷ ବିଦ୍ୟାରେ କିପରି ଜ୍ଞାନ ଅଛି । ଫଳାଫଳ ଠିକ ନ ହେଲେ ଦୁଇଗୁଣ ପଇସା ଫେରାଇ ଦିଆଯିବ ।

**ପଂ. ଦେବଦତ୍ତ ଶାସ୍ତ୍ରୀ,** ରାଜଜ୍ୟୋତିଷୀ, କରତାର୍ ପୁର୍, (ଇ.ପି.)

**Pt. DEV DUTT SHASTRI, Raj jotishi,**
**Kartarpur (E. P.)**

## "ଚିଠି ଦ୍ୱାରା ବା ବ୍ୟକ୍ତିଗତ ବନ୍ଧୁତା, ଡାକ ଟିକେଟ, ବାଦ୍ୟଯନ୍ତ୍ର, ଫଟୋଗ୍ରାଫ, ମୁଦ୍ରା ସଂଗ୍ରହ, ପୌରାଣିକ ଶାସ୍ତ୍ର, ଏଜେଣ୍ଟ, ଗୋଲକଧନ୍ଦା ପ୍ରଭୃତି ପାଇଁ ଯୋଗ ଦିଅନ୍ତୁ

**KHOSLA HOBBIES CLUB**
**Post Box No. 389, DELHI"**

## ୫ ଟଙ୍କା ପୁରସ୍କାର

କୁଙ୍କୁମରେ ଅନେକ ସ୍ଥାନରେ ବନାନ ଭୁଲ ରହିଯାଉଛି ଯାହାକି ଛପା ହେବା ପୂର୍ବରୁ ସଂଶୋଧିତ ହୋଇ ପାରୁନାହିଁ । ଏଥିପାଇଁ ସମ୍ପାଦକ କ୍ଷମା ମାଗୁଅଛନ୍ତି । ଭବିଷ୍ୟତରେ ବନାନ ଭୁଲ ନ ହେବା ପାଇଁ ବିଶେଷ ଦୃଷ୍ଟି ଦିଆଯିବ । ବର୍ତ୍ତମାନ ଯଦି କେହି ପ୍ରକାଶିତ "ମେ ସଂଖ୍ୟା ଠାରୁ ୬ଷ୍ଠ ସଂଖ୍ୟା ପର୍ଯ୍ୟନ୍ତ କୁଙ୍କୁମର" ସମସ୍ତ ବନାନ ଭୁଲ ଦେଖାଇ ଦେବେ ତାଙ୍କୁ ୫ ଟଙ୍କା ପୁରସ୍କାର ଦିଆ ହେବ (କିମ୍ବା ଯେଉଁ ବନ୍ଧୁ ବେଶୀ ଭୁଲ ଦେଖାଇ ଦେବେ ତାଙ୍କୁ ପୁରସ୍କାର ମିଳିବ) । ଚେଷ୍ଟା କରନ୍ତୁ ଆପଣ ପୁରସ୍କାର ପାଇ ପାରନ୍ତି । ଶେଷ ତାରିଖ ୧-୪-୪୯ ପୂର୍ବରୁ ଆପଣଙ୍କର ଚିଠି ଆସିବା ଦରକାର ।

MANAGING EDITOR, KUMKUM,
20, TEJPAL ROAD
BOMBAY 24.

## ମହମବତୀ ତିଆରି କରନ୍ତୁ !

ଆମେ ମହମବତୀ ତିଆରି କରିବାର ଛାଞ୍ଚ ଯୋଗାଉ ଅଛୁ । ଶସ୍ତା ଦାମ । ନିର୍ଦ୍ଦେଶ ମାଗଣା ଦିଆଯାଏ । ଆମେ ଉତ୍କୃଷ୍ଟ 'ବିଜୟ ମହମବତୀ' ମଧ୍ୟ ବିକ୍ରୀ କରୁ । କତା, କତା ମସିଣା, ଦଉଡି, ନଡିଆ କେଶର ବ୍ରାସ୍, ଗୋଲମରିଚ, ଅଦା, ନଡିଆ ତେଲ, ତେଲ ପିଡିଆ ପ୍ରଭୃତି ମଧ୍ୟ ରପ୍ତାନି କରୁ । ଆଜି ଇଂରାଜୀରେ ପତ୍ର ଲେଖନ୍ତୁ ।

**VIJAYA INDUSTRIALS (India),**
**Post Box No.12,**
**Ernakulam, Cochin State.**

## କାମରୂପ ଦର୍ଶନ କରନ୍ତୁ ।

ଅଲୌକିକ ଘଟଣାର ସ୍ଥଳୀ ଏବଂ କାମାକ୍ଷା ଦେବୀଙ୍କ ମନ୍ଦିର ହିନ୍ଦୁ ସଭ୍ୟତାର ଆରମ୍ଭ କାଳରୁ ପ୍ରସିଦ୍ଧ । ପୂଜା ଏବଂ ଖର୍ଚ୍ଚ ପାଇଁ ୯ ୫ ( ପଠାନ୍ତୁ - ଆପଣଙ୍କର ସର୍ବବିଧ ସୌଭାଗ୍ୟ ଏବଂ ଶାନ୍ତି ପାଇଁ ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ହୋଇଥିବା - "ସର୍ବ ସିଦ୍ଧି କବଚ" ବିନା ଖର୍ଚ୍ଚରେ ଘରେ ବସି ପାଇ ପାରିବେ । ନାମ ଠିକଣା କେବଳ ଇଂରାଜୀରେ ଲେଖିବେ ।

**DAVENDRA NATH SARMA, Priest,**
**Kamakhya Temple,**
**P.O. KAMAKHYA,**
**Kamrup. Assam.**

ଛବିର ବ୍ଲକ ପାଇଁ ଅର୍ଡର ଦେଲାବେଳେ ଆମ ପାଖକୁ ଲେଖନ୍ତୁ ।

- ଆମର ଦର ଖୁବ ଶସ୍ତା ।
- ଆମେ ଅତି ଶୀଘ୍ର ଅର୍ଡର ଅନୁଯାୟୀ ବ୍ଲକ କରି ଯୋଗାଉ ଅଛୁ ।

PHONE 30332

PHOTO ZINCO BLOCKS,
IN LINE HALF-TONE & COLOURS

LANTERN SLIDES,
IN BLACK & WHITE & COLOURS

ENLARGEMENTS
& ATTRACTIVE
DESIGNERS

BRASS
NAME PLATES

ESTD 1897

**D C GAZDAR & SONS**
520 KALBADEVI ROAD BOMBAY

Digitized by srujanika@gmail.com

ସମ୍ପାଦକ - ଶ୍ରୀ ଦେବ ମହାପାତ୍ର ।
ପରିଚାଳନା ସମ୍ପାଦକ - ଶ୍ରୀ ଧୀରେନ୍ ଦାସ ।

କୁଙ୍କୁମ

ପ୍ରଥମ ବର୍ଷ ● ଷଷ୍ଠ ସଂଖ୍ୟା
ମାର୍ଚ୍ଚ ● ୧୯୪୯

# ଶ୍ରୀମତୀ ସରୋଜିନୀ ନାଇଡୁ

ଶ୍ରୀମତୀ ସରୋଜିନୀ ଆଜି ଆଉ ନାହାନ୍ତି । ମାର୍ଚ୍ଚ ୨ ତାରିଖ ସକାଳ ...ଟା ସମୟରେ ତାଙ୍କର ହୃତ୍‌ପିଣ୍ଡ କ୍ରିୟା ବନ୍ଦ ହୋଇ ମୃତ୍ୟୁ ଘଟିଛି । ତାଙ୍କର ମୃତ୍ୟୁରେ ଭାରତ ଜଣେ ଶ୍ରେଷ୍ଠା ଆଦର୍ଶ ନାରୀଙ୍କୁ ହରାଇଛି । ରାଜନୈତିକ କ୍ଷେତ୍ରରେ ଓ କବି ହିସାବରେ ତାଙ୍କର ସ୍ଥାନ ଭାରତରେ ତଥା ପୃଥିବୀରେ ବହୁ ଉଚ୍ଚରେ ଥିଲା । ଶ୍ରୀମତୀ ସରୋଜିନୀ ମହାତ୍ମାଙ୍କର ଜଣେ ସହକର୍ମୀ ଓ ଘନିଷ୍ଠ ବନ୍ଧୁ ଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଆମମାନଙ୍କ ଭିତରେ ସେ ସର୍ବ ପ୍ରଥମ ନାରୀ ଯିଏ ନାରୀ ଜାଗରଣ ଧ୍ୟେୟ କରିଥିଲେ । ସରୋଜିନୀଙ୍କୁ ହରାଇ ଭାରତର ଯେଉଁ ମହାନ୍ କ୍ଷତି ଘଟିଛି ତାହା ପୂରଣ ହେବା ସମ୍ଭବପର ନୁହେଁ ।

ସରୋଜିନୀ ଦେବୀ ୧୮୭୯ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦ ଠାରେ ଜନ୍ମ ଗ୍ରହଣ କରିଥିଲେ । ଡାକ୍ତର ଅଘୋରନାଥ ଚଟ୍ଟୋପାଧ୍ୟାୟଙ୍କର ଏ ହେଉଛନ୍ତି ପ୍ରଥମା କନ୍ୟା । ପିଲାଦିନୁ ସରୋଜିନୀ ଆଦର୍ଶ ଭାବରେ ବଢ଼ି ଆସିଥିଲେ । ଇଂରାଜି, ଫ୍ରେଞ୍ଚ ଓ ପରସିଆନ୍ ଭାଷାରେ ବାଲ୍ୟକାଳରୁ ଶିକ୍ଷା ଗ୍ରହଣ କରିଥିଲେ । ୧୨ ବର୍ଷ ବୟସରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ମାଟ୍ରିକ ପାସ କଲେ । ମାଟ୍ରିକ ପରେ କବିତା ଲେଖିବାକୁ ତାଙ୍କର ସ୍ୱାଭାବିକ ପ୍ରବୃତ୍ତି ଜାତ ହେଲା । ଶେଲୀ, ସ୍ୱିନବର୍ଣ୍ଣ, ଟେନିସନ ପ୍ରଭୃତି ଇଂରାଜୀ କବିମାନଙ୍କର ଲେଖାରେ ବିଶେଷ ଆକୃଷ୍ଟ ହୋଇ ପଡ଼ିଲେ । ୧୩ ବର୍ଷ ବୟସରେ ଛାତ୍ରୀ ଅବସ୍ଥାରେ ସେ ୧୩୦୦ ଧାଡ଼ିର ଗୋଟିଏ କବିତା ଲେଖି ପାରିଥିଲେ । ସେହି ସମୟରେ ସେ 'ମେହେର୍ ମୁନିର୍' ନାମକ ଗୋଟିଏ ନାଟକକୁ ଇଂରାଜିରେ ଲେଖି ନିଜାମଙ୍କୁ ଭେଟି ଦେଇଥିଲେ । ନିଜାମ ଅତିଶୟ ପ୍ରୀତ ହୋଇ ସରୋଜିନୀଙ୍କୁ ଇଂଲଣ୍ଡରେ ପଢ଼ିବା ପାଇଁ ୩୦୦ ପାଉଣ୍ଡ (ବାର୍ଷିକ) ବୃତ୍ତି ଦେଇଥିଲେ ।

ଇଂଲଣ୍ଡରେ ପ୍ରଥମେ ସରୋଜିନୀ King's college ରେ ଅଧ୍ୟୟନ କଲେ । ତାପରେ Girton collegeରେ ପଢ଼ିଲେ । ୧୮୯୮ ଖ୍ରୀଷ୍ଟାବ୍ଦରେ ଭାରତକୁ ଫେରି ଆସିଲେ ଓ ୧୯ ବର୍ଷ ବୟସରେ ଡାକ୍ତର ଗୋବିନ୍ଦ ରାଜୁଲୁ ନାଇଡୁଙ୍କୁ ବିବାହ କଲେ । ସରୋଜିନୀ ବ୍ରାହ୍ମଣ କନ୍ୟା ହେଲେ ମଧ୍ୟ ଅବ୍ରାହ୍ମଣ ନାଇଡୁଙ୍କୁ ବିବାହ କରି ସମାଜ ଭିତରେ ଚହଳ ଆଣିଥିଲେ । ତାପରେ ସରୋଜିନୀ ତାଙ୍କର ତିନୋଟି କାବ୍ୟ ଲେଖିଥିଲେ The Golden Threshold, Bird of time ଏବଂ Broken wing । ଏହି ପୁସ୍ତକ ତିନୋଟି ପ୍ରାୟ ପ୍ରତ୍ୟେକ ଭାରତୀୟ ଭାଷାରେ ଅନୁବାଦିତ ହୋଇ ସାରିଛି । ପରେ ସରୋଜିନୀ ରାଜନୀତି କ୍ଷେତ୍ରରେ ପଶିଲେ ଓ ୧୯୧୩ ଖ୍ରୀଷ୍ଟାବ୍ଦରେ ଲକ୍ଷ୍ନୌଠାରେ ହୋଇଥିବା ମୁସଲିମ୍ ଲିଗ୍‌ର ଗୋଟିଏ ସଭାରେ ହିନ୍ଦୁ ମୁସଲମାନ ଏକତା ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ୧୯୧୫ରେ ଜାତୀୟ କଂଗ୍ରେସ ବୈଠକରେ ସ୍ୱାୟତ୍ତ ଶାସନ ବିଷୟରେ ବକ୍ତୃତା ଦେଇଥିଲେ । ୧୯୧୭ରେ କଲିକତାରେ ଶ୍ରୀମତୀ ବେଶାନ୍ତଙ୍କ ସଭାପତିତ୍ୱରେ ହୋଇଥିବା କଂଗ୍ରେସ ସଭାରେ ଗୋଟିଏ ଅତି ମନୋଜ୍ଞ ବକ୍ତୃତା ଦେଇଥିଲେ । ସେହିବର୍ଷ ମାନ୍ଦ୍ରାଜ ପ୍ରାଦେଶିକ ପରିଷଦରେ ବକ୍ତୃତା ଦେଇ ଦେଇ 'ଅନେକଟି ଅଗ୍ନିକୁ ଗ୍ରହଣ କରିଛନ୍ତି' ପ୍ରଶ୍ନର ଉତ୍ତର ଦେଇ କହିଲେ "କବିର କର୍ତ୍ତବ୍ୟ ନୁହେଁ କେବଳ ସ୍ୱପ୍ନରେ ବୁଡ଼ି ରହି ଜୋସ୍ନା ଉଦ୍ୟାନ ଭିତରେ ପ୍ରାସାଦମାନଙ୍କ ଭିତରେ ବିଚରଣ କରିବା, କବିର ପ୍ରକୃତ ସ୍ଥାନ ହେଉଛି ସାଧାରଣ ଲୋକଙ୍କ ଭିତରେ, ଯୁଦ୍ଧକ୍ଷେତ୍ରର କଠିନତା ଭିତରେ ରହିଛି କବିର ଆତ୍ମା ।

୧୯୧୯ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସରୋଜିନୀ ଦେବୀ ପ୍ରଥମେ ଯୋଗ ଦେଲେ । ସେହିବର୍ଷ ସେ ଇଂଲଣ୍ଡକୁ ଅଖିଳ ଭାରତୀୟ ନାରୀ ପରିଷଦ ତରଫରୁ ଯାଇଥିଲେ । ୧୯୨୦ରେ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ପୁଣି ଇଂଲଣ୍ଡ ଗଲେ ଓ ଭାରତ ବିଷୟରେ ବହୁ ସ୍ଥାନରେ ବକ୍ତୃତା ଦେଇଥିଲେ ।

୧୯୨୨ରେ ମହାତ୍ମା ଗାନ୍ଧୀ ଯେତେବେଳେ ବନ୍ଦୀ ହେଲେ ସରୋଜିନୀ ସେତେବେଳେ ଭାରତ, ସିଂହଳ, ଆଫ୍ରିକା, ୟୁରୋପ ବୁଲି ବୁଲି ଅସହଯୋଗ ଆନ୍ଦୋଳନ ବିଷୟରେ ପ୍ରଚାର କଲେ ।

୧୯୨୫ରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତିତ୍ୱ ଗ୍ରହଣ କରିଥିଲେ । ୧୯୨୮ରେ ସେ ଆମେରିକା ଯାଇ ତାଙ୍କର ବକ୍ତୃତାରେ ସେଠାରେ ଲୋକଙ୍କୁ ମୋହିତ କରିଥିଲେ । ସେଣୁ ଫେରି ଅସହଯୋଗ ଆନ୍ଦୋଳନରେ ନେତୃତ୍ୱ ନେଲେ ଓ ଜେଲ ଗଲେ । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଭାରତୀୟ ନାରୀ ପରିଷଦ ତରଫରୁ ସେ ଯୋଗ ଦେଇଥିଲେ ।

୧୯୪୨ରେ 'ଭାରତ ଛାଡ଼' ଆନ୍ଦୋଳନରେ ବନ୍ଦୀ ହେଲେ । ୧୯୪୩ ମାର୍ଚ୍ଚ ୨୨ ତାରିଖରେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଜେଲରୁ ମୁକ୍ତ କରି ଦିଆଗଲେ ଓ ଭାରତୀୟ ଶାସନ ବିଧାନ ଓ ରାଜନୈତିକ ଚର୍ଚ୍ଚାରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

୧୯୪୭ ଅଗଷ୍ଟ ୧୫ରେ ଯୁକ୍ତ ପ୍ରଦେଶର ଗଭର୍ଣ୍ଣର ନିଯୁକ୍ତ ହେଲେ ଓ ଗଭର୍ଣ୍ଣର ହିସାବରେ ତାଙ୍କର ଖ୍ୟାତି ବଢ଼ି ଯାଇଥିଲା । ୧୯୪୭ରେ ହାଇଦ୍ରାବାଦର ଓସମାନିଆ ବିଶ୍ୱବିଦ୍ୟାଳୟ ତାଙ୍କୁ D'Lit ଉପାଧି ଦେଇଥିଲେ । ସେହିବର୍ଷ ବନାରସ ବିଶ୍ୱବିଦ୍ୟାଳୟରୁ ମଧ୍ୟ ସେ Doctor of Letters ଉପାଧି ପାଇଥିଲେ


ଶ୍ରୀମତୀ ସରୋଜିନୀ ନାଇଡୁଙ୍କର ନାରୀତ୍ୱ ଓ ଭାଷାର ଯାଦୁକ ଅସଂଖ୍ୟ ଅସଂଖ୍ୟ ଲୋକଙ୍କୁ ମୁଗ୍ଧ କରି ଦେଇଥିଲା । ଏକ ତାଙ୍କ ବାଣୀରେ କବିତା ଅକାତ ଧାରରେ ବହୁଥିଲା । ତାଙ୍କର ବକ୍ତୃତା ଲାଳିତ୍ୟ ପୂର୍ଣ୍ଣ ଥିଲା, ତାଙ୍କର କଣ୍ଠସ୍ୱରରେ ... ଥିଲା ସେଥିପାଇଁ ତାଙ୍କୁ 'Nightingale of India' ବା 'ଭାରତର ବୁଲବୁଲ' ବୋଲି ସମସ୍ତେ ଜାଣିଥିଲେ ।

ତାଙ୍କର ଧାରଣା, ତାଙ୍କର ଶିକ୍ଷାଦୀକ୍ଷା, ତାଙ୍କର ... ବକ୍ତୃତା ଭାରତ ତଥା ବିଦେଶରେ ଭାରତୀୟ ନାରୀର ଆଦର୍ଶ ଦେଖାଇ ଯାଇଛି । ତାଙ୍କର ରସିକତା ଗୁଣ ଯୋଗୁଁ କଂଗ୍ରେସ କାର୍ଯ୍ୟକାରୀ ସମିତି ଠାରୁ ଆରମ୍ଭ କରି ଯେକୌଣସି ଗାମ୍ଭୀର୍ଯ୍ୟ ପୂର୍ଣ୍ଣ କିମ୍ବା ନୀରସ ବାତାବରଣରେ ମଧ୍ୟ ହସର ଲହର ଖେଳାଇ ଦେଇ ଯାଉଥିଲେ । ଶ୍ରୀମତୀ ସରୋଜିନୀ ଏ ଯୁଗର ଭାରତର ଶ୍ରେଷ୍ଠା ମହିଳା ଥିଲେ ।

ଶ୍ରୀମତୀ ସରୋଜିନୀଙ୍କ ମୃତ୍ୟୁରେ ଆମେ ଏକାଧାରରେ ଜଣେ କବି, ବିଦୁଷୀ, ବକ୍ତା, ନେତ୍ରୀ ଏବଂ ଗଭର୍ଣ୍ଣରଙ୍କୁ ହରାଇଛୁ । ତାଙ୍କର ସ୍ଥାନ ବର୍ତ୍ତମାନ କିମ୍ବା ଭବିଷ୍ୟତରେ କେହି ପୂରଣ କରି ପାରିବେ ବୋଲି ଆମେ ବିଶ୍ୱାସ କରିପାରୁ ନାହିଁ । ତାଙ୍କ ପାଇଁ ଆଜି ଜାତି କାନ୍ଦୁଛି ।


ଆମେ ଶ୍ରୀମତୀ ସରୋଜିନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ ।

Digitized by srujanika@gmail.com




# ବୁଦ୍ଧିର ଦୌଡ଼

## ଶ୍ରୀମତୀ ବସନ୍ତ କୁମାରୀ ଦେବୀ



ଭାବି ଦୁଃଖରେ ପଡ଼ିଛି ଶଶୀ- ସୁଲତା ମୋଟେ ଗାଇବ ପାଇଁ ରାଜିଥିଲା କିନ୍ତୁ ଦୁଇମାସ ପୂର୍ବେ ଦେବାକୁ ଚେଷ୍ଟାରେ ଯେଉଁମା ବିଷୟରେ ଭାବି ଚିନ୍ତା କରୁନାହିଁ । ସମସ୍ତ ପ୍ରକାର ଉପାୟ ପ୍ରୟୋଗ କରିବାରେ କିଛି ମାତ୍ର ତ୍ରୁଟି କରିନାହିଁ ଶଶୀ ଏ ଭିତରେ । ଉପନ୍ୟାସରୁ, ନିଜ ମସ୍ତକରୁ ଉଦ୍ଭାବନ କରି ନାନା ଗୋଲାପି ଅତର ଗନ୍ଧ କାଗଜରେ ପ୍ରାୟ ଶତକ ସୁନ୍ଦର ଚିଠି ଦେଇଛି - ଚିଠିରେ କେତେ ଅନୁନୟ, ବିନୟ, ଖୋସାମଦ, ଧମକ ପ୍ରଭୃତି ପ୍ରକାର ଭାବ ପ୍ରକାଶ କରିଛି କିନ୍ତୁ ସବୁ ବ୍ୟର୍ଥ ! ଏପରିକି ସୁଲତା ଶୀଘ୍ର ନ ଆସିଲେ ଯେ ତାର ଅକାଳ ମୃତ୍ୟୁ ନିଶ୍ଚିତ, ନହେଲେ ସେ ଯେ ଦେଶାନ୍ତରୀ ହୋଇଯିବ ବା ଆତ୍ମହତ୍ୟା କରିବ, ସେ ସବୁ ପଢ଼ି ମଧ୍ୟ ସୁଲତା ଆଦୌ ବିଚଳିତ ହୋଇନାହିଁ । ଲେଖା, ଭୟାଣୀ ପତ୍ରରୁ ଅବନମ୍ର କରି ଶାସ୍ତ୍ରୀୟ ଭାଷା ପର୍ଯ୍ୟନ୍ତ ଭାଷା ପ୍ରୟୋଗ କଲେ ମଧ୍ୟ ସେଥିରେ କିଛି ଫଳ ଫଳିଲା ନାହିଁ, ଶଶୀ ହତାଶ ହୋଇଗଲା ।

ସ୍ତ୍ରୀଙ୍କୁ ବାପଘରୁ ଶାଶୁଙ୍କ ନିକଟେ ଯାଇ ନେଇ ଆସିବାରେ କୁଳର ପ୍ରଧାନ ବାଧା ଥିଲା ବିଶ୍ୱର । ସ୍ୱାର୍ଥୀ ଭଗ୍ନୀଙ୍କୁ କୁତ୍ସିତଭାବେ ଗୃହିଣୀ ରଖି ଯେଉଁ ଦୁଃଖ ଭୋଗ କରିଅଛନ୍ତି ସୁଲତା, ସେହି ଦୁର୍ଭେଦ୍ୟ ଶ୍ୟାଳୀକା-ବ୍ୟୂହ ଭେଦ କରି ଯିବା ଶକ୍ତି ଭଗବାନ ଶଶୀକୁ ଦେଇ ନାହାନ୍ତି । ଏହି ଦୂରରୁ ସମସ୍ତେ କରନ୍ତି ସେମାନଙ୍କର ଦୋଷ ଦିଅନ୍ତି । ଖୁବ ବିଷାଦ ହେବା ଭଳି ଥିଲେ ମଧ୍ୟ ସୁଲତାକୁ ପାଇବା ଆଶାରେ ଅଣ୍ଡା ସେ ପ୍ରାଣପଣ ତା ଭିତରେ ପଶି ବସ୍ତା ହେବାକୁ ଚେଷ୍ଟା କରିଥାନ୍ତା କିନ୍ତୁ ଏତେ ବିପଦ ଉପରେ ବିପଦ ଶୃଙ୍ଖଳା ଯେପରି ତାର ଶ୍ୟାଳକ ଯାହି ଏ ପଥେ ତାକୁ ବାନ୍ଧି ରଖିଛି । ଆଦୌ ଯୁଝି ନାହିଁ । ପୂଜ୍ୟପାଦ ଶ୍ୱଶୁର ଓ ଶ୍ୟାଳକ ରମେଶଙ୍କ ନିକଟକୁ ପରେ ପରେ ଦୁଇ ଚିଠି ଦେଲାଣି - ସେମାନେ ମଧ୍ୟ ନୀରବ - ବୋଧହୁଏ ଦୁଇମାସ ପର୍ଯ୍ୟନ୍ତ ସୁଲତାକୁ ସେମାନଙ୍କ ପାଖକୁ ନ ପଠାଇଥିବା ପାଇଁ ସେମାନେ ବର୍ତ୍ତମାନ ପ୍ରତିଶୋଧ ନେଉଛନ୍ତି । ସୁଲତା ଭାରି ଭଦ୍ରଶୀଳ ଥାଇ, ନିଜର ଝୁଲାଝୁଲାକୁ ଶାଳୀଙ୍କ 'ଆମୋଦରେ ତୁମେ ଭଲରେ ଥିବ' ଲେଖି ନିଜର କର୍ତ୍ତବ୍ୟ ଶେଷ କରିଦେଉଛି ପ୍ରତ୍ୟେକ ଚିଠିରେ । ପୁଣି ଶଶୀ ଏ କେତେଦିନ ହେଲା ଚିଠି ପଠାଇବା ବନ୍ଦ କରି ଆଉ ଉପାୟ ଖୋଜିବାରେ ଲାଗି ଯାଇଛି । ତା ମସ୍ତିଷ୍କର ଅଧିକାଂଶରେ କଣ ଏତେ ଟିକେ ବୁଦ୍ଧି ନାହିଁ ? ଶଶୀ ଯେ ସୁଲତାର ଏହି ଅନ୍ୟାୟ ବ୍ୟବହାର ଶୁଣିବା ମାତ୍ରେ ଦେଶାନ୍ତରୀ ହେବ ବା ଆତ୍ମହତ୍ୟା କରିବ ଏ ଯେ ଭୁଲି ନାହିଁ, ତା କୁହନ୍ତି, ଭାବିଛି ଅନେକ ଥର ଏତେବ କି ତା ବିବେକ ତାକୁ ମନା କରି କହିଛି "ଲତାର ତା ହେଲେ - କଣ ଗତି ହୋଇଯିବ ! ଏ ତ ଆଉ ଆଗ ଭଳି ଯୁଗ ନୁହେଁ ଯେ ସେ ବିଧବା ହୋଇ ଆଜୀବନ ଏକାଦଶୀ ପାଳିବ ବା ପତିବ୍ରତା ହୋଇ ଜୀବନଯାକ ତାକୁ ପ୍ରତୀକ୍ଷା କରି ରହିଁ ବସିଥିବ- କେଉଁ ଏକାରେ ସୁଲତା ଯେ ପୁଣି ବାହା ନ ହେବ ତାର କି ପ୍ରମାଣ ଅଛି ! ମଣିଷ ଶଶୀର ଆତ୍ମହତ୍ୟା ଭାବନାଟି ଦୀର୍ଘସ୍ଥାୟୀ ହୋଇ ନ ପାରି ହେବ । ସ୍ତ୍ରୀଜାତିକୁ ବିଶ୍ୱାସ କରିବ ନାହିଁ ୟେ ଶାସ୍ତ୍ରବଚନର ସତ୍ୟତା ହାତେ ହାତେ ବୁଝିଲାଣି ସେ —

• • • •

"ଶଶୀ ମାଉସୀଙ୍କର ଶେଷ ସମୟ ଉପସ୍ଥିତ" - ଟେଲିଗ୍ରାମ ଟି ପାଇ ସୁଲତାର ପିତା ସ୍ତମ୍ଭ ହୋଇଗଲେ । ହଠାତ କୁଆଡୁ କିଛି ଖବର ନାହିଁ - ଏ କି ଦୁଃସମ୍ବାଦ ! ସୁଲତା ପଥର ପାଲଟିଗଲା । ଶଶୀକୁ ଜବ୍ଦ କରିବା ପାଇଁ ତାଙ୍କର ଶତ ଶତ କାତର, ମଧୁର, କ୍ରୋଧ, ଅନୁରୋଧ ଏତିକି ରହିଥିଲା । ଶଶୀର ଚରିତ୍ର ସ୍ୱଭାବ ତାକୁ ଠିକ ଜଣାଥିଲା ସେ ହେତୁ ସମସ୍ତ ପ୍ରକାର ଉପାୟ ଦେଖାଇ ମଧ୍ୟ ଶଶୀ ଜିତି ପାରି ନ ଥିଲା - କିନ୍ତୁ ଏ କଣ ? ଟ୍ରେଣ

ଗୋଟିଏ କୌତୁକର ଆଶ୍ରୟ ନେଇ ଏ କି ଭୀଷଣ ପରିଣାମ ! ସ୍ୱାମୀଙ୍କର ମଧୁର ଚିଠିର ସୁମଧୁର ଆହ୍ୱାନ ଗୋଟି ଗୋଟି ହୋଇ ମନେ ପଡ଼ିଲା - ତାର ସ୍ମୃତି ଯେପରି ଫାଟିଗଲା - ବାରମ୍ବାର ଗୋଟାଏ ଭୀଷଣ ଆଶଙ୍କା ଆସି ଥାଇ ଦେଖୁ ତାକୁ - ସେ ପହଞ୍ଚିଲା ବେଳକୁ ସ୍ୱାମୀ ବଞ୍ଚିଥିବେ ତ ? ହେ ଈଶ୍ୱର !

ରମେଶ ନ ଥିଲା - ବମ୍ବେ ଯାଇଥିଲା । ବୃଦ୍ଧ ପିତା ତାଗିଦି ପଡ଼ି ପରିବାରଙ୍କ ସାଙ୍ଗ ନେଇ ସେ ଯେଉଁ ଅବସ୍ଥାରେ ଥିଲେ ସେହି ଅବସ୍ଥାରେ ବାହାରି ପଡ଼ିଲେ । ଆତ୍ମୀୟ ଶୂନ୍ୟ ବିଦେଶ ଜାଗା, ଶଶୀ ଯେ କି ଅବସ୍ଥାରେ ପଡ଼ିଥିବ - ଲୋକ ପ୍ରତିବାସୀ ଯଦି ବା ସାହାଯ୍ୟ କରିପାରିବ ! ଏଥିପାଇଁ ଶେଷ ଅବସ୍ଥା ହେଲା ପର୍ଯ୍ୟନ୍ତ ଶଶୀ କାହିଁକି କିଛି ଖବର ଦେଲାନି ଇତ୍ୟାଦି ବନନା ଜିନିଷଙ୍କ ସଙ୍ଗେ ଆଲୋଚନା କରୁଥିଲେ କ୍ରନ୍ଦନରୁଦ୍ଧ କଣ୍ଠରେ । ଅନୁତାପାନଳରେ ଲତାର ହୃଦୟଟା ଜଳି ପୋଡ଼ି ଯାଉଥିଲା । ମାଆ ଆଉ ବାପଙ୍କ ପାଖକୁ ଶଶୀ ଯେତେ ଚିଠି ଦେଇଥିଲା, ସେ ମାନ ଦେଖିବା ପାଇଁ ଲୁଚାଇ ଦେଇଛି - ବାପା, ମା କୁଆଡୁ ବୁଝିବେ ଏହାର ସେ ଦୋଷରୁ ବଜ୍ର ଭାଙ୍ଗି ପଡ଼ିବ । ନୟନ ଜଳରେ ବକ୍ଷସ୍ଥଳ ତାର ତିନ୍ତିଗଲା - ଓଃ କାହିଁକି ଶଶୀଠାରୁ ଦୂରରେ ରହିବା କୁବୁଦ୍ଧି ତା ମୁଣ୍ଡରେ ପଶିଲା !

• • • •

କେଶ ଶୋଭିତ ମୁଖରେ ଶଶୀ ଶଙ୍କିତ ହୋଇ ବସିଥିଲା ।

ଗାଡ଼ି ରହିବା ଶବ୍ଦରେ ଚମକି ଉଠିଲା ସାଟ ଦେଇ ଯାଇ ଦେଖିଲା, ସେମାନେ ତାର ଭିତରେ ପଶି ହୋଇଗଲେ । ଏତେଦୂର ଆଶା କରିନଥିଲା ସେ । ତାର କୁଞ୍ଚିତ ଭ୍ରୁଲତାରେ ରମେଶ ଆଉ ଲତା ଯେ ପଡ଼ିଆ ପୁରି ଦୋଷ ଦେବେ ସେ ବିଷୟରେ ତାର କିଛି ସନ୍ଦେହ ନଥିଲା କିନ୍ତୁ ତ ଯେ ଗୋଟା ପରିବାର ଯାକ ଉପସ୍ଥିତ ! ମିଥ୍ୟା ତାର ଯେ ତିନ୍ଦୁ ନାମରେ ପଠାଇଥିଲା ଚତୁରୀ ସୁଲତାକୁ ଜବ୍ଦ କରିବା ପାଇଁ - ଏଇ କେତେ ମିନିଟ ଆଗେ ସେ ମନେମନେ ଆତ୍ମପ୍ରସାଦ ଅନୁଭବ କରୁଥିଲା, ତାର ବୁଦ୍ଧିକୁ ରମେଶ ପ୍ରଶଂସା ନ କରି ରହି ପାରିବନି ବୋଲି କିନ୍ତୁ ତା ପରିବର୍ତ୍ତେ ସେ ବର୍ତ୍ତମାନ ଯେ କେତେବେଳେ - ବାସ୍ତୁହୀନ ଶାପ କରି ପକାଇଛି ଭାବି ତାର ବୁଦ୍ଧି ହଜିଗଲା ।

ଲମ୍ବା ଯାତ୍ରା, ବିପଦ ଆଶଙ୍କାହେତୁ ଯାତ୍ରୀମାନଙ୍କ ଚେହେରା କଳାଠ ପଡ଼ି ଯାଇଥିଲା । ଶାଶୁଙ୍କର ହୋଇ ଯେଉଁ ଗାଡ଼ିରେ ଶଶ ନାହାରିତି । ଗୋଟା ବାରଣ୍ଡାରେ ସେ ଦ୍ୱାରରେ ବକ୍ଷ ଗୁଡ଼ି ଧରି ବସି ପଡ଼ିଛନ୍ତି । ସୁଲତା କାନ୍ଦିକି ଅଧିକ ପଡ଼ିଛି - ତାର ଆରକ୍ତ ନୟନ, ରକ୍ତଶୂନ୍ୟ ମୁହଁ ଦେଖି ଶଶୀର ଛାତିଟା ଧକ୍‌କଲା । ଆଶଙ୍କାରେ ସମସ୍ତେ ବିବର୍ଣ୍ଣ । ଶ୍ୱଶୁରଙ୍କ କଣ୍ଠରୁ ...

Kumkuma 1(06)Mar1949 - 4
Digitized by srujanika@gmail.com

Kumkuma 1(06)Mar1949 - 5





—ରଘୁଆର ମୁହଁରୁ "ବାବୁଙ୍କ ମୁଣ୍ଡ କିମିତି ଫାଟିଛି" ଶୁଣି ସୁଲତାର ପିଲାଙ୍କ କଲିଜା ପାଣି ହୋଇଗଲା । ସୁଲତା ସେଇଠି ମୂର୍ଚ୍ଛିତ ହୋଇ ପଡିଗଲା । ସମସ୍ତଙ୍କ ମୁହଁରେ କୋଟାଏ ଆଶଙ୍କାର ଛାୟା ଉଠିଲା ।

ଶ୍ୱଶୁରେ ଯାଇ ଜୁଆଇଁଙ୍କୁ ଗଡୁଚି ଧରିଲେ । ଆଖିରୁ ତାଙ୍କର ଲୁହ ବହୁଥିଲା । ମଶାଣି ଭୁଣି ପଡିଥିଲେ କୋପ ଉପରେ — ଏତେ ବିପଦରେ ମଧ୍ୟ ସ୍ୱାମୀଙ୍କୁ ଶାଢ଼ୀ ଯୋଡି ହୋଇଥିବା ଦେଖି କଲ୍ୟାଣୀ ହସି ପକାଇ ଥିଲା ।

ବିଚାରୀ ଶଶୀର ଶୁଖି ଯାଇଥିବା ମୁହଁକୁ ଦିନାର ସୁବ୍ୟବସ୍ଥା ନିମିତ୍ତରେ ହୋଇ ଯାଇ ଥାଆନ୍ତା କିନ୍ତୁ ଶଶୀ କହିଥିଲା ତାର ମଧ୍ୟମା ଶାଳୀକୀ — କଲ୍ୟାଣୀର ବୁଦ୍ଧିର ପ୍ରଶଂସା କରୁ"— ବୁଦ୍ଧିମତୀ କଲ୍ୟାଣୀ କୁଆଡେ ଶେଯର ପାଖେ ଶେଯର ବା ଶେଯା ମୁହଁରେ ଉଲ୍ଟାଇ କୌଣସି ଲକ୍ଷଣ ନ ଦେଖି ସନ୍ଦେହାକୁଳ ସ୍ୱରରେ ରଘୁଆକୁ ନିର୍ଦ୍ଦେଶ ଦେଇ, ଶଶୀର ସେଇଦିନ ବ୍ୟତୀତ ଆଉ କେବେ ଶରୀର ଅସୁସ୍ଥ ନ ଥିବା କଥା ଜାଣି ପାରିଲା ।

ଶଶୀ ବାବୁ ଏକାନ୍ତରେ ନୀରବ ରହିଥିଲେ । ଏତେ ଚେଷ୍ଟା ସତ୍ତ୍ୱେ କେହି ତାଙ୍କ ମୁହଁରୁ ପଦେ କଥା ବାହାର କରି ପାରି ନ ଥିଲେ, ତେବେ କଲ୍ୟାଣୀ ମୂକ ଶଶୀର ମୁହଁରୁ [illegible] ଭୟ ଦେଖାଇ ଧମକାଇ, ଚମକାଇ ତା ମୁହଁରୁ ସବୁ କଥା ବାହାର କଲା ।

ଶ୍ୱଶୁର ମହାଶୟ ହସିବେ କି କାନ୍ଦିବେ କିଛି ଠିକ କରି ପାରୁ ନ ଥିଲେ । କାରଣ ସୁଲତାର ବୃଦ୍ଧା ମାତା ସେତେବେଳକୁ ଶଯ୍ୟାଶାୟିନୀ ହୋଇ ପଡିଥିଲେ ।

ସେ ଦ୍ୱାରରେ ହାତ ମାରି ଡାକିଦେଲି ।

ବିଚାରୀ ଶଶୀ ଥିଲା ଅତି ଭଲ ମଣିଷ । ଏଣେ ଶୁଣୁ ବିପର୍ଯ୍ୟୟ ଦେଖି ସେ ଥାଁ ଥାଁ ହୋଇଗଲା । ଶ୍ୱଶୁର ତ ଆଉ ଶାସନ କରୁଛନ୍ତି ସେ ସେ ତାଙ୍କୁ ସତ କଥା ଜଣାଇ ପାରିବ । କଣ କରିବ ? କଣ କହିବ ? କିପରି ବା ପୂଜ୍ୟପାଦ ଶ୍ୱଶୁରଙ୍କ ଆଗରେ ମୁହଁ ଦେଖାଇବ ? ସେ ପରେ ଦ୍ୱାରରେ ଆଘାତ ପରେ ଆଘାତ ପଡିଲାଣି — ପୁରୁଣା ଚାକର ରଘୁଆ ଡାକୁଥିଲା, ହଠାତ୍ ଶଶୀ ତାର ବାଁ ହାତଟା ଟେକି ଧରି ସବୁ ଯୋଗାଡ଼ି ଆଣିଲା ଘର ଭିତରକୁ । ସେ ଅଥଚ ଉତ୍ତେଜିତ କଣ୍ଠରେ କହିଲା, "ଦେଖ ରଘୁ, ମୁଁ ଏଇ ଶେଯରେ ଶୋଇଛି, ତୁ ଗୁଡ଼ାଏ ନାନା ବାନ୍ଧି କମ୍ବଳଟା ଆଣି ମୋତେ ଘୋଡାଇ ଦେ - ଆଉ ଯେଉଁ ଯାକୁ ଆସିଛନ୍ତି ତାଙ୍କୁ କହିବୁ ବାବୁଙ୍କ ଦେହ ଆଜି ଟିକେ ଭଲ ଅଛି ।"

ରଘୁଆ ତ ଅବାକ୍ - ମାଲୋ ! ବାବୁ କଣ କହୁଛନ୍ତି ଏ ସବୁ ! ସେ କହି ପକାଇଲା 'ଆଜ୍ଞା କଣ କହୁଛନ୍ତି ! କା-କାହିଁକି କମ୍ବଳ ଘୋଡେଇବି ତୋଙ୍କୁ ଏ ଦିପହର ବେଳେ ?"

ଶଶୀ ଉଦ୍‌ଭ୍ରାନ୍ତ ପରି ତା ପାଟିଟା ହାତରେ ଚାପି ଧରି କହିଲା, "ପାଜି, ତୁ କି କରି କଥା କହି ପାରୁନୁ ? ଦେଖ, ମୁଁ ଯାହା କହୁଛି କର — "ତେବେ ଦ୍ୱାର ବାଜିବାର ଉପକ୍ରମ ହେଲାଣି । ଶାଶୁ ଯୋଏ କାନ୍ଦୁଛନ୍ତି । ଶେଷରେ ହୋଇ ଶଶୀ କୌଣସି ଯାଇ ଶୋଇବା ଗୁଡ଼ାଏ କାଢ଼ି ତେଇଟା ଯୋଡି ହୋଇ ଫିସ୍ ଫିସ୍ କରି କହିଲା — "ଦେଖ ପାଜି, ମୁଁ ଯାହା କହୁଛି ତା ଯାଇ କହିବୁ ନହେଲେ ହାତମାଡ଼ାରେ ମୁଣ୍ଡ ଫଟାଇ ଦେବି —"

କାନ୍ଦ କାନ୍ଦ ହୋଇ ରଘୁ କହିଲା - "ବାବୁ, ତେ ମୁଣ୍ଡ କଣ କିମିତି ଗଲା ? ମୋର ବିପଦ କିଛି ହୋଇବି, ମୁଁ ନା-ହିଁ — "

"ପାଜି !" ଗର୍ଜ୍ଜି ଉଠିଲା ଶଶୀ । "ଚୁପ୍ କରିବି ପାଜିଟା" ଶେଷରେ ଶେଯ ଉପରୁ ଡେଇଁ ପଡିଲା ଶଶୀ । ବାସ୍ତବରେ ବାବୁଙ୍କ ସିନ୍ଦୁ ମୂର୍ତ୍ତି ଦେଖି "ମରିଗଲି ମୁଁ ଯୋଉ" ରଡି ଛାଡି ରଘୁ ଦାଣ୍ଡରେ ଯାଇ ହାକିଲା । ତେବେ ହୋଇ ଶଶୀ ଯାହା ଚାହୁଁଥିଲା, ତା ଯୋଡି ହୋଇ ଯାଇ ପଡିଲା ।



"କାଲି ଶୁଣିବା ମୋର କଣ ନିଦ ହେବନି, ପଡିଶାଘରେ ଏତେ ଅଧ ରାତେ କଣ ଆ ଲୁଚିଥିଲା"

"ଅସଲରେ ପଲେଇ ଶୋଇଥିଲ ।"

"ନାହିଁ ମୁଁ ଶୁଣୁଥିଲି କାଲେ ସେ ତୋର ଅସୁସ୍ଥ ନହି ପାରନ୍ତି"

Digitized by srujanika@gmail.com

Kumkuma 1(06)Mar1949 - 6



# କୁଙ୍କୁମ ବିନ୍ଦୁ

ଶ୍ରୀ ଜୀବନାନନ୍ଦ ପାଣି ।

ଯଥା ଦୀନ ତୁମ ପ୍ରାଣର ଏକ୍ତିଂ ମଧୁ ମଧୁ ଗନ୍ଧ ସ୍ରୁତେ
ପଡ଼ିବି ପ୍ରଣୟ ଆଗନର ତେଜ ଜାଗେ ଥିଲ ନବ ମନ୍ତ୍ରେ,
ନିର୍ଦ୍ଦେ ସିନ୍ଦୁର ଅନ୍ଧୁକ ବ୍ୟର୍ଥେ କୁଙ୍କୁମ ଶୋଭା ଦେବ
ତରୁଣୀର ଶୁଭ ରକ୍ତିମ ଗଣ୍ଡ କୁମୁଦେ ଦେଖୁ ଛାଇ ।
ସିନ୍ଦୁର ପରଶ ମଦିର ମାତାଳ ତରୁଣୀ ପ୍ରିୟର ନବେ,
ସରମୀ କଅଁଳ ପଡ଼ିକିଲି ଥିଲ ; ଅର୍ଦ୍ଧ ନିମୀଳିତ ନୟନେ ।
ସେଦିନେ ଶ୍ରାନ୍ତକ୍ଳାନ୍ତ ଶରୀର କହେ ଥିଲ ଭରି
ପ୍ରଥମ ଦେହରୁ କୁଙ୍କୁମ ବିନ୍ଦୁ ଅନୁଭବ ଥିଲ କରି ।
ମନ ଗହ୍ୱରର ଗୁପ୍ତ ଗହନ କାମନା ଯା' ସୁନ୍ଦର,
ଉତ୍କଳ ଯୌବନ ଶୀର୍ଷତା ଆନାନ ଯାହେ ପାଇ ମାନେ ହାର ।
ଯଥା ପ୍ରଭାତ ସୁନ୍ଦର ସମ୍ଭ୍ରମେ ଆକୁଳ ସ୍ୱାଗତ କରେ
ନିବେଦନ ଭରି ଶୁଭ ମୁହୂର୍ତ୍ତେ ପାଏ ତା ତୁମରି କରେ ।
ଉଷତ ଶୁଭ୍ର ପ୍ରଣୟୀ ତୁମରି ଦୀପ୍ତ ମୂରତି ଦେହ
ଯାଥା ତୁଳେ ତାର ଗତ ବର୍ଷର୍ଷେ ସୁନ୍ଦର୍ଯ୍ୟ ଭରି ଯାଏ ।
ତୁଳସୀ ଅବଳା ଅନ୍ତର ଅନ୍ତରା ବନ୍ଧନ ପ୍ରତୀକ ତୁମେ,
ରମଣୀ ହୃଦର ଗରିମା ରୂପର ରଶ୍ମି ତୁମରି ତୁମେ ।
କୋମଳ କପୋଳେ ବିଶ୍ୱ ବିଜୟ ଆଙ୍କି ତୁଳଗର ସାଥେ
କୁଙ୍କୁମ ତବ ଆଗମନ ଶିର ଦୀପ୍ତି ବିସ୍ତାରିତ ପଥେ ।
ଶ୍ରେଷ୍ଠ କାମନା ରେମ ସୁଯୋଗ ଅପୂର୍ବ ସମାବେଶ
ରକ୍ତ ଉଦ୍ୟମରି ତୋରଣ ସବିତା ସମ ତବ ରୂପ ଆସେ ।
ଉର୍ଦ୍ଧ୍ୱ ତୋରଣ ବର୍ଣ୍ଣ ଗଗନେ; ତପନ ଗୃହିନା ସ୍ୱଣି
ଚଞ୍ଚଳ ଦିଗନ୍ତେ ବିସ୍ମିତ ତୁମ ଗୋଲାପ ପାଏ ଭାସି ।
ଗୋଲାପୀ ରଙ୍ଗ ସାଥେ ମୋଧୁରି ସ୍ପର୍ଶିତ ତବ ବର୍ଣ୍ଣେ,
ଅଳସ, ଶେଫାଳି, ଅଗୁରୁ ଗନ୍ଧ ତବ ଗୌରବ ଗାଏ ।
ଏପରି କୁଙ୍କୁମ ନବ ଆଦରଣେ ଆଶ୍ଳଷି ତବ ତନୁ
ଆଜ ଗୁଡ଼ି ବାଣୀ କଳ୍ପନ ଯାଏ ସ୍ୱପ୍ନ କଳ୍ପନା କରୁ ।
ଆନନ୍ଦ ତୁମ ସ୍ନିଗ୍ଧ କାମ୍ୟର ଝଙ୍କାରେ ଦେଇ ଭରି,
ଆସାନ - ତୁଙ୍ଗ - କବିତା ମଧୁରେ ପୁଲକ ସୃଷ୍ଟି କରି ।

●

# ମାତୃଭାଷା

ଶ୍ରୀମତୀ ସରସ୍ୱତୀ ଦେବୀ ।

ମାତୃଭାଷା ବିନା ଦେଶର କାହିଁ ହେବ ଉନ୍ନତି,
ମାତୃଭାଷା - ପଦ ସେବାରେ ପ୍ରଭୋ ! କରଅ ବ୍ରତୀ !
ଆନଭାଷା ହେଉ ପଛକେ ସହସ୍ର ସୌନ୍ଦର୍ଯ୍ୟେ ପୂର୍ଣ୍ଣ,
ହେଉ ପଛକେ ହେ ମୋ ଭାଷା ଦୀନା, ଲୁଣ୍ଠିତା ଦୀନା !
ତଥାପି ମୋ ଭାଷା ମୋ ପକ୍ଷେ ଜାଣ ହିତ କରେଣୀ,
ସେବି ତାର ପଦ - କମଳ ହୋଇଲାକି ଧନ୍ୟ ମନ୍ୟା !!

●

# ଗୋଟିଏ ଦିନ —

ଶ୍ରୀ ଗୋପୀନାଥ ବେହେରା ।

ଗୋଟିଏ ଦିନର ଜୀବନ ବେଦୀକା ମୂଳେ,
ରଚିଥିଲ ତୁମେ ପ୍ରିୟତ୍ତେ ମଧୁର ଖେଳ,
ଆଜି କେଉଁ ଛଳେ ଅନ୍ତର ମମ ତୁଳେ,
ଭ୍ରାନ୍ତ କି ତୁମେ ହେଲ ...... ?
ଗୋଟିଏ ଦିନର ମଧୁବେଳା ଶେଦିଗୁଣି
ଅନଳକ ଭରୁ ପାସୁଣେ ଦେଉଛି ଯତ୍ନା,
କ୍ଷଣିକ କିମ୍ପାଇଁ ହୋଇଥିଲ ମମ ସାଥୀ,
ନ ଥିଲୁ ପ୍ରାଣେ କି ଦୟା ..... ?
ଗୋଟିଏ କୁସୁମ ମଧୁ ନେବା ପାଇଁ ହରି,
ତୁମେ ଆସିଥିଲ ସୁନ୍ଦର ନନ୍ଦନ ବନେ,
ଭୁଲି [illegible] ଦେ ପ୍ରାଣ ପୁଲକାଇ ଦେଇ,
ଅତୀତ କିଶୋରି ମନେ ..... ?
ଯାଉଛି ସେ ଦିନ ରହିଛି ଅତୀତ କଥା
ଆସିଥିଲ ଯେଉଁ ପ୍ରିୟତମେ ମୋହରି ପାଶେ
ତୁମ ବିରହରେ ଭିଜେ ଆଜି ଆଖି ପତା,
ଯେଉଁ ଆହୁଁ ମମ ପାଶେ ...... ।

●

# କୁଙ୍କୁମ

ଶ୍ରୀ ଦିବାକର ମିଶ୍ର ।

ବଣିକ ସାଧକ ତଙ୍ଗା ବୁଡ଼ିଛି ଅକୂଳ ଅତଳ ତଳେ
ଆକୁଳ କ୍ରନ୍ଦନ ବେଳି ଯାଉଅଛି କୁଞ୍ଜିଆ କଳକଳେ ।୧।
ଉଜ୍ଜ୍ୱଳ ତୁଙ୍କୁ ଭିଜିନି କିନ୍ତୁ ଅତୀତ ଗୌରବ ଗାଥା
ଧର୍ମପଦର ଭଙ୍ଗା ପଥରୁ ଲୁଚି ଲୁଚି କହେ କଥା ।୨।
ନଗ୍ନ ପ୍ରାଣେ ଲୁଣ୍ଠିତ ନୀରେ ଦୁଃଖ ଦେଖେ ଦୂରେ ଦୂରେ,
ସିକତା ପୁଞ୍ଜ ତୁଲେ କଣ୍ଠ ମନ୍ଦ୍ରେ ବରଦ ଭରେ ।୩।
ଘନ ବେଦନାରେ ଫୁଲି ଉଠି ଉଠେ ଆବେଗ ପାଶରେ ତନୁ,
ନବ ଉଲ୍ଲାସେ ନବୀନ ଆବେଗେ ସୁନ୍ଦର ସଜ୍ଜ୍ୟ ପାନ୍ତୁ ।୪।
ସଂବାଦ ଗୀତୀ ଫୁଲି ଚାକ୍ରବେଗ ଭଗ ଉଦ୍ଦୀନ ମାନ,
ମସ୍ତକ ତୋଳ ଉନ୍ନତ କରି ମାଥେ ଲାଗି କୁଙ୍କୁମ ।୫।

●

- ଶ୍ରୀମତୀ ସରଳା ଦେବୀଙ୍କ ଠାରୁ ଓଡ଼ିଆ ବିଷୟରେ ପ୍ରବନ୍ଧ ହୋଇଅଛି । ସ୍ଥାନାଭାବ ହେତୁ ୪ ସଂଖ୍ୟାରେ ପ୍ରକାଶ ପାଇ ପାରିନାହିଁ । ଆଗାମୀ ସଂଖ୍ୟାରେ ପ୍ରକାଶ ପାଇବ ।
- ଶ୍ରୀ ବଳଭଦ୍ର ସାହୁଙ୍କ ଠାରୁ ଉଦୟ ନାଟକ ଆଲୋଚନା ବିଷୟରେ ନିବନ୍ଧ ହୋଇଛି ତେଣୁ ପ୍ରକାଶ ପାଇ ପାରିନାହିଁ ।

Digitized by srujanika@gmail.com

ପ୍ରଥମ ପୁରସ୍କାର ପ୍ରାପ୍ତ ... ପ୍ରତିଯୋଗିତା ... ଗଳ୍ପ

# ମୋର ଆବିଷ୍କାର

ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର, ବି.ଏ.

ଆଜକାଲ ଜଗତରେ ମୋର ଭଳି ଗୁଣଧର, ଆମ ରାଜା ବିକ୍ରମ ଗୁଣ ବୁଝିଆ ଲୋକ ଯାନେ ଓକିଲମାନଙ୍କ ମହଜୁରି ଲୋକ ଯାନେ ଏକମାତ୍ର ଯୋଗ୍ୟ ଯୁଗରେ ଆଦୃତ। ଲୋକ ଯେ ଖାଲି କହିବେ, ଉପଦେଶ ଦେବେ ଆଉ ମୁଁ ତାଙ୍କୁ ଦାଁକି ଦାଁକି କରୁଥିବି। ଏତେବେଳେ କଥାଟା ଦିନେ ସମାଲୋଚ ସଭାରୁ ଯେଉଁଦିନ ମୁଁ ଜାଣିଲି ରାଜା ପ୍ରେମ କି ପ୍ରେମ କିଛି ଜାଣନ୍ତି ନାହିଁ, କିନ୍ତୁ ଆଉ କ୍ଷମ। ତା ପାଇଁ ପାତ୍ର ଠିକ କରି ରାଜା ମୋତେ ବିଦୂଷକ କଲେ। ମୁଁ ଯେତେ ଯତ୍ନ କରି ଦେଲି, "ମୁଁ ଗାଧା ଗାଧା ହେବି ନାହିଁ, ମୋ ଜୀବନ ବୃଥା ଆଉ ମୁଁ କି ବୁଝେ।" ମୁଁ ଗଧ ହେବି, ମୋର ଜାତକୁ ବିଦ୍ୟାତ ହେବା କେଉଁ ନାହିଁ। ରାଜାଙ୍କର ଅହଙ୍କାର, ନିର୍ଲଜ୍ଜତା ବୁଝନ୍ତି, ପ୍ରାଣ ଯନ୍ତ୍ରଣା ପାଆନ୍ତି, ଯଶ୍ୟ, ପାଉଡର ଅସୁଖ ବୁଝନ୍ତି। କିଛିଦିନ ଗୁଣଗାନ, ପାନ ଗୁଆ ଗୁଣ୍ଡି କି ମିଳନ୍ତା, ଖୁଣ୍ଟିଖିଆ ଖାଇ ଯାଆନ୍ତା, ସେଥିକୁ ଯୋଗ୍ୟତା ଆସନ୍ତା! ମୁଁ କିନ୍ତୁ ଏଗୁଡ଼ାକ ଚିନ୍ତା କରୁନାହିଁ। ମୁଁ କହେ "ମୁଁ ମୁଁ ଗାପ୍ନା ପାପ୍ନା ଗପ୍ନା ଟାପ୍ନା ହେପ୍ନେ ନିପ୍ନି ନାପ୍ନା ହିପ୍ନି"। ମାତ୍ର ରାଜା ଖିଜି ଯାଆନ୍ତି। ସେ ସମସ୍ତଙ୍କୁ କହନ୍ତି "ଖାଲି ଆମ ରାଜ୍ୟ ଯଦି ଦୁର୍ଭାଗ୍ୟ କରି ଦିଅନ୍ତା ତାହେଲେ ମୁଁ ଲେଖକ ଜାତିରେ ଗୁଣି ଯାନ୍ତି, ଲେଖକ ଜାତି ନ ମିଳିଲେ ଡାକ୍ତର, ଡାକ୍ତର ନ ହେଲେ ଆପାନ ଘୋଳ, ଆପାନ ଘୋଳ ନ ହେଲେ ମେଲ ଗାଡ଼ି ..."

ରାଜାଙ୍କୁ କୁଆଡେ ଅମୁକ ଗାଆଁର ଅମୁକ ଲୋକ ଆସି ପଶୁରେ, ସବୁ ଠିକଠାକ ହୁଏ ମାତ୍ର ମୁଁ ସବୁ ପ୍ରସ୍ତାବ ଭାଙ୍ଗି ଦିଏ। ସେଥର ଜଣା ଜ୍ୟୋତିଷୀ କେତେଦିନ ପରେ ଗାଆଁକୁ ଆସିଥାଏ। ରାଜାଙ୍କୁ ଦେଖି ଦଣ୍ଡବତ ହୋଇ ଯେମିତି ପକେଇଲା ରାଜା ସେହିମିତି ମୋ ବାବଦ କଥା ପକେଇ ଦେଲେ। ଜଣା ଜ୍ୟୋତିଷୀ ତାର କଥା ଅନୁସାରେ କୁଆଡେ ଗେଳବାଳ କୁଙ୍କୁମରେ ସିଂହାସନ-ଚିତ୍ରପେଣ୍ଟରେ ଜନ୍ମ କଲେ। ଗୋଲ ଜିନି ସ୍ବପ୍ନଦୋଷୀ ଗୁଡ଼ାକ ଚିକା ଗାଳିଖାଇ ଜଣା ଜ୍ୟୋତିଷୀ ଦେଖୁଛି। ଗୋଲ ଗୁଡ଼ାକ କୁଆଡେ କଳ ଖୋଲନ୍ତି। ରାଜା ଜଣାର କଥା ଶୁଣି ଆଶ୍ଚର୍ଯ୍ୟ ହୁଅନ୍ତି ତେବେ ଶେଷରେ ରାଜା ମୋ ବାବଦ କଥାଟା ଷୋଠି ପ୍ରକାର କହନ୍ତି। ମୁଁ ଗାଧା ଟାଧା ହେବିନି ବୋଲି କହିବାରୁ ରାଜା ସେ ମାସରେ ମୋର ଖର୍ଚ୍ଚ ନିଜ ପକେଟରୁ ସାଫ୍ କରି ନ ଥିଲେ। ମୋର ବିଲ୍‌ଟା ହେଉଛି ଜିଲେପିଆ ଖର୍ଚ୍ଚ ବାବଦ ୫୦୧୮୯, ଜୁଦ୍‌ଖାର ଖର୍ଚ୍ଚ ବାବଦ ୫୭୦୯, ସିନେମା ଷ୍ଟାରଙ୍କ ଖର୍ଚ୍ଚ ୫୧୦୯, ଥିଏଟର ଦେଖା ୫୨୪ ଶେଷରେ ଟିଫିନ ଖର୍ଚ୍ଚ ୫୧୭, କଲେଜ ଫିଜ୍ ୫୧୨ ଏବଂ କ୍ଲବ ବଦ୍ରମା ୫୧୦। ତେବେ ଶେଷକୁ ରାଜା ବିଲ୍‌ଟା ପାସ୍ କଲେ।

ଏମିତି କେତେଦିନ ଗଲା ପରେ ମାତ୍ର ଶେଷରେ ରାଜା ପ୍ରଜା ତିଆରି କଲେ, ପରେ ନୂଆ ମୂଳରେ ପଠେଇ ଦେଲେନି। ରାଜା କହିଲେ "ଆରେ ଜଗୁ, ତୁ ଯାହା କୌତୁକ ପାଇଁ ଶ୍ୱଶୁର ତାକୁ ଦେବ ତୁ ବାହାରେ ହୋଇ ପଡ଼" ଶେଷରେ ମୁଁ ଯାହା ହେବା ପାଇଁ ରାଜି ହେଲି। ମାତ୍ର କହିଲି ମୁଁ ଯାହା କୌତୁକ ନିଜେ ଦେବାରେ ମାଗିବି ଶ୍ୱଶୁରେ ଯେମିତି ତାହା ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ। ରାଜା ବିବାହ ଦେବା କଥା ଶୁଣି ଚେଇଁ ପଡ଼ିଲେ। ମୁଁ ସଫା ସଫା କହିଦେଲି ମୋର ପାନ, ଗୁଆଗୁଣ୍ଡି, ପାଉଡର କିଛି ଦରକାର ନାହିଁ। କଲ୍ୟାଣ ସୁଖରେ ଆଉ ଉନ୍ମତ୍ତ କି କଲ୍ୟାଣ।

ବିବାହ ଦିନ ପାଖେଇ ଆସିଲା। ଶ୍ୱଶୁରେ କହିଲେ, "ଜ୍ୱାଇଁ ମୋର ଯାହା ମାଗିବେ ତାହା ନିଶ୍ଚୟ ଦେବି"। ଶ୍ୱଶୁର ଏମିତି ନିଶ୍ଚିନ୍ତରେ ପ୍ରାକୃତି ବେଳର ଆରତୀ ହୁଏତି ସେ ଦେଖା ଧୁମ୍ରପାନ ଲୋକ - ରାଣ୍ଡୀ, ପାଉଡର, ନ କରି ମୁଁ ମନେ କରି, ତାଙ୍କ ଯୋଗ ଖସିଲେ ନି ସେ ଯେ ଯୋଗାଇ ଦେଇ ପାରିବେ ଏ କଥା କେଶ୍ ଜାଣନ୍ତି।

ନାହିଁ କରୁ କରୁ ମଧ୍ୟ ରାଜା ମୋ ଆଗରେ କନ୍ୟା ଓ କନ୍ୟାଦାନରେ ଚନ୍ଦନ ଯାଇ ଲଗାଇ ଦେଲେ। ମୁଁ ବାହାଘର ହେଲି। ରାଜା ସମସ୍ତଙ୍କୁ କହୁଥାନ୍ତି "ଜଗୁ ମୋର କଥା ଶୁଣିଲା, ଯାହେଉ ଭଲ ହୋଇଗଲା।"

ମୁଁ ବିବାହ ବେଦୀରେ ବସିଲି। ମୋ ଶୁଣିବାରେ ରାଜା ଆଶୀର୍ବାଦ କଲେ। ମୋର ପ୍ରସ୍ତାବିତ ପ୍ରେୟସୀ ଏତେ ବଡ଼ ଓଢ଼ଣା ଦେଇ ବସିଥାନ୍ତି। ପୁରୋହିତେ ଶ୍ଳୋକ ପଢ଼ୁଥାନ୍ତି। ମୁଁ ବାହାର ଲକ୍ଷ୍ୟ କରୁଥିଲି ଯେ ପ୍ରସ୍ତାବିତା ମୋର ନିଜରେ ଲୁଚାଇ ପତି ଘରେ କି ଥାଇ ମଧ୍ୟ ଧରି ପଡ଼ିଗଲେ। ରାଜାଙ୍କ ମନଟା ଭଲ ନାହିଁ। ଏତେ କି ଘରେ ମିତ୍ରାସାର ହେଲା କିନ୍ତୁ ମୋ ଶୋଷ ଯେ କିଛି ଧନ ସମ୍ପତ୍ତି ପାଇ ନାହାନ୍ତି। ଏତିକି ବେଳେ ରାଜା ମୋ କାନରେ କଥା କହିଦେଲେ। ମୁଁ ଅକଥ୍ୟ ଆକାଂକ୍ଷା କଥା ଶୁଣିବା ଲୋକ ନୁହେଁ।

ତେବେ ପୁରୋହିତେ ଯେତେବେଳେ ଆମ ପ୍ରସ୍ତାବିତ ଶ୍ୱଶୁରଙ୍କୁ ଯୌତୁକ ବିଷୟ ପଚାରିଲେ, ଶ୍ୱଶୁର ଯେତେବେଳେ କହିଲେ, "ଜ୍ୱାଇଁ ଯାହା ମାଗିବେ"।

ମୁଁ ତ ଅନେକ ଦିନରୁ ଭାବିଥିଲି। ଅନ୍ତତଃ ଆଜିକାଲି ଦୁନିଆରେ ପ୍ରଥମେ ଜୀବନ ନିଶ୍ଚଲତା ଲୋଡ଼ା, ପରେ ଶାନ୍ତି ସୁଖ ବିଦ୍ୟାର ଲୋଡ଼ା - ମୁଁ ଖୁବ୍ କହି ବସିଲି ମୋର ପାଖରେ ବସିଥିବା ଜଣେ ଶ୍ୱଶୁରଙ୍କ କାନରେ "ମୋପ୍ନୋ ରପ୍ନୋ ଗୋପ୍ନୋ ଟପ୍ନେ ଗପ୍ନ ରପ୍ନ ମାପ୍ନା ଶୁପ୍ନ ଯୋପ୍ନୋ-ଗାପ୍ନା ନିପ୍ନ ରପ୍ନ ଜାପ୍ନା ରପ୍ନ"। ସେମାନେ ଆଦୌ ଅନୁଭବ କରନ୍ତି ନାହିଁ। କିଛି ବୁଝି ପାରିଲେ ନାହିଁ। ମୁଁ ତେଣୁ ଖୋଲି କହି ଦେଲି "ମୋ ଶ୍ୱଶୁରେ ମୋତେ ଗୋଟିଏ ଏକମାତ୍ର ଗୋମା ଦାନ କରନ୍ତୁ"।

ସମସ୍ତଙ୍କ ମୁହଁ କଳା ପଡ଼ିଗଲା। ରାଜା କହିଲେ, "ତୋ କଥା ଏତେ ବଡ଼ ବିଚିତ୍ରଟା ମାରି ଦେଲୁ"।

ଶ୍ୱଶୁରେ ଗୋମା ଦାନ କଲେ ନାହିଁ, କି ମୁଁ ଆଉ ସେଇଠି ଗାଧା ହେଲି ନାହିଁ।



-କୁଙ୍କୁମ-

Digitized by srujanika@gmail.com

ଗଳ୍ପ—

# ପାଗ୍ଲୀ କୋଷେ

ଶ୍ରୀମତୀ ହେମନ୍ତ କୁମାରୀ ଦେବୀ

"ମୋତେ କହନ୍ତି ପାଗ୍ଲୀ,...ମୁଁ କୁଆଡେ ପାଗ୍ଲୀ, ଦେଖ, ମନର ଦୁଃଖ ଦି'ପଦ ସମସ୍ତଙ୍କ ଆଗରେ କହେ ବୋଲି ମୁଁ ହେଲି ପାଗ୍ଲୀ, ନହେଲେ ଆଉ ପାଗ୍ଲୀ ବୋଲି କହିବେ କାହିଁ...ଚିହ୍ନିବେ କିଏ ମୋତେ...."

ଅନେକ ଦିନ ବିତି ଗଲାଣି ... ଛାତ୍ରୀ ପରୀକ୍ଷା ଦେଇ ଫେରି ଆସିଥାଏ ଘରକୁ । ସହରର ଆବହାଓ୍ୱା ଭିତରୁ ଆସି ଗାଁର ଶାନ୍ତ ଶୀତଳ ବାୟୁ ମଣ୍ଡଳ ଭଲ ଲାଗୁଥାଏ ବେଶ୍ ... ଗ୍ରାମ୍ୟ ଗାଁର ଅପରିସୀମ ସୌନ୍ଦର୍ଯ୍ୟ ମଧ୍ୟରେ ନିଜକୁ ହଜାଇ ଦେଇ ଉନ୍ମନା ମନକୁ ଟିକିଏ ସରସ କରି ନେଉଥାଏ ।

ସେଦିନ ସକାଳ ... ଆଜି ବି ମୋର ବେଶ ମନେ ଅଛି...ଆକାଶ ଖୁବ ନିର୍ମଳ । ସୂର୍ଯ୍ୟ ଠିକ ଆଜି ପରି ଖୁବ ଲାଲ । ପବନ ହିଲେଇ ହିଲେଇ ବହୁଥାଏ ... ଲୋକେ ଯେ ଯାହାର ନିତିଦିନିଆ କାମରେ ଲାଗିଥାନ୍ତି ... ଆଉ କି ପିଲା ଗୁଡା ଅଙ୍କାବଙ୍କା ସଡକଟା ଉପରେ ଧାଁ ଦଉଡ ଲଗେଇ ଥାନ୍ତି ।

— ଶୁଣିଷ ... ଠିକ ଗଣିଷ କହିଲେ ହେବନି ... ଗୋଟାଏ କଙ୍କାଳ ପାରେ ପ୍ରେତ ... । ସେ ଲୁଚିଥାଏ ଆଗ୍ରେ ଅଗ୍ରେ ଆଗକୁ । ହେରିଗଲେ ଘେରିଥାନ୍ତି ଛୋଟ ଛୋଟ ବାଳ ସେନା । କାହାକାହାରେ ପଥର ତ କାହା ହାତରେ ବାଡି । ସମସ୍ତେ ଥରେ ଥରେ ଆକ୍ରମଣ କରନ୍ତି ତାକୁ ... । ନିଶ୍ଚୟ ହିନଇରେ ଟିକ ଟିହେଇ ଉଠୁଥାଏ । ଭୟରେ ସମସ୍ତେ ପଛଘୁଞ୍ଚା ଦେଉଥାନ୍ତି —

ଗୁଡ଼ା ଉପରକୁ ଆସିଲି — ଯାଡଶୁଣି ମୋର ପିଲାଏ ଛତ୍ରଭଙ୍ଗ ହେଲେ । ଆଉ କୁ ତାର ଦେଖାଯାଉ ନ ଥାଏ ଭଲ । ମଇଳା କନା ଟିକେ ଆଉ ଲୁଗାରେ ଭିଜି ଯାଉଥାଏ । ଭାବନାର ମଧ୍ୟରେ ନିଜକୁ ଟିକିଏ ସଂଯତ କରି ନେଇ ପଚାରିଲି — "ତୋର ଘର କେଉଁଠି କହିଁ ?"

— "ମୋର ... ହୁଁ ତମର ସେଥିରେ ଯାଏ କଣ ? ଶୁଣିବ ... ଶୁଣି ପାରିବ ...? ସେ ସେଇଠି ବସି ପଡି ଆରମ୍ଭ କଲା — "ମୋତେ କହନ୍ତି ପାଗ୍ଲୀ, ମୁଁ କୁଆଡେ ପାଗ୍ଲୀ ......."

"କାଳିକା ଦେଖ, ସେଇ କାଳ ଯାଉ ଯାଉଛି ପଡିଥିଲୁ - ଛୋଟବେଳରୁ ମତେ ଫଗୁଆଟି - ଗୋରି ନରନର ଆଉ କନ୍ଧୁଆଟି କୋଡରେ ... ଫଗୁଆ ଗା-ମୋତେ ଭାରୀ ଦେଖୁ ପାରୁଥିଲା ଦେଖ - ଭାରୀ ଦେଖୁ ପାରୁଥିଲା । ଦୁହେଁ ଦୁହେଁ ଦି'ଜଣ ଖେଳଘର କରି ରହୁଥିଲୁ — ପିଲା ଦିନରୁ ସେ ଟିକିଏ ନ ଦେଖିଲେ ଅନ୍ଧ ହୋଇ ଯାଉଥିଲା । କଉଠୁ କେଉଁଣି ସେଥର ଯୋଉ ଅଶ୍ରୁକ ମଲୁଚି ମାଡି ଆସିଲା ... ପାଣ କାଟି ଦେଇ ... ମୂଳ ଆମର ଜୀବନ.. ଭପାପ ଲୋକରେ କେତେ ଦିନ ଗଲା ... ଶେଷକୁ ଠାକୁରାଣୀ ହେ କି କଣ୍ଠୁଆଟି" ଏତକି କହି ପାଗ୍ଲୀ କାହିଁ କାହିଁ ହୋଇ କାନ୍ଦି ଉଠିଲା ।

"ତାପରେ ଦିନେ ସକାଳୁ ସେ କହିଲା — ଶୁଣ, ତୁ ଫଗୁଆଟିକୁ ଧରି ଏଇଠି ଅଟିଥା — ମୁଁ ବିଦେଶ ଯାଉଛି, ଏଇ ଦେଶାଁମ ଦେଶକୁ ମ — ମୂଳଘାଟି ଟଙ୍କା ଆଣିଲେ ପୁଣି ସୁଖରେ ରହିବା —

— ମୁଁ ଜମା ମଣିଲିନି ସେ କଥାରେ — କହିଲି, ଏଇଠି ସମସ୍ତେ ଯାଆ ହୋଇ ମରିବା ... ଟଙ୍କା ଦରକାର ନାହିଁ - କେତେ କହିଲି, ସେଶୁଣିଲାନି .. ଫଗୁଆକୁ ଛାଡି ଦେଶାଁମ ଗଲା । ଭଙ୍ଗା କୁଡିଆରେ ଫଗୁଆକୁ ଧରି ପଡିଥାଏ । ଲୋକ ଓପାସରେ ଏମିତି ବରଷେ ଗଲା, ଦୁଇ ବରଷ ଗଲା । ଦେଶାଁମ ଦେଶରୁ ସେ ଆଉ ଫେରିଲାନି .... ଶେଷକୁ ଆମ ଘରର ଗୁମା କନା, ଗୋଟା ଭଲ ହେଲିନା କହିଲେ ମୋତେ ଆଉ ଗୋଟା କଲେ ଦେଖାକୁ —

ମନା କଲି ... କହିଲି ଫଗୁଆଟି ମୋର ପଛ । ମୁଁ ଏଇଠି ରହିବି ... ପିଲିକି କୁଆଡେ । ଜାତିଗୁଆ କେତେ ମଣେଇବାକୁ ଆସିଲେ ... କହିକହି ଗୁଡି ଗଲେ କି ମୁଁ ବାସ୍ତୁ ଭୋକ ରହିଲି । ଶେଷକୁ ବାସନ୍ଦ କଲେ । ନୁଆ ଟିକିଏ — ଆସିଲେ କି ଦେଲେକି । ମନରେ ଗୁଣେ — ସତେ କଣ ଫିଟ ଆସିବେନି —"

ପଚାରିଲି — "ସେଠୁ କଣ ହେଲା ?"

ଆରମ୍ଭ କଲା — "ଦିନେ ଶୁଣିଲି ଗାଁ ପଧାନଙ୍କ ପାଖକୁ ଚିଠି ଆସିଛି — ଫଗୁଆଟା ଦେଶାଁମ ଦେଶରୁ ପଠେଇଛି ... ମନରେ କେତେ କଥା ଭାବି ଦଉଡିଲି ଗାଁ ପଧାନଙ୍କ ପାଖକୁ — ଚିଠି ଆସୁ ନ ଆସୁ, ଖବର ଟିକିଏ ହେଲେ ପାଇବି. ଅନେକ ଅନେକ ଦିନ ଦି'ପରି ହେବାକୁ ଯା ଆନ୍ତ ନାହାନ୍ତିଲେ । ପଚାରିଲିରୁ ଶୁଣରେ ଆହୁ ଗୁଳ କରି ଫାଟି ଯାଉ ପରି ମୋ ଆଖିକୁ ଟାଙ୍ଗି ଅଛିନଲ । କଣ କରିବି - ଭାଗ୍ୟରେ ଜୀବନ ଧରି ପଡିଛି ଅଛି ...



Digitized by srujanika@gmail.com

"ଠିକ ମନେ ଅଛି .... ସେଦିନ ଆଷାଢ଼ ମାସିଆ ସନ୍ଧ୍ୟା - ମେଘ ଗୋଟିଏ ଜମି ଯାଇଥାଏ ... ଦେଖି ପାରିଲେ ଫଗୁଆର ମୋତେ ବଡ଼ ଭୟ ଲାଗି ଯାଉଥାଏ । ମାଳତୀ ବିଦ୍ୟୁତ ଶବ୍ଦ ... ଛୁଟିଆସି ମୋତେ କୋଳରେ ପକାଇଥାଏ । ମୋତେ ଆସ୍ତେ ନିଦ ହଉଥାଏ - ଦାଣ୍ଡ କୁଆଡ଼େ କାହାର ପାଟି ଶୁଭିଲା — ଠିକ୍ ଫଗୁଆ କା ପାଟି ପରି । କହିଲି ନାହିଁ - ମିଛଟା .... ପୁଣି ଶୁଭିଲା ଠିକ୍ ... ଏଥର ଆଉ ରହି ପାରିଲିନି ... ଉଠି ଦାଣ୍ଡପଟ ଦାଣ୍ଡ ଖୋଲି ଦେଲି ... ଏତେ ସ୍ପଷ୍ଟ ଶୁଣିଲି ......"

"ଘରପରେ ଶୁଣିକି ଦେଖେ କଣ ହେଲା - ସେ ମୋତେ ଘରପାଖକୁ ଟାଣି ନେଇ ଦେଲା ... ଉପରେ ମୋତେ ଡାକି ଏମିତି କହିଲା — "ଝୁଲି, ମନେ ଅଛିତ ?" ମୁଁ କିଛି କହି ପାରିନଥିଲି ଓଦା ଥରଥର ... ଦେହଟା ଥରି ଥର ହେଉଥାଏ - ସେଥିକି ତାର ଖାତିର ନାହିଁ ... ଫଗୁଆକୁ କୋଳରେ ଧରି କେତେ ଗେହ୍ଲା କଲା - ମିଠେଇ ଦେଲା ଆଣିକରି - କେତେ କଣ ଆଣିଥିଲା ... ଯେତେ ଖୁସି ହେଉଥିଲା .... ଆଉ ସେ ଯେ ଗାଁ ଗଧାନ ... କି କହିଲା - ମୋତେ ଧକ୍କା ଶୁଣି ଶୁଣି ଓଠରେ ଲୁଚି ପଡ଼ିଲା ... ବିଚାରିଥିଲା ଗାଁ ଗଧାନକୁ ଯାଇ ପଚାରିବି —"

ଏତକ କହି କାସ୍ଥାଣୀ ଝୁଲି ପଡ଼ି ଶୁଣି ଶୁଣିକୁ ଆରମ୍ଭ କରୁଛି ...
ଡାକିଲି "କାସ୍ଥାଣୀ"
ଡାକରେ ଅଟକିଗଲା କାସ୍ଥାଣୀ ।
ପଚାରିଲି "ସେତୁ !"
କାସ୍ଥାଣୀ କହିଲା - "ଗଧାନକୁ ଯାଇ ପଚାରିବି କଣ, ସେଇଦିନଠୁ ଫଗୁଆ କା ଆଉ ଉଠି ପାରିଲାନି .... କେତେ ଔଷଧ ମନ୍ତ୍ର ତନ୍ତ୍ର କଲି .... ଗାଁ ବୈଦ୍ୟଙ୍କୁ କେତେ ମନାସିଲି ... କେହି କେହିଲେ ଶୁଣିଲେନି ... ମୋ କୋଳରେ ମୁଣ୍ଡ ଦେଇ ଫଗୁଆ କା ଶୋଇଛି, ଦେଖ .....
ଫଗୁଆ କା — ଫଗୁଆ କା —
ସେତେବେଳେ ଫଗୁଆ କା ମୋତେ ଛାଡ଼ି ଯାଇ ପାରିବ କେମିତି ....?
କୋଶାମରୁ ଆସିଲା ସ୍ୱର । ହେଇ ଫଗୁଆ କା .... ମୁଁ ଯାଉଛି ...."
ପାଗଳୀ ଉଠି ପଡ଼ି ଖୋଜି ଖୋଜି ଆଗକୁ ଗଲା ।
ଡାକିଲି - "ଶୁଣୁ କାସ୍ଥାଣୀ, ତୋର ଫଗୁଆ କୁଆଡ଼େ ଗଲା ?"
"ଫଗୁଆ ଥାଉ .... ତାର ଥାଉ ...., ଫଗୁଆ କା ମୋତେ ଡାକୁଛି ... ମୁଁ ଯିବିନି ? ମୁଁ ଯାଉଛି .... ମୋତେ ଡାକନି ......"

ମୁଁ ଠେଲଉଠି ଯେମିତି ଅଚେତ ଥାଏ । ସେ ବକି ବକି ଆଙ୍କାବଙ୍କା ଗଳି ରାସ୍ତା ଉପରେ ଲୁଚି ଲୁଚି ଗଲା । ମିଲିଟାରୀ ପୁଣି ଶୁଭିଲେ .... ତା ପରେ .. ହଠାତ୍ କେଉଁଆଡୁ କି ଦିନିଟା କୁକୁର କୁକୁର ତା ଉପରକୁ ଝାମ୍ପିକି ପଡ଼ିଲେ । ହାଡ଼ କଙ୍କାଳ ସାର ଦେହଟି ତାର ଭୂଇଁରେ ଲୋଟି ପଡ଼ିଲା । ସମସ୍ତେ ହୋ ହୋ ହୋଇ ହସି ଉଠିଲେ ।



## ଆଲୋଚନା — ୪ର୍ଥ ସଂଖ୍ୟା କୁଙ୍କୁମ

ସାକ୍ଷୀ ... କବିତାଟି ସୁନ୍ଦର । ସାକ୍ଷୀଙ୍କର ଶିକ୍ଷାଦ୍ୱାରା ପୂର୍ଣ୍ଣ ହୋଇଥିବାରୁ ... ଓ ପ୍ରୀତି ମଧୁର ।

ଦଳ ଶୁଦ୍ଧକ ... କଲେଜ ଛାତ୍ରଙ୍କର ପ୍ରକୃତ ଚିତ୍ର ହୋଇଛି । ... ମଧ୍ୟ କେତେକାଂଶରେ କଲେଜ ପିଲାଙ୍କ ପ୍ରତି ଶିକ୍ଷାପ୍ରଦ ।

କାନ୍ତକବି ଲକ୍ଷ୍ମୀକାନ୍ତ ... କାନ୍ତକବିଙ୍କ ବିଷୟରେ ଜାଣିବାର ସୁଯୋଗ ଆଉଥିବା ... ସମ୍ପାଦକଙ୍କୁ ଧନ୍ୟବାଦ ।

ସନ୍ଧ୍ୟାଗୀତ ... ଗଳ୍ପଟିରେ 'ବିନ୍ଦୁବାଲା'ର ଦୁଃଖପୂର୍ଣ୍ଣ ଜୀବନର ଉପଯୁକ୍ତ ଚିତ୍ରଣ ହୋଇ ପାରି ନାହିଁ । ଶରତ ବାବୁଙ୍କ ପ୍ରତି 'ବିଜୟା' ଙ୍କର ... ଦେଖାଯାଏ । ତେଣୁ ଗଳ୍ପଟି ଖୁବ୍ ସୁନ୍ଦର ହୋଇଛି ।

ସନ୍ଧାନ ... ଶିକ୍ଷାନବିଶଙ୍କ ପଢ଼ିଲି ଜୀବନର ଦୁଃଖ ଦୁର୍ଦ୍ଦଶା ପାଇଁ ... ବସ୍ତୁ ହୋଇଥିବାରୁ ଚିତ୍ତାକର୍ଷକ ।

ମାତୃଗଣ ... ସୁଲଳିତ ପୂର୍ଣ୍ଣ । ...ଙ୍କର ପ୍ରକୃତ ଚିତ୍ରଣ ହୋଇପାରିଛି ।

ଚନ୍ଦ୍ରିକା ... ଚଳନୀୟ ।

ଦାଦାର ବାଣୀ ... ସୁନ୍ଦର ହୋଇଛି ।

ମୁଁ ତୁ ଅବିରତ ଝରେ ମୋ ଅଶ୍ରୁଧାର ... ସ୍ୱାମୀ ସ୍ତ୍ରୀଙ୍କର ବିଚ୍ଛେଦ ପ୍ରକୃତ ହୋଇ ଉଠିଛି - ଭାଷା ଲାଳିତ୍ୟପୂର୍ଣ୍ଣ କବିତାଟି ଉଚ୍ଚ ଦରର ।

ଶାନ୍ତା ନା ଶାନ୍ତା ... ଖାଦିତ ନାରୀର ନିର୍ଯାତନା ଓ ଛୋଟ ପିଲାର ନିଷ୍ଠୁରତା ... ସୂଚନା ଦିଏ ।

ଆବାହନ ... ଚଳନୀୟ ।   ( ଶ୍ରୀ ... ମିଶ୍ର )

ମଶାଣି ପଦାର ସବୁଜ ଘାସ ... ଅନେକେ କହନ୍ତି ଆଧୁନିକ ପ୍ରଗତିଶୀଳ କବିତାଗୁଡ଼ିକରେ ... କବିତା - ସେଥିରେ ପଣି ଆସେନି । କିନ୍ତୁ 'ମଶାଣି ପଦାର ସବୁଜ ଘାସ' ଏ ବିଶ୍ୱାସର ଉପଯୁକ୍ତ ଜବାବ ଅଟେ । ( ଶ୍ରୀ ... )

ଯୌବନ ଯାଏ ହୋଇ ଆସେ ... ବିଷୟଟି ନୂଆ ଧରଣର । ଭାଷା ସରଳ ଓ ମଧୁର । ... ମାତୃତ୍ୱ ପରେ ଶ୍ରୀମତୀଙ୍କ ପାଇଁ ଅନୁତାପ କରିବାରେ ... ପାଇଲୁ ନାହିଁ ।

... ଚିତ୍ରସ୍ମିତା - ଦୃଷ୍ଟିକୋଣ ନୂଆ । ଭାଷା ଭଲ । ... ଭିତରେ ... ଖେଳିବା ଅସୁନ୍ଦର ହୋଇଛି ।

... ଭୂମି ... ଓଡ଼ିଶାର ସାଧାରଣ ମଧ୍ୟବିତ୍ତ ପରିବାରର ଚିତ୍ରଣ ଜୀବନ୍ତ ହୋଇଛି । ... କବିତା ହିସାବରେ ଏହା ଖୁବ ଉଚ୍ଚଧରଣର ।

ହେବ ନବ ଆଗମନ ... ବର୍ତ୍ତମାନ ଦେଶର ରାଜନୈତିକ ... ପରିସ୍ଥିତିରେ ଲେଖକ ... ଆଗମନ ... -ଭଲ ଲାଗିଲା ।   ( ଶ୍ରୀ ... ସାହୁ )

( ଏହି ପୃଷ୍ଠା ଲେଖକଙ୍କୁ ... 'ଆଲୋଚନା' ... ନାହିଁ । ଆଲୋଚନା ପୃଷ୍ଠା ରହୁ ବୋଲି ଅନେକଙ୍କ ପାଖରୁ ଚିଠି ମିଳୁଛି ଓ କୌଣସି ନିରପେକ୍ଷ ସମାଲୋଚକ ଆଲୋଚନା କଲେ ଭଲ ହେବ ବୋଲି ସମସ୍ତଙ୍କର ମତ । ଆସନ୍ତା ସଂଖ୍ୟାରେ ... ଆମେ ଜଣେ ନିରପେକ୍ଷ ସମାଲୋଚକଙ୍କୁ ଅନୁରୋଧ କରିଛୁ ଆଶାକରୁ ସେ ଆମର ଅନୁରୋଧ ରକ୍ଷା କରିବେ । - ସଂ )

ଜାଣନ୍ତିକି ? ବର୍ତ୍ତମାନ ପ୍ରାୟ ୨୦,୦୦୦ ଜଣ 'କୁଙ୍କୁମ' ପଢନ୍ତି ।

Digitized by srujanika@gmail.com

# ସୁରମାର ପ୍ରେମ

ସୁରମା ରହିଗଲା ଗର୍ଭକରେ । ନାଟ୍ୟଶାଳାର କଳ୍ପିତ ସାଜସଜ୍ଜା ପୂର୍ଣ୍ଣ ଆବିଷ୍କାରଆର ଧୂମ୍ର ଭିତରେ ସେଥରେ ନିଜକୁ ବନ୍ଦିନୀ କରି ଦେଲା । ନାରୀର ଜୀବନର ଘାତ ପ୍ରତିଘାତ ସହି ନ ପାରି ନାଟକ ଜୀବନର ଅନାସ୍ତିକ ଦଂଶନ ସ୍ପର୍ଶରେ ଅଗ୍ନିଶିଖା ଭଳି ଠିଆ ହୋଇଲା ସେ । ରଙ୍ଗମଞ୍ଚର ମେନେଜର ତାର ସୌନ୍ଦର୍ଯ୍ୟ ପସନ୍ଦ କରିଛନ୍ତି । ତାର କଣ୍ଠର ପସନ୍ଦ କରିଛନ୍ତି, ତାର ମନ୍ଦଭାଗ୍ୟ ଅବସ୍ଥା ଉପରେ ଆଖିରୁ ଦୁଇ ଗଜଲଗାର ଉପକ୍ରମ କରିଛନ୍ତି; ଆଉ ତାକୁ ଆଶ୍ୱାସନା ଦେଇଛନ୍ତି ଯେ ବହୁ ଅଭିନୟ କଲେ ମାସିକ ଦୁଇ ଶତ ପର୍ଯ୍ୟନ୍ତ ଦରମା ହେବ ।

ସେ ବା ଆଉ କଣ କରିଥାନ୍ତା ? ରଙ୍ଗମଞ୍ଚର ଆବିଳ କାଳୁମଣ୍ଡଳରେ ମୋଟିଏ ଧୂଳିକଣା ହୋଇ ଉଡିବା ଛଡ଼ା ଆଉ ତାର ଉପାୟ କଣ ବା ଥିଲା ?

କାଲି ପରି ଲାଗୁଛି - ସେଇ ସ୍ୱପ୍ନଛାଆ ଗାଁ । ସେଇ ରାଧାଗୋପାଳଙ୍କ ମନ୍ଦିର । ସେଇ ପୋଖରୀ କୂଳ, ସେଇ ନଡିଆ ବଗିଚା, ଆଉ ଠିକ ସେଇଠି ସେ.. .... ସେଦିନ କି ମୋଟାଏ ଦୁର୍ଘଟଣା ଘଟିଥିଲା ବା କଣ ! ରଙ୍ଗୀନ ଫୁଲଟିଏ ଗଛରେ ଯେପରି ସେ ଧାଇଁଥିଲା ସମସ୍ତ ଗୋଧୂଳିରେ ତାଙ୍କରି ପାଖକୁ । କେଜାଣି କାହିଁକି ସେଦିନ ଆଉ ତା ମନ ଅଟକି ରହି ପାରିଲାନାହିଁ । ଏକ ପାଖରେ ସମାଜ, ସଂସ୍କାର ଓ ସମାଜ ପତି, ଅନ୍ୟ ପାଖରେ ତାର ଦୁଃଖମାତା, କୁଳୀନ ଓ ସମାଜ ସେବିକା - ତାଙ୍କର କଡା ହୁକୁମ ଥିଲା ସୁରମା ଯେପରି ତାଙ୍କର ଅବାଧ୍ୟ ନ ହୁଏ । ତଥାପି ସେଦିନ ସୁରମା ଦୌଡି ଆସିଥିଲା କେତେ ଆଗ୍ରହରେ ତାଙ୍କରି ପାଖକୁ - ସମାଜ, ସଂସ୍କାର ଓ ସମାଜପତିଙ୍କୁ ନ ମାନି, ହୃଦ ପ୍ରାଣର ସ୍ପନ୍ଦନ ଲାଗି ଦେଇଥିଲା ତାଙ୍କରି ପାଦତଳେ । ତାଙ୍କରି କାନରେ ଗୁଞ୍ଜରିତ କରିଥିଲା ତାର ଜୀବନର ଶ୍ରେଷ୍ଠ ଅନୁରୋଧ ... ଅସୀମ ପ୍ରାର୍ଥନା । ଆଉ ସେ ତାକୁ ବଡ ଆଦରରେ ବକ୍ଷ ଉପରକୁ ଆଉଜେଇ ନେଇ ଗୋଲାପଟିଏ ଖୋସି ଦେଇ ଥିଲେ ଠିକ ବେଣୀ ପାଖରେ । କହିଥିଲେ, "ସୁମ, ଏ ଛୋଟ ଗୋଲାପ ପାଖରେ ତୋଟି କି ସୁନ୍ଦର ଦିଶୁଛି ଦେଖିଲ" ସେଦିନ ସୁରମା ନିଜର ରୂପ ଦେଖି ଆତ୍ମହରା ହୋଇ ଯାଇଥିଲା; ଆଉ କି ମୋଟିଏ ଉତ୍ତେଜନା ଭିତରେ ସେ ନିଜକୁ ମୁକ୍ତି ଦେଇଥିଲା ତାଙ୍କର ଗାଢ ଆଲିଙ୍ଗନ ଭିତରେ .... । ଉପରୁ ଜ୍ୟୋସ୍ନା ମୁଖ ହସି ଉଠୁଥିଲା - ତଳେ ପାଣି ଭିତରେ ନୀଳ କଇଁଟିଏ ତାଙ୍କୁ ଥଟ୍ଟା କରୁଥିଲା ।

ତାପରେ ଆଉରି ଏମିତି କେତେଥର ତାଙ୍କରି ନିମନ୍ତ୍ରଣ ରକ୍ଷା କରିଛି । କେତେ ନିର୍ଜନ ସନ୍ଧ୍ୟା ତାଙ୍କ ସାନ୍ନିଧ୍ୟରେ କଟାଇ ଦେଇଛି । କେତେ ଗୋଲାପ ଓ ଚମ୍ପା ଆସି ତାର ଖୋସା ମଣ୍ଡନ କରି ପୁଣି ଝଡି ପଡିଛନ୍ତି ... ଦିନେ ସେ ପଚାରିଥିଲା ମୃଦୁ ସ୍ୱରରେ "ତୁମ ପ୍ରିୟ, ଏ ଗୋଲାପ ଓ ଚମ୍ପାର ସ୍ୱାଦ କଣ ଚିରଦିନ ପାଇଁ ହେବ ?" ସେଦିନ ସେ କୋଳ ଦେଇ କହିଥିଲେ "ନିଶ୍ଚୟ ସୁମ । ତୁମେ ମୋ' ମନରେ ଭିନ୍ନ, ଖାଲି ଆମପାଇଁ କଥା ମୋ ଉପରେ । ତୁମେ କାହାରି ନୁହଁ ନାହିଁ । ନିଶ୍ଚୟ ନିଶ୍ଚୟ ସୁମ"

ସେ ଶୁଣିଥିଲେ । ତାପରେ ଦିନେ, ଦୁଇଦିନ, ତିନିଦିନ, ସପ୍ତାହେ ହୋଇ ବିତିଗଲା ସପ୍ତାହ ମାସିକ । କାହିଁ ସେ ବା ତାଙ୍କର ସମ୍ବାଦ । କାହିଁ ତାଙ୍କର କି ଖବର ଥିଲା । ନିଶେଷ ହାତକୁ ... ଶେଷ ସହରରେ କେଉଁ ଧନୀ ବ୍ୟବସାୟୀଙ୍କ ଝିଅ ସେ । ମଣ୍ଡିତ୍ୱ ନିଷ୍ଠୁର ହେତୁ ସେଇ ପ୍ରଜାପତି ଯାଇଁ ଯାଇଥିଲେ କିଛିଦିନ ପାଇଁ, ନିଜର ନିଜୁତ ମସ୍ତିଷ୍କରେ ଯୋଗାଡ ଶୁନ୍ଦାରୀ ସୁରମା ଲୋଭନୀୟ ପାଇଁ ।

ଲୋକେ କହିଲେ ସେ ତାଙ୍କର ସହରକୁ ପୁଣି ଫେରିଗଲେଣି ଗାଁ ଭାଜିନୀଙ୍କୁ ଶୂନ୍ୟ କରି ...." କିନ୍ତୁ ... କିନ୍ତୁ ସୁରମାର ହୃଦୟ ମନ୍ଦିର ତ ଶୂନ୍ୟ କରି ଯାଇ ପାରିବେ ନାହିଁ । ପ୍ରତିଜ୍ଞା କରିଛନ୍ତି ସେ ଆସିବେ ... ନିଶ୍ଚୟ ଆସିବେ । କିନ୍ତୁ କାହିଁ ? ଦୀର୍ଘ ତିନିମାସ ସପ୍ତାହ ଗଲାଣି - ଦେଖା ନାହିଁ । ପତ୍ର ନାହିଁ କି ସଙ୍କେତ ନାହିଁ । ଏତ ବିପଦ । ସେ ବର୍ତ୍ତମାନ ଗର୍ଭବତୀ... ଏକ ଶାସ୍ତ୍ର ଉଦ୍ଧିତ । ମାତୃତ୍ୱ ତାର ସାର୍ଥକତା ନେଇ ଆଉ ଅଳ୍ପଦିନ ପରେ ...

ମନେ ପଡୁଛି ... ତାର ଠିକ ମନେ ପଡୁଛି ଆଜି ଏଇ ରଙ୍ଗମଞ୍ଚର ପ୍ରସାଧନ କକ୍ଷରେ । ସେଦିନ ସେଇ ମୋଟିଏ ଭୟଙ୍କର ରାତ୍ରିର କଥା । କି ଅନ୍ଧାର ! କି ନିଶ୍ଚୁପ ସେ ରାତ୍ରି ! ଗାଁ ଧନୀଙ୍କ ପାଶବିକ ଚେଷ୍ଟା । ସମାଜର କ୍ରୋଧାନ୍ଧ ଆଦେଶ, ଗ୍ରାମବାସୀଙ୍କର ସନ୍ଦେହମିଶା ଦୃଷ୍ଟି ଭିତରୁ ସେ ନିଜକୁ ମୁକ୍ତ କରି ଆଣିଥିଲା ସେଇ ରାତ୍ରିରେ, ଏକାକୀ ସେ ସବୁ ଛାଡି କାନ୍ଦିଥିଲା ନିଶାର୍ଦ୍ଧରେ - ଉଦ୍ଦେଶ୍ୟ, ସହରକୁ ଯାଇ ସ୍ୱାମୀର ସନ୍ଧାନ ନେବ । ତାପରେ ତାଙ୍କୁ କହିବ ଅଣ୍ଟିକ ଆଦେଶ । ଯଦି ବିଶ୍ୱାସ ନ କରିବ ତେବେ ଆତ୍ମହତ୍ୟା ...... ।

ସେ ଗୋଡ କାଟି ଯାଇଁ ଆସେ ସହରକୁ । ବିଶାଳ ସହର । ବିସ୍ତୀର୍ଣ୍ଣ ରାଜପଥ । ବିପୁଳ କୋଳାହଳ । ତା ଭିତରେ ସ୍ୱାମୀର ସନ୍ଧାନରେ ନିଜକୁ ହଜେଇ ଦେଲା । ପୁଣି ଖୋଜିଲି ସପ୍ତାହ ଗଲା - ସନ୍ଧାନ ନାହିଁ । ଶରୀର ଉପରେ ନାନା ଅତ୍ୟାଚାର ସହି ସେ ତାର ପ୍ରାଣପ୍ରିୟଙ୍କୁ ଖୋଜିଚି କିନ୍ତୁ ପାଇନି ତାର ଅସ୍ତିତ୍ୱକୁ । ବରଂ ପାଇଛି ଯନ୍ତ୍ରଣା, ତିରସ୍କାର, ଉର୍ପନା, ବିଦ୍ରୂପ .... ନା, ନା, ଅସହ୍ୟ ଏ ଜୀବନ ....



ଜୀବନକୁ ସେ ଆଉ ଗଢ଼ି ଦେଇ ପାରିବନି ... ବରଂ ଆତ୍ମହତ୍ୟା କରିବ କିନ୍ତୁ ଏପରି କଷ୍ଟ ଆଉ ସହି ପାରିବନି .... ଆତ୍ମହତ୍ୟା ? କାହାକୁ ସେ ହତ୍ୟା କରିବ ନିଜର ଆତ୍ମାକୁ ନା ନିଜ ଭିତରେ ଆଉ ଯେଉଁ ଆତ୍ମାକୁ ? ବରଂ ସେ ନିଜକୁ ହତ୍ୟା କରିପାରେ କିନ୍ତୁ ସେ ମାତୃଜାତିର ଶ୍ରେଷ୍ଠ ସମ୍ପଦିକୁ ଲୋପ କରି ପାରିବନି ସେ — ।

ତାପରେ – ସେ ନିଜକୁ ଆନ୍ତର ଏ ଦୁନିଆର ଜୀବନ ସଂଗ୍ରାମ ମଧ୍ୟରେ ସୈନିକ ରୂପରେ ସାଧ୍ୟ ହୋଇ ଗ୍ରହଣ କଲେ ଅଭିନେତ୍ରୀର ଭୂମିକା, ସ୍ଥାନୀୟ ଏକ ନାଟ୍ୟଶାଳାରେ । ସର୍ବସ୍ବ ତ୍ୟାଗର ପୁତ୍ର ସନ୍ତାନ ରୂପେ ପ୍ରକାଶ ପାଏ ସେଇଠି । ସମସ୍ତେ ସନ୍ଦେହ କରନ୍ତି । ନାଟ୍ୟଶାଳାର ଦର୍ଶକମଣ୍ଡଳୀ ତା ପ୍ରତି ସନ୍ଦେହ ଦୃଷ୍ଟିପାତ କଲେ, ତାର ପୁଣ୍ୟ ଯଶକ ହୋଇଯାଏ । ଯଦି ସେ ଧୀର ଆତ୍ମହତ୍ୟା କରିବ । ଏ ଅପମାନ, ନିନ୍ଦା ଓ ସନ୍ଦେହ ଆଗରୁ ଅଧିକା ହୋଇଥିବ ସେ । ଜାର ଓ ତାର ପ୍ରଣୟୀର ଇତିହାସ ଜାଣନ୍ତି କିଏ ? ଜାଣନ୍ତି ନାହିଁ ଏ ଜଗତ, ଜାଣନ୍ତି ନାହିଁ ଏ ସମାଜ .. କେହି ତାର ଖବର ରଖନ୍ତି ନାହିଁ.. ରଖନ୍ତି ଏକ ଶିଶୁ – ଆଜି ସେ ଶିଶୁ କାଲି ସୁନ୍ଦର ଯୁବକ ହୋଇ ଉଠିବ.. ଯାର ଜୀବନ ତାଙ୍କର ଏକ ବ୍ୟର୍ଥ ପ୍ରଣୟ କାହାଣୀ – ଗଢ଼ି ତୋଳିବ ତାର ସାଧାର ଆଦର୍ଶ .. ପୂରଣ କରିବ ତାର ମାତାର ଅଭିଳାଷ, ଆକାଂକ୍ଷା ଓ ଆଶା – ଏକ ଶିଶୁ .. ଏକ ତାର ସନ୍ତାନ, ଏକ ତାର ସର୍ବସ୍ବ –

ନିଶ୍ଚୟ ମୋହ ସେ ମନରୁ ତ୍ୟାଗିଲା ସେଦିନ –



ଆଉ ଆଜି କି ଶେଷ ରାତ୍ରି । ଆଜି ଆକାଶର ମଝିରେ ଅମାବାସ୍ୟାର କାଳିମା ଘେରି ରହିଛି । ଆଜି ଆଉ ଅନ୍ତିମ ଓ ଅପୂର୍ବ ରାତ୍ରିର ବିଭୀଷିକା ... ଜୀବନର ଏକ ଅଶାନ୍ତି ଉଦ୍ବେଗପୂର୍ଣ୍ଣ ମୁହୂର୍ତ୍ତରେ ସୁରମା ପ୍ରସ୍ତୁତ ହେଉଛି ତାର ଅଭିନୟ ସମାପ୍ତ କରିବାକୁ ।

ସୁରମା ଉଠିଲା ମଞ୍ଚ ଉପରକୁ ଗଲା, ଏଇ ତାର ଶେଷ ନୃତ୍ୟ । ଏଇଠି ତାର ଅଭିନୟ ସାରିବାକୁ ହେବ – ତାପରେ, ଯାହା ତାର ଅଞ୍ଚଳ ତଳ ଭିତରେ ପୋଟାସିୟମ ରଖି ଆସିଛି, ତାକୁ କରିବ ଗର୍ଭସ୍ଥ ... ତାପରେ ... ଶେଷ.... ।

ମଞ୍ଚ ଉପରେ ସେ ଗ୍ରୀବା, କଟି ସଞ୍ଚାଳନ କରି ଖୁବ କ୍ଷିପ୍ର ଗତିରେ ନୃତ୍ୟ କରି ଯାଉଛି କିପରି ଗୋଟାଏ ସମସ୍ୟାଶୀଳା ଯୁବତୀ । ନୃତ୍ୟ ଶେଷ ହେଉଛି କିନ୍ତୁ ମନ ତାର ଉଡୁଛି ଅନ୍ୟ ଲୋକରେ ... ଘନ ଘନ କରତାଳି ମଧ୍ୟରେ ଦର୍ଶକମାନଙ୍କୁ ସମ୍ମୋହିତ କରି ସେ ତାର ନୃତ୍ୟ ସାରିଲା । ଡ୍ରପ୍ ସିନ୍ ପଡ଼ିଲା ।

ନୃତ୍ୟ ସରିଲା .. ସେ ପ୍ରସ୍ତୁତ ହେଲା ତାକୁ ପୂର୍ଣ୍ଣ ଯିବାକୁ ହେବ ତାର ହୋଟେଲର ସେଇ ନମ୍ବର କକ୍ଷକୁ ଆଉ ସମାପ୍ତ କରିବ ତାର ନାଟକ .... ।

ସେ ବାହାରିଲା – ଗୃହ ବାହାର ହେଲାଣି .. ବାହାର ଗୃହ । ଦର୍ଶକମାନଙ୍କର 'ବିସ୍ମିତ' କୋଳାହଳ ମଧ୍ୟରେ ସେ ପାଦ ଚାଳାଇ ଯାଉଛି ହଠାତ୍ ପଛରୁ ଶୁଣିପାରିଲା —

"ଦେଖ ଛୁଆ ଦେବୀ, ତୁମେ ନଥିଲେ ହୋଇଥାନ୍ତା ଆଜି ନାଟକଟା ମଜେଇ ଦେଇ ଗଣି ଆସନ୍ତା ....."

ଖୁବ ନରମ ଗଳାରେ ଉତ୍ତର ଆସିଲା – "ତା ନିଶ୍ଚୟ ... ମନେ କି –"

ବୁଲି ପଡ଼ି ସୁରମା ଅନେଇ ଦେଲା ପଛକୁ ... ଗୋଟାଏ ସୁନ୍ଦର ଯାହାଙ୍କୁ ଚିହ୍ନି ପାରି ଆନନ୍ଦେ ଶୁଣିଗଲା । ତଥାପି ବିଜୁଳି ଆଲୋକର ଦୀପ୍ତିରେ ସେ ଦେଖି ନେଇଥିଲା କିଶୋର ବାବୁଙ୍କର ସେଇ ଅଭୁଲା ମୂର୍ତ୍ତିଟିକୁ .....

ସେ କ୍ଷିପ୍ର ଗତିରେ ଛୁଟି ଗଲା ତା ରୁମକୁ – ଆଉ ଦଣ୍ଡେ ମାତ୍ର ଅପେକ୍ଷା ନାହିଁ – ରୁମରେ ହଠାତ୍ ପଶିଗଲା । ହଠାତ୍ ତାର ନଜର ପଡ଼ିଗଲା ତାର ଶେଯ ଉପରେ । ଦେଖିଲା କିଶୋର ବାବୁଙ୍କର ଫଟୋଟି ଥୁଆ ହୋଇଛି । ତାଙ୍କର କୌଣସି ଏକ ଜନ୍ମଦିନରେ ସେ ଫଟୋଟି ତାକୁ ଉପହାର ଦେଇଥିଲେ । ହାତରେ ତାକୁ ଉଠାଇ ଆଣି ତଳେ ପୋଡ଼ାଇ ଦେଲା । ନାନ୍ଦୁଙ୍କ ତଳେ ଖସି ସୁରମାର ହୋଇଗଲା । ତାରି ଶବ୍ଦରେ ଶେଯ ଉପରୁ ମିନୁଟା କାନ୍ଦି ଉଠିଲା । ସୁରମା ଦୌଡ଼ିଗଲା ତା ପାଖକୁ –

ଏଇ ମିନୁ, ଏଇ ଶିଶୁ, ଅଜ୍ଞାନ ଶିଶୁ .. ନା, ନା ସେ ମରିବ ନାହିଁ । ସେ ମରିଗଲେ ଏ ଶିଶୁକୁ ମଣିଷ କରିବ କିଏ ? ଏ ଶିଶୁ ମୁହଁରେ ସେ ତାର ପ୍ରିୟର ପ୍ରତିବିମ୍ବ ଦେଖୁଛି । ଏଇ ମୁହଁରେ ଆଧାର ଦେଇ ସେ ତାକୁ ମଣିଷ କରିବ – କିଶୋର ବାବୁ ପ୍ରିୟ ହମ୍ମିର, ମଧୁର ହୋଇ ପାରିଲେ ସେ ତ ସେମିତି ହୋଇ ନାହିଁ, ସେ କାହିଁକି ଦୁଃଖ ବାଛୁ ଲୋଭ ଦେବ ? ମୃତ୍ୟୁକୁ ବରଣ କରିବାକୁ ହେଲେ ତ ମୁହୂର୍ତ୍ତକରୁ ବେଶି ସମୟ ଲାଗିବ ନାହିଁ କିନ୍ତୁ ନଥିବରି ଜୀବନର ଜଟିଳତା ଭିତରେ ତୃପ୍ତି ଓ ଶାନ୍ତି ଲାଭ କରିବାରେ ହିଁ ଥାଏ ପ୍ରକୃତ ଆନନ୍ଦ । ସେ ବଞ୍ଚି ରହିଲେ ଦୁନିଆ ଆଗରେ ଠିଆ ହୋଇ ପାରିବ ତାର ଅଭିଯୋଗ, ଗଢ଼ି ପାରିବ ତାର ଆଦର୍ଶ ..... ।

ଫଟୋଟିକୁ ଗୋଟେଇ ନେଲା – ଭଙ୍ଗା କାଚରେ ଫଟୋଟିକୁ ଅଲଗା କରିବାରୁ ସେ ଚୁମି ହୋଇଗଲା । ତାପରେ ସୁରମା ତ୍ରଙ୍କରୁ ପୋଟାସିୟମ ଶିଶିଟା ନେଇ ଝରକା ବାଟେ ଫିଙ୍ଗି ଦେଲା ବାହାରକୁ ।

# — ଶ୍ରୀ ଆନନ୍ଦ ଚରଣ ଦାସ ।



**ପ୍ରେମ ଓ ପ୍ରତିମା (ଉପନ୍ୟାସ)** ଲେଖକ - ଶ୍ରୀ କଂଶାଦେବ ଭୂୟାଁ ।

ମୂଲ୍ୟ ଏକଟଙ୍କା ଚାରିଅଣା । ପ୍ରଚ୍ଛଦ ପଟରେ ଶିଳ୍ପୀ ଶ୍ରୀ ଗୋପାଳ କାନୁନଗୋଙ୍କର ଗୋଟିଏ ସୁନ୍ଦର ଛବି । ବିଷୟବସ୍ତୁ ଜଣେ ଲେଖକ (କୁବେର)ଙ୍କର ଜୀବନୀ । ତାଙ୍କର ଗୁଣଗ୍ରାହିତା ଓ ଉଦାରତାର ସୁବିଧା ନେଇ ତାଙ୍କର ସ୍ତ୍ରୀ (ଯମୁନା) ତାଙ୍କର ବନ୍ଧୁ (ରମେଶ)ଙ୍କ ପ୍ରତି ଆକୃଷ୍ଟ ହୋଇ ଯାଇଥିଲେ । ପରେ ରମେଶ ଯମୁନାଙ୍କୁ ପରିତ୍ୟାଗ କରି ଚାଲିଗଲାରୁ ଯମୁନା ପୁଣି କୁବେରଙ୍କର ଆଶ୍ରୟ ଭିକ୍ଷା କରିଥିଲେ ।

ବିଷୟବସ୍ତୁ ଅତି ପୁରୁଣା । ଲେଖକଙ୍କ ମତରେ ଯମୁନା ଉପରେ ସମସ୍ତ ଦୋଷାରୋପ କରାଯାଇ ନ ପାରେ କାରଣ ସ୍ତ୍ରୀ ସ୍ୱାଧୀନତାର ଅର୍ଥ ବୁଝି ନ ପାରି ନିଜର ବିଚାରହୀନ ସ୍ୱାମୀ କୁବେରଙ୍କୁ ପରିତ୍ୟାଗ କଲେ । ଏଥିରେ କିନ୍ତୁ କୁବେରଙ୍କର ମଧ୍ୟ ଦୋଷ ରହିଛି । କାରଣ ସେ ତାଙ୍କ ନିଜର ସ୍ତ୍ରୀ, ସ୍ତ୍ରୀ ସ୍ୱାଧୀନତାରେ ଯମୁନାଙ୍କୁ ଜିମ୍ମା ଅର୍ପଣ କରିଦେବାରୁ ତାଙ୍କର ଦୁଃଖ ହୋଇଛି । ନିଜର ଦୁର୍ବଳତା ପାଇଁ ରମେଶ ବାବୁଙ୍କ ଘରେ ଜିଣିବା ଯମୁନା ସ୍ତ୍ରୀଙ୍କୁ ଅନେକ ଦିନ ଧରି ... ଅତ୍ୟଧିକ ପ୍ରଶ୍ରୟ ଦେଇଛନ୍ତି । ସୁତରାଂ ଯମୁନା ଦ୍ୱିତୀୟ ସ୍ୱାମୀ ଗୃହରେ ପ୍ରକୃତି ପରିତ୍ୟକ୍ତ ହୋଇ ରମେଶଙ୍କର ନିକଟ ପ୍ରାର୍ଥୀ ହୋଇଛନ୍ତି ଓ ପରେ କୁବେର ନିକଟ ଆତ୍ମସମର୍ପଣ କରିଛନ୍ତି । ଏକାବେଳେ ଦୁଇଜଣଙ୍କ ସହ ପ୍ରୀତି ... ଲେଖକ କୁବେର ନିଜର ତ୍ରୁଟି ତାଙ୍କ ଉପରେ ଲଦି ଦେଇଛନ୍ତି କି ନାହିଁ ? ନିଜେ ବିଚାରହୀନ ହୋଇଥିବା 'ଲତା' ପ୍ରତି ସେ ... ପରେ ବିଳାପ କରି ଆସିଛନ୍ତି ସେ ସ୍ଥଳରେ ଲତାର ଯନ୍ତ୍ରଣା ... ସ୍ୱାଭାବିକ । କୁବେରଙ୍କୁ କବି ବା ଲେଖକ ହୋଇ ... ଅତି ଗୁଣଗ୍ରାହିତାର ପରିଚୟ ଦେଇଥିବା ମନୁଷ୍ୟ ହିସାବରେ ... ବର୍ଣ୍ଣନା କରିବାରେ ଯେଉଁ ତ୍ରୁଟି ଦେଖାଇଛନ୍ତି ସେଥିପାଇଁ ସମସ୍ତ ପରିସ୍ଥିତି ଜଟିଳ ହୋଇଛି ।

ଉପନ୍ୟାସଟିରେ ଶ୍ରୀ କଂଶାଦେବ ବାବୁ ଆଧୁନିକ କବିର ଦୁର୍ବଳତା ଉପରେ କଶାଘାତ କରିଛନ୍ତି ଯେଉଁ କବିମାନେ ଅନାବଶ୍ୟକ ଗୁଣଗ୍ରାହୀତା ଦେଖାଇ ନିଜର ଓ ଅନ୍ୟର ସାଂସାରିକ କ୍ଷତି ଘଟାଇ ଥାନ୍ତି ସେ ସେମାନଙ୍କୁ ସାବଧାନ ହେବାକୁ ଆହ୍ୱାନ ଦେଇ ନାହିଁ । ତଥାପି କବି ସମାଜର କଲ୍ୟାଣ ସାଧନ କରିବା ଉଦ୍ଦେଶ୍ୟରେ ନିଜର ସ୍ୱାର୍ଥତ୍ୟାଗ ମଧ୍ୟ ସମାଜର କ୍ଷତି ଘଟାଏ ।

ବହିଟିର ଛପାଯାଇ, କାଗଜ ଖୁବ ସୁନ୍ଦର ଓ ଉଜ୍ଜ୍ୱଳ । 'ଚୋରିଙ୍କୁ' ଶବ୍ଦର ସ୍ଥାନରେ 'ଗଣ୍ଡି ଚୋରିକୁ', 'କଣି ଚୋରିଲୁ', 'ଚୋରି ଦେବାକୁ' ଏହିପରି ଅନାବଶ୍ୟକ ଶବ୍ଦର ଦେଖାଯାଏ । ଏପରି କଥାରେ ବିଶେଷତଃ 'ମୁଁ' ଲେଖା ନାହିଁ ସ୍ଥାନେ ସ୍ଥାନେ ବଡ଼ ବର୍ଣ୍ଣନା ଏହିପରି ଅନୁସାରେ ବର୍ଣ୍ଣିତ ହୋଇଥିବା ଉପନ୍ୟାସ ଲେଖା ଶୈଳୀରେ ଅସୁନ୍ଦର ଦେଖାଏ ।

ମୋଟ ଉପରେ ଉପନ୍ୟାସଟି ଭଲ ହୋଇଛି । ପାଠକ ପାଠିକାଙ୍କୁ ବେଶ୍ ଆନନ୍ଦ ଯୋଗାଇବ । ଲେଖକଙ୍କୁ ଅଧିକ ଲେଖିବାକୁ ଉତ୍ସାହ ଦେଉଛୁ । ଏହାଙ୍କ ଲେଖନୀରୁ ଅଧିକ ରଚନା ପାଇବାକୁ ଆଶା ରଖୁଛୁ ।

●

**COTTAGE INDUSTRIES.**

We have pleasure to receive a copy of the December, 1948 issue of "Cottage Industries" which is exclusively devoted to Cottage Industries as the title implies. The issue under review is neatly printed and contains among others interesting and informative articles on hand-made paper manufacture. The journal is edited by Smy. Sachi Devi and published by Mr. S. L. Kharbanda, Bani Press, Shillong, (Assam) who merit congratulations. The annual subscription is only Rs. 2/-.

●

**'ସଂଗ୍ରାମ'** (ସାପ୍ତାହିକ ପତ୍ରିକା) ପ୍ରତିସଂଖ୍ୟା - ଏକ ଅଣା, ବାର୍ଷିକ ତିନି ଟଙ୍କା । ସମ୍ପାଦକ - ଶ୍ରୀ ଏନ୍. କି. ମିଶ୍ର. । ମାଦଳିକ ପ୍ରେସରେ ମୁଦ୍ରିତ ।

ପାକ୍ଷିକ ରୂପେ ସଂଗ୍ରାମ ପତ୍ରିକା ପାଇ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଉଛୁ ।

●

**ଆଶାଦୀପ** (ତ୍ରୈମାସିକ ପତ୍ରିକା) ପ୍ରତିସଂଖ୍ୟା ଦୁଇ ଅଣା । ସମ୍ପାଦକ - ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି ।

ମୟୂରଭଞ୍ଜ ଛାତ୍ର ସମାଜର ଉଦ୍ୟମରୁ ଏହି ତ୍ରୈମାସିକ ପତ୍ରିକା 'ଆଶାଦୀପ' ପ୍ରକାଶ ପାଉଛି ଆନନ୍ଦର କଥା । ପ୍ରଥମ ସଂଖ୍ୟାରେ ପ୍ରାୟ ୩୩ ଜଣ ଛାତ୍ରଛାତ୍ରୀଙ୍କର ରଚନା ସନ୍ନିବେଶିତ ହୋଇଛି । ଗଳ୍ପ, କବିତା, ପ୍ରବନ୍ଧ, ସମାଲୋଚନା, ଜୀବନୀ, ଅନ୍ୟାନ୍ୟ ବିନୋଦନ ଲେଖାଦ୍ୱାରା ପତ୍ରିକାଟି ଶୋଭିତ ହୋଇଛି । ଦେଶୀୟ ଭାଷା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ବଙ୍ଗଳା ଭାଷାରେ ମଧ୍ୟ କେତୋଟି ରଚନା ପ୍ରକାଶ ପାଇଛି । ପତ୍ରିକାଟିର 'ଛାତ୍ରୀମହଲ' ବିଭାଗରେ ଛାତ୍ରୀମାନଙ୍କୁ ବିଶେଷ ସ୍ଥାନ ଦିଆଯାଇଛି । ମୟୂରଭଞ୍ଜ ଛାତ୍ରସମାଜ ର ଏହି ଉଦ୍ୟମ ନିଶ୍ଚୟ ଖୁବ ପ୍ରଶଂସନୀୟ । ପତ୍ରିକାର ପ୍ରାରମ୍ଭରେ ବର୍ଷ ସାରା ଛାତ୍ରମାନେ କିପରି ଗଠନ କାର୍ଯ୍ୟ କରି ଆସୁଛନ୍ତି ତାହାର ଏକ ବିବରଣୀ ପ୍ରକାଶିତ ହୋଇଛି ।

ପତ୍ରିକାର 'ସଂଗଠନ ମନୋବୃତ୍ତି' ଏବଂ 'ସ୍ୱାଧୀନତା' ଆଦି ପ୍ରବନ୍ଧ ... ମୟୂରଭଞ୍ଜର ଛାତ୍ରଛାତ୍ରୀଙ୍କ ଲେଖା ପତ୍ରିକାରେ ସ୍ଥାନ ପାଇବା ଦେଖି ପତ୍ରିକାର ନୀତି ଜଣାଯାଏ । ଆମେ ମନେକରୁ ସମ୍ପାଦକ ଯଦି ପତ୍ରିକାରେ କେବଳ ମୟୂରଭଞ୍ଜ ଛାତ୍ରଛାତ୍ରୀଙ୍କ ଲେଖାରେ ଆବଦ୍ଧ ନ କରି ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ଥାନ ଦିଅନ୍ତେ ତାହେଲେ ଛାତ୍ରସମାଜ ମଧ୍ୟରେ ପରିଚୟ ଘଟନ୍ତା ଏବଂ ଓଡ଼ିଶାର ଛାତ୍ରସମାଜମାନେ ଗୋଟିଏ ସୂତ୍ରରେ ବାନ୍ଧି ହୁଅନ୍ତେ ।

ଆମ୍ଭେମାନେ 'ଆଶାଦୀପ'କୁ ସ୍ୱାଗତ ଜଣାଉଛୁ । 'ଆଶାଦୀପ' ଦୀର୍ଘଜୀବୀ ହୋଇ ଓଡ଼ିଶାର ଉନ୍ନତି କରୁ ଏହାହିଁ କାମନା ।

●



"ମାଁ ମୁଁ ଯାଉଅଛି କି ରେଖି ତୋର ମାଆକୁ ଅଳ ସାଥି ରେଖା ଯାଉଅଛି ରେଖି ମୋ ମନେପଡ଼େ ...."

Digitized by srujanika@gmail.com



କେଶ ପ୍ରସାଧନ —

— ଶ୍ରୀମତୀ ବିନ୍ଦୁ ମହାପାତ୍ର ।

Digitized by srujanika@gmail.com

ଗଦ୍ୟ କବିତା-

# ଆମର ସ୍ୱାଧୀନତା

• ଶାନ୍ତନୁ •

ଆମେ ତ ପାଇ ପାଇଛୁଁ ସ୍ୱାଧୀନତା
ଆଉ ରହିଲା କଉଁ କଥା ?
ଆଉ କାହିଁ ପାଇଁ ବା ଦୁଃଖ କଥା ?
ଏଇଥି ପାଇଁ ଏକା ଦିନ
ଆମେ ବସିଥିଲୁଁ ଗାଇ ଧିନା ଧିନ୍ ଧିନା ।
କେତେ ଦୁଃଖ ନିଦ୍ଦୁଲେଇ ନିଦ୍ଦୁଲେଇ,
ଶିଶୁ ଫୁଲେଇ ଫୁଲେଇ,
ପଡ଼ିଥିଲୁ କହିବା କହିବାକୁ,
ପଡ଼ିଥିଲୁ କେତେ ଗଞ୍ଜ ଧରିବାକୁ,
ଟେବୁଲ ଉପରେ ହାତ କଚାଡ଼ି,
ଲୁହରେ ପତ ଛୁଟାଇ ଦି,
ପଡ଼ିଥିଲୁ କରିବାକୁ ଲୁଣ ମରୁ,
ପଇସା ବନ୍ଦ,
ଷ୍ଟ୍ରାଇକ ଧର,
ପିକେଟ ପିଆ, ଛୁଟା କଥା,
ଆଉରି ଏମିତି କେତେ କଣ ନୂଆ କଥା
ମରୁଥିଲୁ ପଢ଼ିବାକୁ,
କେତେ ନିନ୍ଦା ବହିବାକୁ
ଆଉ ଦେଖ ନାହିଁ ଏତେ କଥା କହିବାକୁ ।
ବିଦେଶୀ ରାଜାକୁ ତଡ଼ିବାର,
ପୁଲିସ ହାତରେ ଲଦିବାର.
ଯେତେ କଥା ଯେତେ ପ୍ରକାର,
ଏତେ କାମାଣିକାର କି ବା ଦରକାର,
ଆମେ ତ ପାଇ ପାଇଛୁଁ ନିଜ ସରକାର !
(ଭୁଲି ଦିଅ ସେସବୁ ଗତ କଥା,
ଆମର ମିଳି ଯାଇଛି ସ୍ୱାଧୀନତା )
ତାଙ୍କରି ହାତେ ଦେଇଛୁଁ ଶୁଆ ଟେକି,
ତାଙ୍କରି ମୁଣ୍ଡେ ଥୋଇଛୁଁ ଆମ ଠେକି;
ଆଉ କେହି ନୁହେଁ - ତାଙ୍କର ଏକା,
ହାଣ୍ଡି, କୁଣ୍ଡି, ଠେକା,
ଦେଉଛୁ, ଦୁହା ଆଉ ଗନ୍ଧା,
ତେଲ ଘଟି ସାବୋନ ଧନ୍ଦା.
ଛୁଆଛୁଆଁ, ଛୁଆ, ଗୁହୁଣୀ,
ଆମର ଆଉ ନାହିଁ କିଛି ଭାବୁଣୀ;
ଆମେ ତ ଦିନ୍ରେ ଦେଉଛୁଁ ପଇସା,
ନାହିଁ ଆମର କହିଁ ସ୍ୱାର୍ଥ ଲଗା !
ଆମେ ନାଚିବା ଧେଇ ଧେଇ,
ଆମ ସରକାର ହାତେ ସଁପି ଦେଇ,
ଆମର ଏଇ କହଣା ;
ଅଭାବ କଥା ପଚାରୁ - ଅଭାବ କିସ ତୋ ଚହଣା !
ସେହି ଆମର କହିଁ, ବିଧାତା, ହର୍ତ୍ତା, କର୍ତ୍ତା,
ଆମର ଆଉ ଆମର ଦିଗ କରିଥାର ଭର୍ତ୍ତା,
ସେଇ ଆମ ଭରସା, ସେଇ ଆମ ସମ୍ବଳ,
ଗମ୍ଭୀର କର୍ମର ଛୁଟା, ଆଉ ଶାଢ଼ୀରେ କମ୍ବଳ,
ଆଜ ଯାଇଁ ତାଙ୍କର କୁଳ ରହୁଛି ମଥା.
ଯେଣୁ ଆମେ ପାଇ ପାଇଛୁ ସ୍ୱାଧୀନତା,
ସାହା ଯେବେ ଆମର ଦରକାର,
ପଇଁଠି ଯେତେ ପ୍ରକାର,
ସବୁ କରିଦେବେ, ସବୁ ଚଳାଇବେ ଆମ ସ୍ୱାଧୀନ ସରକାର,
ଆମେ ମଣିଷ ହୋଇଥିବା ଯଦି
ଆମର ଲକ୍ଷ୍ମୀ, ନିକି ନଦୀ,
ସରକାର ମୁଣ୍ଡରେ ସବୁ ଦେଇ ଲଦି,
ଆଖି ଦେଇ ଖୋଲି,
ସନ୍ଧାରେ ନିଶ୍ଚିନ୍ତ କଟାଇ ଦେଲେ ଖୋଳି,
ସବୁ ନିନ୍ଦା ସବୁ ଦୋଷ ଦେଇ ଛାଡ଼ି,
ଦେହରେ ପଡ଼ି ପିଇ ନିଶ୍ଚିନ୍ତ ମୁର୍ଦାଠି.
ଦାଣ୍ଡ କବାଟ, ଘରି କବାଟ ଦେଇ କିଳି
ଖାଲି ଖେଳ ଖେଳ ଉଠୁଥିବା କିଳି କିଳି,
ବରଦୁଆ କରି ଦେଇ ଯୋଡ଼ାଏ ଆସ୍ଥା
ଆମର **ସ୍ୱାଧୀନତା** - ଆମର **ସ୍ୱାଧୀନତା**

## କୁଙ୍କୁମ ପ୍ରତିଯୋଗିତା ୧ - ଫଳାଫଳ

କୁଙ୍କୁମର ହାସ୍ୟରସାତ୍ମକ ଗଳ୍ପ ପ୍ରତିଯୋଗିତା ୧ ରେ ଖୁବ ଅଳ୍ପ ସଂଖ୍ୟକ ବ୍ୟକ୍ତି ଯୋଗଦାନ କରିଥିଲେ ତେଣୁ ତାହା ଆଶାନୁରୂପ ହୋଇ ନାହିଁ । ଗଳ୍ପ ଗୁଡ଼ିକ ମଧ୍ୟରୁ ଅଧିକାଂଶର କଥାବସ୍ତୁ ମୌଳିକ ନୁହେଁ କିମ୍ବା ଭାବପ୍ରକାଶ ଭଙ୍ଗୀରେ ନୂତନତ୍ୱ ନାହିଁ ଯାହାହେଉ ତନ୍ମଧ୍ୟରୁ ଯେଉଁଗୁଡ଼ିକ ଉପଯୁକ୍ତ ବିବେଚିତ ହେଲେ ସେମାନଙ୍କୁ ନିମ୍ନଲିଖିତ ଭାବେ ପୁରସ୍କାର ଦିଆ ଯାଉଅଛି ।

ଗଳ୍ପ

ପ୍ରଥମ ପୁରସ୍କାର ୧୨॥୦ ( ଦୁଇ ଜଣଙ୍କ ଭିତରେ ଭାଗ କରି ଯାଉଛି -(୧) ଶ୍ରୀମତୀ ବିଜୟ କୁମାରୀ ଦେବୀ (ସମ୍ବଲପୁର) ...୬।୰ (ଦୁଇଟି ଗୀତ)
(୨) ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର, ଏମ.ଏ (କଟକ) ...୬।୰ (ମୋର ଆବିଷ୍କାର)

ଦ୍ୱିତୀୟ ପୁରସ୍କାର - ତିନିଜଣଙ୍କୁ ଗଣ୍ଡିଏ ଲେଖାଏଁ 'Burnaby' ପୁସ୍ତକ ପୁରସ୍କାର ଦିଆ ଯାଉଛି ।
(୧) ଶ୍ରୀ ଗଜେନ୍ଦ୍ର ନାଥ ସାମଲ (ପାଟଣା) ... (କଲେଜ ଷ୍ଟୋରିସ)
(୨) ଶ୍ରୀ ଶିବକୃଷ୍ଣ ଦାସ (କଟକ) ... ...(ଅଭାଗ୍ୟ ମୋ ବିବି)
(୩) ଶ୍ରୀ ମହେଶ୍ୱର ପତି (ବାଲେଶ୍ୱର) ... ... (ସୁହିନି ଚିଠି)

ଅନ୍ୟାନ୍ୟ ଗଳ୍ପ ଗୁଡ଼ିକ ମଧ୍ୟରେ ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକଙ୍କର "ଯୋଗ ନାହୁଡ଼ା" ଓ ଶ୍ରୀ କମଳ କୁମାର ମିଶ୍ରଙ୍କର "କିହେବ୍ଲରେ" ପ୍ରକାଶ ପାଇଁ ମନୋନୀତ ହୋଇଅଛି ଏବଂ ଶ୍ରୀମାନ ଉତ୍କଳ ରଞ୍ଜନ ଦାସ, ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ, ଶ୍ରୀ ପ୍ରମଥ ନାଥ ଦାଶ ଓ ଶ୍ରୀ ଶିବ ମହାନ୍ତିଙ୍କ ଗଳ୍ପଗୁଡ଼ିକ ପ୍ରଶଂସିତ ହୋଇଛି ।

ଏ ସଂଖ୍ୟାରେ ଦୁଇଟି ପୁରସ୍କାର ପ୍ରାପ୍ତ ଗଳ୍ପ ପ୍ରକାଶିତ ହୋଇଅଛି - ଅନ୍ୟାନ୍ୟ ଗଳ୍ପ ଯଥା ସମୟରେ ପ୍ରକାଶ ପାଇବ ।

ପ୍ରତିଯୋଗିତାରେ ଯୋଗ ଦେଇଥିବା ପ୍ରତ୍ୟେକ ଲେଖକ ଲେଖିକାଙ୍କୁ 'କୁଙ୍କୁମ' ଧନ୍ୟବାଦ ଜଣାଉଛି ।

Digitized by srujanika@gmail.com



# ଘର କଥା — ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

(ଭାରତ ସେବକ ସମିତି)

**ଆଚ୍ଛା ଶୁଣ!** କହିଲ, ତୁମର ଜୀବନଟା ସୁଖରେ ଗଲା ନା ଦୁଃଖରେ ଗଲା ?

ଅନେକ ଦିନ ତ କଟିଗଲାଣି — ତୁମେ କହିଲ ୫୬ ବର୍ଷ ଆଉ ମୁଁ ବି ୫୮ ବର୍ଷ ।

ବାହାହେଲେ — ତୁମକୁ ଯେତେବେଳେ ୮ ବର୍ଷ, ଆଉ ମତେ ଯେତେବେଳେ ବର୍ଷ ।

ସେ ବାହାଘର ତ କୁନିଆଁଙ୍କ ଖେଳ । ମୁଁ ପାଠଶାଳ ସ୍କୁଲରୁ ଫେରିଲାବେଳେ ମା' ବୋଲି ଡାକେ, ତୁମେ ଡରରେ କବାଟ ଫିଟାଇବାକୁ ସାହସ କରନାହିଁ ମା' ଘରେ ନ ଥାଏ । ତୁମେ ଆସି କବାଟ ଫିଟେଇ ଦେଲେ, ମୁଁ ତମକୁ ନ-ଚାହିଁ ସେ ତମ ହୋଇ ଘର ଭିତରକୁ ପଶିଯାଏ । ଏମିତି ଅନେକ ଦିନ ଗଲା ।

ତୁମେ ବାପ ଘରକୁ ଯାଅ, ପୁଣି ମହିନେ ଦି'ମହିନେ ଆମ ଘରେ ଆସି ରୁହ ।

ମୋ ମା' ତୁମକୁ ଭଲପାଏ କିନ୍ତୁ ଭାତ ପୋଡି ପକାଇଲେ, ତେଲହାଣ୍ଡି ଖସେଇଦେଲେ, ତୁମ ଉପରେ ରାଗେ ।

ତୁମେ ଡରି ଡରି ସବୁ ଶିଖ ।

ମୁଁ ସେତେବେଳେ ଟୋକା । ମୋର ବିଶ୍ୱାସ ପ୍ରବଳ ।

ଆମ ଘର ପୁରୋହିତ ବୁଢା ମୋତେ ବି ଭଲ ପାଉଥିଲେ ।

ମୁଁ ଖୁବ ଗୋରା ହେବା ପାଇଁ ଇଚ୍ଛା କରୁଥିଲି ।

ପୁରୋହିତ ବୁଢା କହନ୍ତି ଲଙ୍କାମରିଚ ଖାଇଲେ ଖୁବ ଗୋରା ହେବ ।

ମୁଁ ସେଥିପାଇଁ ଲୁଚି ଲୁଚି ଗରମ ଭାତ ଭିତରେ କଞ୍ଚା ଲଙ୍କା ମରିଚ ଦେଇ ଖାଇ ପକାଏ ।

କି ପ୍ରବଳ ବିଶ୍ୱାସ — ଆସ୍ତିକ ।

ତମ ଉପରେ ମୋର ଗୋଟିଏ ଅସନ୍ତୋଷ ଥାଏ । ତାର କାରଣ ମୁଁ ପିଲାଦିନୁ ମେମ୍‌କୁ ବାହାହେବି ବୋଲି ମନେ କରିଥିଲି - ମା କହିଥିଲା - ହଁ, ମେମ୍‌କୁ ବାହା ହେବୁ ।

ଯେତେବେଳେ ପାଲିଙ୍କିରେ ଚଢି ବାହାହେବା ପାଇଁ ଗଲି, ସାହେବମେମ୍ ମାନେ ଯେଉଁ ଆଡେ ଥାନ୍ତି ସେଇବାଟ ଦେଇ ମୋ ପାଲିଙ୍କି ଗଲା, ଘଣ୍ଟା ବାଜୁଥାଏ - ସେପଟେ ଜନ୍ତୁ ଥାଏ । କେତେ ମେମ୍ ଝିଅ ମାନେ ପଦାକୁ ବାହାରି ଆସି ଦେଖିଲେ - ମୋତେ କି ଦେଖିଲେ । ମୁଁ ଭାବୁଥାଏ - ଏହି ମାନଙ୍କ ମଧ୍ୟରୁ ଜଣକୁ ବିବାହ କରିବି ।

ବିବାହର ଅର୍ଥ ସେତେବେଳେ ଆଉ କିଛି ଜାଣି ନ ଥାଏ । କେବଳ ଟିକିଲ ଝିଅକୁ ଯେପରି ପାଖରେ ରଖିବାକୁ ଇଚ୍ଛା ହୁଏ, ତାକୁ ସେବା କରିବାକୁ ଇଚ୍ଛା ହୁଏ, ଚୁମା ଦେବାକୁ ଇଚ୍ଛାହୁଏ - ସେହିପରି । ଆଉ କିଛି ନୁହେଁ ।

କିନ୍ତୁ କାହିଁ? ପାଲିଙ୍କି ତ ବାହାରି ଗଲା । ବାଜାବାଲା ମାନେ ବାଜା ବଜାଇ ବଜାଇ ପାଲିଙ୍କି ଗାଁରେ ପହଞ୍ଚି ଶେଷ ମେମ୍ ଘର ଆଡୁ ଦୂରେଇ ଗଲା । ମୋ ମନରେ ଗୋଟାଏ କ୍ଷୋଭ ଆସିଲା ।

ପାଲିଙ୍କି ଯେତେବେଳେ ଗୋଟିଏ ମଣ୍ଡପ ଆଗରେ ଦେଇ ଗଲା ଏବଂ ତା'ପରେ ଗୋଟିଏ ଘରଦ୍ୱାରେ ଆମମାନେ ଓହ୍ଲାଇଲୁ - ଆଉ ହୁଳହୁଳି ପଡ଼ିଲା । ମୋତେ ପାଲିଙ୍କିରୁ ଉଠାଇ ବେଦୀରେ ବସାଇବାକୁ ଗଲେ ମୁଁ ଆପତ୍ତି କଲି — ନା, ଏଠି ବାହା ହେବି ନାହିଁ ।

କିନ୍ତୁ କିଏ ଶୁଣୁଛି ମୋ କଥା ? ମୋର ବଳ ବା କେତେ? ପ୍ରମତ୍ତଙ୍କ ଜୋରରେ ମୋ ଜୋର୍ ହଟିଗଲା ।

ବାହାଘର ବେଳେ ବେଦୀରେ ଆଣି ତୁମକୁ ମୋ ପାଖରେ ଯେତେବେଳେ ବସାଇ ଦେଲେ ଆଉ ଶାଳା ମାନେ ଯେତେବେଳେ ମୋ ପିଠି ଉପରେ ପଡ଼ିଲେ ସେତେବେଳେ ମୁଁ ପ୍ରତିବାଦ କରି ଉଠିଲି, ରାଗି ଉଠିଲି - କଣ ମାନେ ନା କଣ କହିଲି, କିନ୍ତୁ ଗୁରୁଜନ ମାନେ କହିଲେ - ଶାଳା ସେପରି କରେ ।

ସେହି ସେ ମନର କଷ୍ଟତା, ବିଦ୍ରୋହ ରହିଗଲା — ସେ ରହିଗଲା ଅନେକ ଦିନ । ମୁଁ ଆଉ ତୁମକୁ ଭଲପାଇ ପାରିଲି ନାହିଁ ।

ଯେତେବେଳେ ଘରେ ଏକାକୀ ରହୁଥିଲ, ଆଉ ମୁଁ ମଧ୍ୟ ରହୁଥିଲି — ସେତେବେଳେ ଆମେ ଗୃହସ୍ଥ ହୋଇ ପାରିଲେ ନାହିଁ । ସୁତରାଂ ଆମର ଆଉ ବାଲ୍ୟକ୍ରୀଡ଼ା ଲୀଳା ନା ରାଧାକୃଷ୍ଣ ଲୀଳା ହୋଇ ପାରିଲା ନାହିଁ ।

ତା'ପରେ ଯୌବନ । ମୋତେ ସେତେବେଳେ ୧୬ ବର୍ଷ ତୁମକୁ ୧୪ ବର୍ଷ । ତୁମେ ଆସିଲ ଯୁବତୀ ହୋଇ ଆମ ଘରକୁ । କେତେ ଲୋକଙ୍କର କେତେ ଆନନ୍ଦ । ମା' ଭଉଣୀ, ବାପା, ମାମୁଁ ଆଉ ଆଉ ଗାଁର ଲୋକ ଯୋଷା ମାଉସୀ ମାନଙ୍କ ଇତ୍ୟାଦି । କିନ୍ତୁ ମୋର ମନରେ ଆନନ୍ଦ ନାହିଁ ।

ମୁଁ ମନେ ମନେ କ୍ରୋଧରେ ଜଳୁଛି । ମୋତେ ଭାର ଲାଗୁଛି ଆସୁଛି, ମୋତେ ଖାଇ ଉଣ୍ଡା ମିଠେଇ ଆସୁଛି, ଆଉ ଅନେକ ସବୁ ଆସୁଛି - ସେସବୁ ମୁଁ ଅଣ୍ଟା କରୁଛି, ଗଣ୍ଡିଆ ଗାଳିଗୁଲଜ କରୁଛି, ଫିଙ୍ଗି ଦେଉଛି । ପ୍ରତିଜ୍ଞା ମୁଁ ବାହା ହେବି ନାହିଁ, ବେଦୀରେ ବସିବି ନାହିଁ । ଏ ବେଦୀ ଆମ ଘରେ - ତୁମ ଘରେ ନୁହେଁ ।

ସେଦିନ ରାତିର କଥା ଭୁଲିବି ନାହିଁ । ମୁଁ ଅତି ଆଗରେ ବସିଥିଲି, ବେଦୀକୁ ଟାଣିଲେ । ମୁଁ ଗୋଇଠା ମାରି ବେଦୀକୁ ଭାଙ୍ଗି ଦେଲି । ସମସ୍ତେ ଛି ଛି କଲେ । ତା'ପରେ ପ୍ରବୋଧ ଦେବାପାଇଁ ଚେଷ୍ଟା କଲେ । ସମସ୍ତେ କହିଲେ - ବିଶେଷତଃ ସ୍ତ୍ରୀ ଲୋକମାନେ - ସତ, ଏ କିମିତିକା ଟୋକା ମ !

ଯାହାହେଉ ମନ୍ତ୍ର ପାଠ ହେଲା - ହୋମ ହେଲା ।

ତା'ପରେ ମୋତେ ସେ ହୋମ କାଠିଆ ଧରି ଗୋଟିଏ ଯୋଗୀ ହୁଡ଼କୁ ଯିବାକୁ ହେଲା । ସବୁକଥା ଠିକ୍ ଠିକ୍ ମନେ ନାହିଁ । ସେ କାଠିଆ ଯୋଡାହୋଇ

(କ୍ରମଶଃ)

Digitized by srujanika@gmail.com

ଥିଲି, ସେଥିରୁ କିଛି ବୋଲିଲି ନା କଣ। ତା'ପରେ ମୋତେ ଘରକୁ ଆଣିଲେ।

ତୁମ ପାଇଁ ବାପର ଘର ସ୍ୱର୍ଗ ହୋଇଥାଏ। ମୋତେ ତା' ଭିତରେ ପଶିବାକୁ କହିଲେ, ମୁଁ ନାହିଁ କଲି। କେତେ ଯୁକ୍ତିତର୍କ ହେଲା। ମୋର ବଡ ଭଉଣୀ, ଆହୁରି ଆହୁରି କେତେ ସ୍ତ୍ରୀଲୋକ ମୋତେ ଠେଲି ଦେଲେ ସେ ଘର ଭିତରକୁ ଆଉ ବାହାରୁ କବାଟ ଲଗାଇ ଦେଲେ।

ସେ ରାତିରେ ତୁମେ ଚୁପ୍ – ମୁଁ ଚୁପ୍। ମୁଁ ଥର ଥର ହେଉଥାଏ। ତୁମେ ଜଡ଼ ହୋଇ କେଉଁ କୋଣରେ ଥାଅ। ତା'ପରେ କିଛି ସମୟ ପରେ ମୁଁ ଥକାପଣରୁ ଶୋଇ ପଡ଼ିଲି ଆଉ ତୁମେ କଣ କଲ କେଜାଣି ଜାଣି ନାହିଁ।

ଏବେ କଣ ତୁମର ମନେ ଅଛି? ମନେ ଅଛି ତ କହିବ।

ତା'ପରେ ମୋର ଏଣ୍ଟ୍ରାନ୍ସ ପାଶ ହେଲା। ମୁଁ ବୃତ୍ତି ପାଇଲି। କଲେଜରେ ପାଠ ପଢ଼ିବାକୁ ଗଲି। କେବେ ଆଉ ଘରକୁ ଫେରିବା ପାଇଁ ମନେ କରେ ନାହିଁ। କାରଣ ଘରକୁ ଗଲେ ତୁମେ ଅଛ।

ଏଣେ ମା' ବାପା ବଡ ଦୁଃଖିତ ହୁଅନ୍ତି। ସମସ୍ତଙ୍କର ପିଲା କଲେଜରୁ ଛୁଟିରେ ଘରକୁ ଫେରନ୍ତି, ମୁଁ ଫେରେ ନାହିଁ।

ଏହି ମଧ୍ୟରେ ମୁଁ ବ୍ରାହ୍ମ ସମାଜ, ଖ୍ରୀଷ୍ଟିଆନ ସମାଜ ଓ ମୁସଲମାନ ସମାଜ ପ୍ରଭୃତିରେ ମିଶି ଧର୍ମ ଭାବରେ ଜୀବନ କଟାଇବାକୁ ସବୁବେଳେ ଆଗ୍ରହ କରୁଥିଲି।

ମାମା ଶୁଣି ଭାବିଲେ ଯେ ମୁଁ ମୁସଲମାନ ହୋଇ ଯାଉଛି, ମୁଁ ଖ୍ରୀଷ୍ଟିଆନ ହୋଇ ଯାଉଛି, ମୁଁ ବ୍ରାହ୍ମ ହୋଇ ଯାଉଛି। ବାପା ମା'ଙ୍କର ଚିନ୍ତାର ସୀମା ନାହିଁ। ତୁମର କି ଚିନ୍ତା ମୁଁ ଆଜି ପର୍ଯ୍ୟନ୍ତ ଜାଣି ପାରି ନାହିଁ।

ତା'ପରେ ଯୌବନ ଭରି ଭରି ଉଠିଲା – ଉଚ୍ଛୁଳି ହେଲା।

ତୁମ ପାଖରେ ଦୁଇ ଥର ଅଧେ ସେତେବେଳେ ମିଶିଛି। କିନ୍ତୁ ସେ ମିଶାରେ ଆନନ୍ଦ ହୋଇଛି କି? କେବଳ ଦୁଧ ତାତି ଉଠି ଫୁଲି ଉଠିଲେ ଟିକିଏ ଥଣ୍ଡା ପାଣି ପକାଇ ଦେଲେ ଯେମିତି କମିଯାଏ? ସେହିପରି ସାମୟିକ ଉତ୍ତେଜନା ଟିକିଏ କମିଯାଏ।

ତା' ବଦଳରେ ମନଟା କିଛି ଭଲ ନ ଆଏ। ଏଣେ ଶୁଣିଲି କାନ୍ଦିଲି କରି [illegible]ନାହିଁ। ଦିନେ ମା'ର ଡାକରାରେ – ଗୋଟିଏ କଥାରେ ଘର ଛାଡ଼ିଲି।

ତୁମେ ହିଁ ଦୁଃଖଭାଗିନୀ।

ଆଜି ୨-୪ ବର୍ଷ ଦେଖା ହେଲା ନାହିଁ। ତା'ପରେ ମା' ଚେଷ୍ଟା କରିଛି [illegible] ଥର ତୁମକୁ ମୋ ପାଖରେ ରଖିବା ପାଇଁ – ମୁଁ ଲେଖି ଦେଇଛି ବାରବାର। ସେ କି ଦୁଃଖ ତୁମର।

ତା'ପରେ ମା'ର ଅନେକ ଯତ୍ନ ପରେ – (ଆଜି ମା' ମରି ଯାଇଛି) ତୁମେ ପାଖକୁ ଆସିଲ। ତୁମେ ମୁଁ ଏକାଠି ରହିଲୁ।

କିନ୍ତୁ ସେଥିରେ ମଧ୍ୟ କେତେଥର ବା ଦେଖା, କେତେଥର ବା କଥା?

ମୁଁ ସବୁବେଳେ କାମରେ ବ୍ୟସ୍ତ – ବାହାରେ, ଆଉ ତୁମେ ତ ସବୁବେଳେ ଘରେ ନିଜ କାମରେ। ରାତି ହେଲେ ତୁମର ମୋର ଦେଖା ନାହିଁ। ତୁମେ ଶୋଇ ନିଦ୍ରା ପୁରୀରେ।

କହ ବୀଣା – ତୁମେ କଣ ଜୀବନରେ କେବେ ସୁଖୀ ହୋଇଛ?

ତା'ପରେ ତୁମେ ଗର୍ଭବତୀ। ଏହିପରି କିଛିଦିନ ଗଲା – ତୁମର ମୋର ଦେଖା ନାହିଁ।

ତା'ପରେ ମା'ର ଅନେକ ଚେଷ୍ଟାରେ ତୁମେ ମୁଁ ପୁଣି ଏକାଠି ହେଲୁ। କିନ୍ତୁ କେତେ ପାଇଁ? ୨ ଦିନ ପାଇଁ। ତୁମେ ଗଲ ଅନ୍ୟତ୍ର। ମୁଁ ଗଲି ଅନ୍ୟତ୍ର।

୨ ବର୍ଷ ଗଲିଗଲା। ତା' ପରେ ଦୁଇ ଟିକିଏ ମିଶିଲୁ – ସେ ମଧ୍ୟ ୨ ଦିନ ପାଇଁ।

ତା'ପରେ ମୁଁ ଗଲିଗଲି, ତୁମେ ଘରେ ରହିଗଲ। ସେ ଗଲା ୮ ବର୍ଷ। ତା'ପରେ ପୁଣି ତୁମେ ମୁଁ ଏକାଠି ରହିଲୁ।

କିନ୍ତୁ ତୁମର ହେଲା ମେଲେରିଆ ଜ୍ୱର, ଯକ୍ଷ୍ମା, ପେଟରୋଗ। ଆଉ ମୁଁ ଏଣେ ତେଣେ ବୁଲି ଚାକିରି। ନୌକିରୀ ଏହିପରି ଏହିପରି ଗଲା ଗୋଟିଏ। ଆସିଲା ଟିକିଏ ଯୌବନ ପଣ। ସେତେବେଳେ ଯାହା ଟିକିଏ ମିଶିବା, କଥା କହିବା, ଆନନ୍ଦ ପାଇବା, ପୂର୍ଣ୍ଣ ଆସ୍ୱାଦନ କାମନା କରିବା, କାରଣ ମୋର ଆଦର୍ଶ ସହିତ ତୋ ତୁମର ଆଦର୍ଶ କେବେ ମିଳିଲା ନାହିଁ।

ତୁମେ ଶୁଣିଲ କନ୍ୟାର ଆଉ ବସ୍ତ୍ରହରେ ବିବାହ। ମୁଁ ଶୁଣିଲି ପାଠ ପଢେଇବି। ଏହିପରି – ଏହିପରି ଗଲା।

ତୁମେ କାହାରି ପାଇଁ ଆଉ ବାହାର ନାହିଁ। ମୁଁ ହେଲି ସର୍ବସ୍ୱ।

ପୁଣି ମୋ ଆଦର୍ଶରେ ସବୁବେଳେ ଲୋକମାନେ ଘଷିଛନ୍ତି। କିନ୍ତୁ ତୁମେ ତୁମର ପଥରେ ଅଟଳ, ସ୍ଥିର ହୋଇ ରହିଛ। ମା' ବାପାର ସେବା କରିଛ। ସେମାନେ ଚାଲି ଯାଇଛନ୍ତି – ତଥାପି ତୁମେ ସମସ୍ତଙ୍କର ସେବା କରୁଛ। ମୁଁ ଜଗତର ସଂଘର୍ଷ ଓ ସଂଘାତରେ ଆସି ବଦଳି ବଦଳି ଗଲିଣି – ମୁଁ ଦୁଇଟ ତୁମ ଆଦର୍ଶଠାରୁ ବହୁ ନିମ୍ନରେ – ମୁଁ ଏହା ଅନୁଭବ କରୁଛି – କିନ୍ତୁ କିଏ ଜାଣେ, ସେହି ନିମ୍ନକୁ ଗଲିଣି।

ଏଠିକି ଆନନ୍ଦ ମୋର ଯେ ତୁମେ ଦିନୁଦିନ ମୋ ଚକ୍ଷୁରେ ଦେବୀ ସ୍ୱରୂପା, ମହାପ୍ରାଣା, ଜଣା ଯାଉଛ – ଦେଖା ଯାଉଛ –

ଆଉ ମୁଁ ନିଜଠାରେ ଦିନୁଦିନ ଯେପରି ତଳକୁ ଖସିଛି – ଦେଖା ଉପରକୁ ଉଠି ପାରିନାହିଁ।


ଆହୁରି ଗୋଟିଏ କଥା – ତୁମେ ଅଛ ବୋଲି, ତୁମ ଜୋର ମୁଁ ଆଜି ଯେଉଁ ସ୍ଥାନରେ ଅଛି, ସେ ସ୍ଥାନରେ ମଧ୍ୟ ରହି ପାରନ୍ତି ନାହିଁ – ଆହୁରି ତଳକୁ ଦୁଇଟ ଖସି ଯାଆନ୍ତି।

କିନ୍ତୁ ଗୋଟିଏ କଥା କହିବି। ତୁମେ ମୋତେ କ୍ଷମା କରିଛ ସତ – କିନ୍ତୁ ମୁଁ ଦୁଇଟ ତୁମ ସ୍ୱାମୀ ଯେବେ ଆହୁରି ଅଧମ ହୋଇ ଥାନ୍ତି, ତାହିଲେ ଆହୁରି ଏତୁ ଉଚ୍ଚକୁ ଉଠିଥାନ୍ତି।

ଯାହାହେଉ ମୁଁ ତୁମକୁ ଆଉ ଦୋଷୀ କରୁନାହିଁ। ତୁମର ଆଶୀର୍ବାଦ ନେବାର ମାଗିଛି – ମନେ ମନେ। ତୁମେ ଆଶୀର୍ବାଦ କରିଛ ମଧ୍ୟ। ମୋର ପାପର କଥା ତୁମେ କାହାକୁ କହି ନାହଁ।

ଯେତେ ଯନ୍ତ୍ରଣା ସହିଛ ସବୁ ଅନ୍ତରରେ ଏକା ଏକା ବଡ ସହିଛ। ତୁମକୁ ମୁଁ ଜାଣେ – ଜାଣିବି। ତୁମ ସ୍ପର୍ଶରେ ମୁଁ ପବିତ୍ର ହୋଇଛି ବାରବାର – ପବିତ୍ର ହେବି ଆହୁରି। ତୁମର ସେ ମହତ୍, ଦରଦ, କମନୀୟ କାନ୍ତି – ସେସବୁ ମୋତେ ନବନ କରିଛି – ମୋ ଚିତ୍ତକୁ ସୁନ୍ଦର କରିଛି – ସେଥିପାଇଁ ତ ମୁଁ ଯାହା ଅନ୍ୟକୁ ଭଲ ପାଇବାକୁ ଶିଖିଛି।

ତୁମର ଦୁଃଖ କଥା ଏବେ ଶୁଣିଲେ – ମନେ ମନେ ଭାବିଲେ ଆଖିଏ ଉପସ୍ଥିତ ହୁଏ।



"ତମେ କେମିତି ଆସ୍ତେ ଆସ୍ତେ ଭଲ ହେଉଛି?"
"ହିଁ ଏକ ପ୍ରକାର। କାଲି ଡାକ୍ତର ଆସି କଣ କହୁଥିଲେ ଜାଣିଚ?"
"କଣ କହୁଥିଲେ?"
"କହିଲେ ଯଦି ମୋର ସ୍ୱାସ୍ଥ୍ୟ ଭଲ ରଖିବାକୁ ଇଚ୍ଛା ତେବେ ମୋର ପାଣିରେ ବେଶି ବୁଡି ବସି ରହିବା ଦରକାର"।

Digitized by srujanika@gmail.com

Kumkuma 1(06)Mar1949 - 17



# • ଗାଙ୍ଗେୟ ଶ୍ରୀ •

ଶ୍ରୀ ଦୁର୍ଗା ମାଧବ ମିଶ୍ର, ବି.ଏ.(ଅନର୍ସ)

ଦିଗନ୍ତର ପ୍ରଶାନ୍ତ ନୀଳିମା,
ଗଙ୍ଗାର ଫେନିଳ ସ୍ରୋତ ଗତେ ଯହିଁ ସମକୋଣୀ ସୀମା
ଅସ୍ପଷ୍ଟ ଆଲେଖ୍ୟ ତୁଳି ଚକ୍ରବାଳ ଧୂସର-ଧବଳ
ଆକାଶର ଐକାନ୍ତିକ କୋଣେ ଯାଏ ଦ୍ରବିତ ଶ୍ୟାମଳ
ଉଚ୍ଛ୍ୱସିତ ଯମୁନା ଫେନ - ବିଶ୍ଳଥ ସୀମା ରେଖା ସମ,
ଧୂମ୍ରାଭ-ପାଂଶୁଳ ନଭ ପ୍ରଭାହୀନ, ଅସ୍ପଷ୍ଟ ମଳିନ ।
ସାଗର ଯୌବନ ତୁଲ୍ୟ ଉର୍ମିମାଳା ଛନ୍ଦେ ନାଚି ନାଚି,
ମହାସ୍ରୋତେ ଶିର ପିଟେ ସ୍ଫଟିକର ବିଚ୍ଛୁରିତ କାଚି,
ଧୂମକ କୁହେଳି ପଛୁଁ ହିମାଚଳ ନିର୍ବିଡ଼ ତରଙ୍ଗ,
ତ୍ରିଭୁବନ ଆର୍ଯ୍ୟ ମୁଖେ ବେଦଧ୍ୱନି ଥାଉର ଥାଉର ।
ତିମିରିତ ନଭକୋଣେ ଦୀପ୍ତିମାନ ଶତଭିଷା ଦୃଶେ,
ନଷ୍ଟ ସୂର୍ଯ୍ୟ ଚନ୍ଦ୍ରିକା ମରି ମରି ଅସ୍ତାଚଳେ ମିଶେ
ଫେନାଙ୍କିତ ସନ୍ଧ୍ୟା ନାଚି ଗଲେ,
ଚକ୍ରବାଳ ରକ୍ତ ଜିଭ ଲହି ଥରି ଦ୍ରୁତ ଯୋଜେ ଚାଲେ ।
ଗଙ୍ଗା ବାଲୁ ଛୁଟି ଗଲେ ତାର ଯମ ଉତାଳ ବାଲୁକା,
ସ୍ଫୁର-ଲଗ୍ନ ଶ୍ଳୈଷ୍ମ ଦେହ ଅଗ୍ନିକଣା ! ଉଲ୍ଲସିତ ଉଲ୍କା !
ଯାଉଁ ଦେଲା ରିକ୍ତା ଘଣ୍ଟି ନିଶା ଥରେ ନିଥର ମଣ୍ଡଳେ —
ମିଶିଯାଏ ; — ଚନ୍ଦ୍ର ଦୃଷ୍ଟି, କାହା କର ଭିଜେ କାହା ଗଲେ,
ଘନ ଘନ ଶୁଆ ପକ୍ଷୀ ଆର୍ଦ୍ର ଶ୍ୟାମ ପଲ୍ଲବ ଗହଳେ
ତେଣୁ ଖେଳି ଲେଉଟନ୍ତି ଦୃଷ୍ଟି ନୃତ୍ୟ ତରଙ୍ଗ-କଲ୍ଲୋଳେ ।
ଆତଙ୍କର ସ୍ତବ୍ଧତାର - ପାଖ ତଳ ଶଷ୍ପ ଇନ୍ଦ୍ରଜାଳ,
କବରୀର କଣ୍ଟକାଟ ; କଳାଭଷା ପଣତରେ ମୋଳ
ବାନ୍ଧି ଦିଆ ସ୍ତ୍ରୀଭଜରେ ଟିକି ଟିକି ଛୁଟିବ ସ୍ପନ୍ଦନ
ଆତ୍ମକୋଣେ ଅଞ୍ଜଳିନା ; ନୟନରେ ନିଷ୍କୃତ ବେଦନ ।
ସବୁ ଏକ ଦୋଷ,
ଫଣ୍ଟୁଳ ଧରଣୀ ଗତେ, ଶୀତ ଷଷ୍ଠ ଥରଇ… ଥରଇ… ।
ଆର୍ଦ୍ରମନ ମାଟି ସ୍ତୂପ ! ସ୍ତୂପ ନୁହେଁ, ଜୀର୍ଣ୍ଣ ବାସଗୃହ
ଗଙ୍ଗାର ଶ୍ୟାମଳ ସ୍ରୋତ ଟୋଇ ନେଇ ଯାହା ପାପ ମୋହ
ରହି ଯାଇଅଛି ବାକି ମୃତ୍ତିକାର ଭଗ୍ନ ସ୍ତୂପ ରାଶି
ପ୍ରଦୀପର ଫିକା ଧୂଆଁ - ତାହା ତଳେ ଧୂତ କନ୍ୟା ଦାସୀ
ମହିରେ ପ୍ରଶାନ୍ତ ବିନ୍ଦୁ, କପୋଳରେ ସୁଶୋଭନ ଶିଶୁ,
ନୟନରେ ତପ୍ତ ସ୍ୱପ୍ନ ; ଉଦରରେ ଆର୍ଦ୍ର ବସ୍ତ୍ର ବନ୍ଧ
ଗଙ୍ଗାର ଏ ଶାନ୍ତ ନିର୍ଭାଷିକା,
ଧରଣୀର ସ୍ନେହ ମୁକ୍ତ, ଗଣିକାର ସୁପ୍ତ ମନ୍ଦାକିନୀ
ସବୁ ମିଶି ଦିଶେ ....
ଆତ୍ମଠାରେ ଫୁଲ୍ଲ ଫେନ, ସ୍ନିଗ୍ଧ ଏ ଶ୍ୟାମଳ ଧରଣୀ ।




# ଚମ୍ପାଫୁଲ

ଶ୍ରୀ ନଟବର ପ୍ରଧାନ, ବି.ଏ.

ଅଭିସାର ପଥେ ଯେଉଁ କୁସୁମ-ମହକ
ଢାଳୁଥିଲୁ ମୁକ୍ତ, ଆଜି ପଡ଼ିଛି ସଜଳି
ପଥ ପ୍ରାନ୍ତେ, କହ କାହେ ଦିଏନା ମେଳ ?
କେଉଁ ପ୍ରାଣେ କିଏ ତାକୁ ଟୋକିବ ସାଉଁଟି ?

ଗୋପ ପ୍ରାଣ ସ୍ୱଧାସମ କୃଷ୍ଣ ନଟବର
ବାଉଥିବେ ଯେବେ ମୃଦୁ ବେଣୁ ମଧୁ ବର୍ଷି,
ନ ଥିବ ଉଲସି ଏହି କୁସୁମ-ଅନ୍ତର ?
ଚିର ଯଉବନ-ଛାଆ ନ ଥିବ ପରଶି ?

ଯାଦୁ ସ୍ୱରେ ଗୋପବାଳା, ସୁନ୍ଦରୀ ରାଧିକା,
ବୀରୁ ଭଙ୍ଗ ହୁଏ ଦିନେ ନାଚି ଗୁଞ୍ଜେ ଦଳେ
ଶୁଣି ଯାଏ ଶୁଭ୍ର ସ୍ୱରେ ପ୍ରଣୟ-ଯାଚିକା;
ଭୁଷି ଯାଏ ଚମ୍ପାଫୁଲ ଯମୁନାର ଜଳେ ।
ଚମ୍ପାଫୁଲ ଅଭିଳାଷ-ମିଳନ-ମାଧୁରୀ-
ମୁକୁଳିତ ସୁଖ - ପ୍ରାଣେ ରହିଥାଉ ପୂରି ।



# • ଭିନ୍ନ ପଥ

ଶ୍ରୀ ରାଜ କିଶୋର ମହାନ୍ତି


ଆପଣା ଚିନ୍ତାରେ ନାୟକ ନୀର ଢାଳି
ତୃପ୍ତିରେ, ଫୋଟିଛି ତଟଲ୍ଲ ଲୁଚି ଥାଇ
ମୋ ପଥେ ମୁଁ ଶୁଣିବି ଧାଉଁ ଧାଉଁ
ଅନ୍ତର ଗାନେ ଉଠାଇ ନିଜ ସ୍ୱର ।
ମୋ ପାଇଁ କେହି କହିବନି ଆହା ଆହା,
ସହାନୁଭୂତି ଦେଖାନା ଟେକିଲେ ଚିନ୍ତେ,
ଯେତେବେଳେ ଗାଳି ଦେବେ ଅପମାନ
ସବୁ ଦିଅ ମୁଁ ସହିବି ମଥା ପାତେ ।
ଜହ୍ନର ହସ, ତାରାର ଆଖି ଠାରେ
ଲହରୀ ନାଚ, ହରିଣୀ ବନ ଗାନ
କୋଇଲି ଡାକ କପୋତୀ କୁହୁ କଥା
ଭୁଲିବିନି ମୁହିଁ - ଭୁଲିବନି ମୋର ମନ ।
କଳିକ ଆସେ ନିଶାର ପ୍ରୀତି ଥାଏ
ପାଇବ ଓଠେ ଫୁଟାଇ ମଧୁ ହାସ,
ସବୁରେ ଶାନ୍ତ ପ୍ରସୁପ୍ତ ଆଖି,
ଆତୁର ବାଳା ଶୁଣିବି ମୋର ପାଶେ ।
ଲଳନା କମ୍ପ କୋମଳ ପାଦ ତଳେ,
ସବୁଜ ଘାସ ଯେଉଁଠି ଉଠେ ରେଣୁ,
ସେ ଘାସ ପରେ ଜଗାଇ ଦେଇ ତନୁ,
କଲେନି କେଉଁ ଚିତ୍ରିତ ବନ ଭୂଇଁ ।
ଜହ୍ନଶ ବନେ ଫୁଟିଲି କେତେ କଳି
ମଧୁ ମଳୟେ ଆସିଲି କାହା ଗାନ,
ସିଂହାସନେ କେ ସୁନ୍ଦରୀ ଶୁଭ ଦେଲି,
ସେ କଥାରେ ମୁଁ ଦେଇନି ଚିନ୍ତେ ମନ ।
ମୋ ପାଇଁ ନିଶ୍ଚେ ଆକାଶେ ଲକ୍ଷ ତାରା,
ସାହାଯ୍ୟ କରେ ଖେଳଇ ଆସି ଛୋଟି,
ଗରଜି ଡାକେ କଳା ମେଘର ଘେରା,
ଯାଆ ସେ ମୋର - ପଥ ମୋ ଦୂରେ ପର ।
ଧରଣୀ ଝୁଲି, ପଥର ପଦ ଚିହ୍ନ,
କେତେକି ଯଶ, ସେତିକି ମୋର ଧନ
ଜୀବିତ ଥିଲେ ହସାଇ ଛୋଡ଼ି ଯିବି,
ଶୁଣିବି ଧାଉଁ ଗାଇ ଆପଣା ଗାନ ।
ଦ୍ୱିଧିଲେ ହସ ଦିଅନ୍ତେ ଅପମାନ,
ଯାଉଛି ନେଇ ଦୁଇଁ ଦେଇ ଫେରି,
ଦୁନିଆ ପଥେ ଶୁଣିବି ଧାଉଁ ଧାଉଁ,
ଆମନ୍ଦ ଫୋଟି ତଟଲ୍ଲ ଲୁଚି ଥାଇ ।

Digitized by srujanika@gmail.com

Kumkuma 1(06)Mar1949 - 18



# ଦୁଆରୁ ମାଆର ଡାକ — ଶ୍ରୀ ଗଙ୍ଗାଧର ପାଣ୍ଡା



ବ୍ଲାକ ଆଉଟ୍'ର ଗଭୀର ରାତ୍ରି । ସୃଷ୍ଟି ଅଚ... ସୁନ୍‌ସାନ୍ । ସର୍ଚ୍ଚଲାଇଟ୍ ସବୁଠି ଚିରି ... ଖୋଜୁଥାଏ । ମଥା ଉପରେ ଶତ୍ରୁପକ୍ଷର ବୋମା... ବର୍ଷୀ ଉଡ଼ାଜାହାଜଙ୍କ ଘୋର ଗର୍ଜ୍ଜନ ଶୁଭୁଥିଲା... ସାଇରେନର ବିକଟ ଶବ୍ଦ କାନକୁ ଅତଡ଼ା କରି ପକା... ଥାଏ । ଆଶ୍ରୟ ପାଇଁ ଗୋଟାଏ ନିରାପଦ ସ୍ଥାନ ଦେଖେ... ରାତ୍ରୀର ଅନ୍ଧକାର ମଧ୍ୟରେ ଲୋକେ କେଉଁଆଡ଼େ ଧାଉଁଥାନ୍ତି । ସେଇଠି ମଧ୍ୟ ଅନେକ ଆଗରୁ । ଉଡ଼ାଜାହାଜ... ସିମିତି ଚକ୍କର ମାରି ବୁଲୁଥାଏ । ଯଦି ଆଧ ଘଣ୍ଟା ସେମା... ଗୋଟାଏ... ବିଶେଷ କିଛି ନ ପାରି ଶତ୍ରୁ... ପୋଲ ତଳରେ ଯାଇ ପଡ଼ିଲି । ମିତ୍ର ପକ୍ଷର ଏଣ୍ଟି ଏୟାର କ୍ରାଫ୍ଟ ଗର୍ଜ୍ଜି ଉଠିଲା । ସାଇରେନର ଶବ୍ଦ କମି ଆସିଲା । ବୋମାବର୍ଷୀ ଉଡ଼ାଜାହାଜ ଉଡ଼ିଯାଇ ଯେଉଁ ଯେଉଁ ଦିଗକୁ ଗଲେ ଆସୁଥାଏ ।

ମୁଁ ଦେଖେ ତିନି ନମ୍ବର ୱାର୍ଡର ଗୋଟିଏ କୋଠରୀରେ ଶୋଇଥାନ୍ତି ଜାପାନୀ କ୍ୟାପଟେନ୍ ଓ ଆଉ ସହଯୋଗୀ ଦଖଲ କରିଥାନ୍ତି ଜଣେ ବୃଦ୍ଧ ଜେନେରାଲ୍ ଆହତ ଲେଫ୍‌ଟେନାଣ୍ଟ । ଏହି ଦୁଇଜଣ ଯୁଦ୍ଧରେ ସୁଦକ୍ଷ ଯୋଦ୍ଧା ନିଜର ଜୀବନର ଶେଷ ଘଡ଼ିକୁ ଜାଣିପାରି ଆସି ନିଜେ ବନ୍ଦୀ ହୋଇ ମିତ୍ରପକ୍ଷର ଆଶ୍ରୟରେ ପଡ଼ିଥାନ୍ତି । ଗୁରୁତର ଆଘାତ ଯୋଗୁଁ କ୍ୟାପଟେନଙ୍କର ସ୍ଥିତି ଖରାପ ହୋଇଥାଏ ଓ ଲେଫ୍‌ଟେନାଣ୍ଟଙ୍କର ମୃତ୍ୟୁ ପାଖେଇ ଆସୁଥାଏ ।

ଲେଫ୍‌ଟେନାଣ୍ଟ ମୋତେ ଇସାରାରେ ପାଖକୁ ଡାକି ଧୀରେ ପଚାରିଲେ । ତାପରେ ସେ ଖୁବ୍ ଧିରେ ଧିରେ ମୋତେ କହିଲେ 'ତୁମେ ନିଶ୍ଚୟ ଜଣେ ଭାରତୀୟ । ଭାରତର ମଙ୍ଗଳ ଓ ମୁକ୍ତି ପାଇଁ ତୁମକୁ ଗୋଟାଏ କାମ କରିବାକୁ ପଡ଼ିବ । ପାରିବ ? ମୋର ଉତ୍ତରକୁ ସେ କୌଣସି ପ୍ରକାରେ ଅପେକ୍ଷା ନ କରି ବନ୍ଧୁ ସ୍ୱରରେ ଗୋଟାଏ ଲୁଚି ରହିଥିବା କାଗଜ ଖଣ୍ଡିଏ ପକେଟରୁ କାଢ଼ି ମୋ ହାତକୁ ବଢ଼ାଇ ଦେଇ କହିଲେ "ଏ ଚିଠିଟି ନେତାଜୀ ପାଖକୁ ପଠାଇ ଦେବ" ।

'ନେତାଜୀ' — ଶବ୍ଦଟି ଶୁଣିଲା ମାତ୍ରେ ହୃଦୟରେ ଶିହରଣ ଖେଳି ଉଠିଲା । ମିତ୍ରପକ୍ଷର ସ୍ଥାନରେ ରହି ସମୀପ ବାହିନୀର କାମ କରିବା ମୋ ପକ୍ଷରେ ଓ ବିପଦପୂର୍ଣ୍ଣ ତାହା ଜାଣି ସୁଦ୍ଧା ମୁଁ ସମ୍ମତି ପ୍ରଦାନ କଲି ଯେହେତୁ ଜଣେ ବୃଦ୍ଧ ଯୋଦ୍ଧା ନିଜର ପ୍ରାଣ ବିନିମୟରେ ଭାରତର ମଙ୍ଗଳ କାମନା କରି ଦେଶର ପରାଧୀନତା ଦୂର କରିବାକୁ ଚାହାନ୍ତି ।

କାଗଜ ଖଣ୍ଡିକ ଖୋଲି ଦେଖିଲି ଯେ ଚିଠିଟି ହେଉଛି ସମସ୍ତ ଭାରତରେ ଯୁଦ୍ଧ କାଳୀନ ଗୋଟାଏ ସଂକ୍ଷିପ୍ତ ବିବରଣୀ । ମିତ୍ରପକ୍ଷ ଶତ୍ରୁପକ୍ଷକୁ କାବୁ କରିବା ପାଇଁ କେଉଁ ସ୍ଥାନରେ ଓ କିପରି ଭାବରେ ପ୍ରସ୍ତୁତ ହୋଇ ରହିଛନ୍ତି ତାର ଗୋଟିଏ ନିଖୁଣ ବିବରଣୀ । କେଉଁ ଦିଗରୁ କିପରି ଭାବରେ ଶତ୍ରୁପକ୍ଷ ଆକ୍ରମଣ କଲେ ବିଜୟ ହାସଲ କରିବେ ତାହା ମଧ୍ୟ ତାର ଚିହ୍ନ ଦ୍ୱାରା ଚିତ୍ରିତ ହୋଇଥାଏ । କାଗଜ ଖଣ୍ଡି ଯତ୍ନ ସହକାରେ ମୋର ପକେଟରେ ପୁରାଇଲି ।

ଲେଫ୍‌ଟେନାଣ୍ଟଙ୍କ ଠାରୁ ଅନୁମତି ନେଇ ବାହାରକୁ ଆସିବା ପାଇଁ ଗୋଟାଏ ଧୂସର ପୋଷାକ ପିନ୍ଧି ନେଇ ସେହି ଗୁପ୍ତରେ ବାହାରିଲି । ଶୀଘ୍ର ପହଞ୍ଚିବା ଉଦ୍ଦେଶ୍ୟରେ ଗଭୀର ଅନ୍ଧାର ମଧ୍ୟରେ ବାହାରି ପଡ଼ିଲି । ରାତ୍ରି ପ୍ରାୟ ବାରଟା । କମାଣ୍ଡର ପାଇଁ ଆଣିଥିବା ପୋଷାକ ଖଣ୍ଡିକ ପିନ୍ଧି ଦେଇଥାଏ । ଗୋଟାଏ ଅଦ୍ଭୁତ ଉତ୍ତେଜନା । ଏକ ଦିଗରେ ମୃତ୍ୟୁ ଓ ଅନ୍ୟ ଦିଗରେ ସ୍ୱାଧୀନତା — ତାହାରି ମଧ୍ୟ ଦେଇ ଗତି କରୁଥାଏ ମୁଁ । ପକେଟରେ ଥାଏ ଗୋଟାଏ ଗୁଳିଭରା ରିଭଲଭର, ଆମୁନିସନ ଏକମାତ୍ର ସାଥୀ ଓ ଗଭୀର ଅନ୍ଧକାରରେ ବାଟ ଖୋଜିବା ପାଇଁ ଗୋଟାଏ ଏକ୍‌-ସେଲିଆ ଟର୍ଚ୍ଚ ଲାଇଟ୍ ।

ମିତ୍ରପକ୍ଷର ଗଡ଼ଖାଇ ପାଖେ ଦେଇ ଦ୍ରୁତ ପଦରେ ଚାଲିଗଲି । ମୁଁ ଯିମିତି ଚାଲିଥାଏ, ଏହା ମଧ୍ୟରେ କାଣ୍ଟାତାର ଘେରା ପାଇଲି ଅତିକ୍ରମ କରି ଯାଇଥାଏ । ହିମାଳୟରୁ ଥଣ୍ଡା ପବନ ବହିଲେ ବହି ଆସି ହୃଦୟରେ ହାଡ଼ ଗୁଡ଼ାକ ଥରାଇ ଦେଉଥାଏ । ଆଜି ଭାରତର ମଙ୍ଗଳ ପାଇଁ ଆତ୍ମୋତ୍ସର୍ଗ କରିବା ପାଇଁ ଯେ ଯାଉଛି ସେ ପାଇଁ ମୋତେ ଦୁଃଖ ନାହିଁ । କିନ୍ତୁ ଜଣାଯାଉଥାଏ ଯେପରି ସିମିତି ଭାରତମାତା ହସ୍ତ ପ୍ରସାରି କରି ଆଶୀର୍ବାଦ ଦେଉଛନ୍ତି । ଆଗରେ କବର ପଡ଼ିଆ । ଲକ୍ଷ ଲକ୍ଷ ସୈନିକଙ୍କୁ କବର ଦିଆଯାଇ ସ୍ମୃତିଚିହ୍ନ ସ୍ୱରୂପ ଗୋଟାଏ ଗୋଟାଏ କ୍ରୁଶ ଚିହ୍ନ କବର ଉପରେ ଆଙ୍କି ଦିଆ ଯାଇଛି । ମୋ ଆଗକୁ ଆଉ ବାଟ ନାହିଁ । ଅଳପ ଦୂରରେ ଶତ୍ରୁପକ୍ଷର ଛାଉଣୀ । ଧରା ପଡ଼ିଲେ ମୃତ୍ୟୁ ସୁନିଶ୍ଚିତ । ମାଇଲିଏ ଦୂରରେ ଗୋଟାଏ କ୍ଷୀଣ ଆଲୋକରେଖା ଦେଖାଗଲା । ବୋଧହୁଏ ଶତ୍ରୁପକ୍ଷର ପହରାଦାର୍ । ସେହି ବାଟ ଦେଇ ଯିବାକୁ ହେବ । ରାତ୍ରି ପାହେ ଗୋଟାଏ । ଆଉ ବିଳମ୍ବ ନ କରି ଆଗକୁ ଚାଲିଲି । ପକେଟରେ ହାତ ପୁରାଇ ଥରେ ରିଭଲଭରଟା ପରୀକ୍ଷା କରି ଦେଖିନେଲି । ଯେତେ ଆଗକୁ ଯାଉଥାଏ ସେହି ବୃଦ୍ଧ ଯୋଦ୍ଧା ଲେଫ୍‌ଟେନାଣ୍ଟଙ୍କର କଥାପଦକ ମନେ ପଡ଼ୁଥାଏ 'ତୁମେ ନିଶ୍ଚୟ ଜଣେ ଭାରତୀୟ । ଭାରତର ମଙ୍ଗଳ ଓ ମୁକ୍ତି ପାଇଁ ତୁମକୁ ଗୋଟାଏ କାମ କରିବାକୁ ପଡ଼ିବ' ।

ଯେଉଁ କ୍ଷୀଣ ଆଲୋକରେଖା ଆଗରୁ ଦେଖିଥିଲି ତାହା କ୍ରମେ କ୍ରମେ ମୋ ଆଡ଼କୁ ଆସୁଥାଏ । ସ୍ଥିର ହୋଇ ଦେଖିଲି ଗୋଟିଏ ବୁଢ଼ୀ ପ୍ରତି କବରର ସ୍ମୃତି ଫଳକ ଦେଖି ଦେଖି ଆଗକୁ ଚାଲି ଆସୁଛି । ରିଭଲଭରଟା ହାତରେ ଧରି ଦ୍ରୁତ ପଦ କ୍ଷେପରେ ବୁଢ଼ୀଙ୍କ ସମ୍ମୁଖରେ ଛିଡ଼ା ହୋଇ କର୍କଶ ସ୍ୱରରେ ପଚାରିଲି "କଣ ଦେଖୁଛ ?" ସମ୍ମୁଖରେ ଜଣେ ଶତ୍ରୁପକ୍ଷର ସୈନ୍ୟ ଦେଖି ବୁଢ଼ୀ ଯେ ବିଚଳିତ ନ ହୋଇ ଚାହିଁଲା ଭାବରେ କହିଲେ, 'ତୁମ ଯେଉଁଠି କଣ ବୁଝିବ !!' ଜଣେ ବୃଦ୍ଧ ଯୋଦ୍ଧା କୁଆଡ଼େ ଏକାଠି ଆହୁତ ଦେଇ ମୁଁ ଯାଉଥିବି ପାଇଁ ସ୍ୱର ପରିବର୍ତ୍ତନ କରି କହିଲି, "କଣ ଖୋଜୁଛନ୍ତି ପଚାରି ପାରେ କି ?" ସେ ମୋତେ ଶୁଣାଇ ଚୁପ ଚୁପ କହିଲେ "ମୋର ପୁତ୍ର ଜାନ୍ ଡେଭିଡ୍‌ର କବରଟି ଖୋଜୁଛି ।"

"ସେ କଣ ମରି ନାହାନ୍ତି !"

"ତାହା ଶୁଣି ମୁଁ ଖୁସୀ ହେବାକୁ ଯାଉଛି ନାହିଁ । ଯେହେତୁ ସେ ତାର କାମ କରିନାହିଁ ।" ପଚାରିଲି, "କାମ ?"

"ହଁ, ନେତାଜୀ ପାଖରେ କହିଥିଲା ଆଜି ଏହି ସୁଯୋଗ ମିତ୍ରପକ୍ଷ ଭାରତ ଭୂମି ପାଇଁ କଣ କଣ ଆୟୋଜନ କରିଛନ୍ତି ତାହାର ଗୋଟିଏ ନିଖୁଣ ବିବରଣୀ ଆଣି ପହଞ୍ଚାଇବ ବୋଲି । କିନ୍ତୁ ଯାଇ ରାତ୍ରି ପାହିଲେଣି ସେ ଫେରି ନାହିଁ । ମୁଁ ବୁଝି ପାରିଛି ସେ ନିଶ୍ଚୟ ଶତ୍ରୁପକ୍ଷ ହାତରେ ବନ୍ଦୀ ହୋଇ ଅଛି ନଚେତ୍ ତାକୁ ହତ୍ୟା କରି କବର ଦିଆ ଯାଇ ଅଛି ।"

ବୁଢ଼ୀର ଭାଷାରେ ମୋର ଆଉ ସନ୍ଦେହ ନ ଥିଲା । ମୁଁ ମୋ ପୋଷାକ ଭିତରୁ ଆଣିଥିବା କାଗଜ ଖଣ୍ଡି ବୁଢ଼ୀଙ୍କ ହାତକୁ ବଢ଼ାଇ ଦେଲି । ସେ କାଗଜ ଖଣ୍ଡି ଦେଖି ପାରି କହିଲେ "ତୁମକୁ ମୋର ଧନ୍ୟବାଦ — ଜନ୍ ଯୋଉ ଦୁଃଖ ଦେଇଛି, ତାକୁ ଯାଇ କହିବି ତାର କର୍ତ୍ତବ୍ୟ ସରି ନାହିଁ ।"

ପାଞ୍ଚ ମିନିଟ କାଳ ଅପେକ୍ଷା ପରେ ମିତ୍ରପକ୍ଷର ଉଡ଼ାଜାହାଜ ବୋମା ପକାଇ ଦେଇ ପ୍ରାଣ ନେଇ ପଳାଇ ଯାଉଥାଏ । ସେ ବୁଢ଼ୀଙ୍କ ଲାଶ ପାଖରେ ଗୋଟାଏ ... ମାଆ ଧରିଥିବା ଟର୍ଚ୍ଚଟି ଆଗରେ ନାହିଁ, ଦୀର୍ଘ ନିଶ୍ୱାସ ଫେରିଲି ।

(... ବୁଲ୍‌ଗେରିଆ ଗଳ୍ପରୁ)

Digitized by srujanika@gmail.com

# ସମାଧାନ

## ଶ୍ରୀ ନଗେନ୍ଦ୍ର ଗିରି ।



ଆଶ୍ଚର୍ଯ୍ୟ ହେବାର କଥା ! ତାଙ୍କ ଘର ତୁଳନାରେ ଏମିତ ଘର କେତେ ଗୋଟି ଧରଣର ସତେ ! ପୁଣି ଗଳିଗଳିର ସଂକୀର୍ଣ୍ଣ ଘରେ ସ୍ୱାମୀ ଅଛି ! ତାଙ୍କ ଘର ଡିଅ ପୁଣି ବାର ଘରେ ! ହୋଇପାରେ ବି:ଏ ସାର୍ଟିଫିକେଟ୍‌ର - କଥା ନାହିଁ ! ଆହା ହେଲେ ସେଦିନୁ କାମ ଦିଦିନରେ ହେଲେ ମୁଁ ତିନି ଦିନରେ ହେଉ ଏରେ ନାନା କାମର ଚେଷ୍ଟା କରି ସେଇଆଡୁ ବୁଲି ଆସେ । ପ୍ରଥମରେ ଘର ଅବର କଳାର ମେସ୍‌ରେ ହାଜର ହୁଏ । ମେସ୍ ପାଖରେ ତାଙ୍କ ଘର ! ଏଣୁ କୁମୁଦିନୀ କେବେ କେବେ ପଡ଼ିକ ଉପରେ ଯଦିନ ଝାଡୁଦାର ଦେଖେ ସ୍ୱାମୀ ମାନଙ୍କ ଗୃହସ୍ଥ ଭିତରେ ଥରେ ସେ ଆଜକୁ ଅନେକ ଦିନ । ତୁଷ୍ଟିତା ସେଇଠି ସ୍ୱାମୀଙ୍କ ହୁଏ, ଆକାଶ ପାତାଳ ଭାବେ - ସୁନାର ସ୍ୱପ୍ନପୁରୀ ରଚନା କରେ । କଥାଟା ପ୍ରଥମେ ହୋଇ ଯାଇଛି କିମ୍ବା, ତାଙ୍କ ସ୍ୱାମୀମାନଙ୍କର ମଧ୍ୟରେ ନିଜପଣେ ଅପ୍ରସ୍ତୁତ ହୋଇ ଆସୁ ଦେଖୁଏ । ଲାଗିଲାଟା ଚିହିଚିହି ଦେଇ ସିଡ଼ିକ ଉପରକୁ ଚାହାଁ ଆସେ କ୍ଷିପ୍ର ଗତିରେ ପୁଣି କୌଣସି କାମରେ ଲାଗିବୁ ଆସିବାକୁ କହି ।

ପାରମିଟ୍ ପଡ଼ିଆ ପାଖର ସେଇ ଆଦିମ ଯୁଗର ବରଗଛ । ସେଇଠି ନୀରବ କୁମୁଦିନୀ ଶୁଣିବା ସରି ଉଠେ । ମାଁ ର ଏଣ୍ଟେଲେ ସେଇ ବରଗଛ ତଳୁ ବାହାରିଆସେ ଉଲ୍ଲଙ୍ଗ ପିଲାଟିଏ । ଘନୁଘରି କାଳ କୋଟ୍ରେ ମଥାରେ । ସାତପ୍ରସ୍ଥ ମଇଳାରେ ସେ ଯେମିତି ତାର ସବୁ ସବୁ ଦେହକୁ ପରିପୂର୍ଣ୍ଣ କରିବାକୁ ଚାହେଁ । କିଶୋରର ଚୋଳପାରେ ସ୍କୁଲ ହୋଇ ଛାତିହାଡ ସବୁ ଯିମିତି ଥାକୁ ଶାସନ କରିବାକୁ ବାହାରକୁ ବାହାରି ଆସୁଚନ୍ତି । ଅଳିଆରେ ସେ ଏକ ମଳିନ ଦୃଷ୍ଟି ଦୀନର ଖଟ ଓଗାଳେ, ହେସୁନ୍ ହୁଏ । କାଠିପରି ହାତ ଦିଟା ଦେଖାଇ ସେ ପଇସା ମାଗେ - "ବାବୁ ଗୋଟାଏ ପଇସା" ।

ନୀର ଆସି ବି:ଏ: ପାଶ୍ କରିବାକୁ ବସିଲାଣି, କେତେ କି ତାର ପିଲାଳିଆ ଖେଳ ଯାଇନି । ସେ ତାଙ୍କ ପଛରେ, ଘର ଦୁଆର କଥା ପଛରେ, ସେମାନେ ଏମିତି ବାହାରିକି ମାଗୁଛନ୍ତି ପଛ ଟିକି ଟିକି କରି ପଛରେ । ବାଟୁଆ ତା ସ୍ନେହ ମୁହଁରେ ସବୁ କଥା କହିବାକୁ ଚେଷ୍ଟା କରେ । ମା କି ସୁନାହୀନ ସୁନକୁ କୋଳପିଲାଟାର ମୁହଁ. ରେ ଗେଞ୍ଜି ଦେଇ ନର୍କକୁ ସାହାଯ୍ୟ କରେ । କୋଳପିଲା ବ୍ୟସ୍ତ ହୋଇ ଚିତ୍କାର କରେ । ନିଜ ପେଟ ଯାଉ ଖାଲି, ସେ ବା କେଉଁ ଉପାଦାନରେ ଆନର ପେଟ ପୂରେଇବ ? ଉତ୍ତେଜନାରେ ପିଲାଟିର ପିଠିରେ ବିଧୁଆ ବିଠା ବଡ଼ି ଦେଇ ନୀରବ ଅଶ୍ରୁ ମୋଚନ କରେ । ନୀର ଶୁଣେ କେତେଟି କଥା - କିମିତି ଲକ୍ଷ ଲକ୍ଷ ଘର ଭାଙ୍ଗି ପଡ଼ିଲା, ଜମି ସବୁ କିମିତି ନାଶ ହୋଇ ହୋଇଗଲା ଅକାଳ ଜନ୍ମରେ - କହିପୁରର ଜୁଆଣ ହିନ୍ଦୁ ପଧାନ କିମିତି ପିଲାକବିଲାକୁ ନେଇ ଭାସି ଆସିଲା - ଘନ୍ଟା ମାଲୁ ମଦ୍ରଶାର ପଣ୍ଡା ଘନ୍ଟା କିମିତି ଠାକୁରାଣୀ ଆସି ତା ମଥାର ସିନ୍ଦୁର ନିଭେଇ ଦେଲେ । ସନ୍ତାନୀ କୋଉଦିନ ଚୁଡ଼ାଏ ବାଦାମ, କୋଉଦିନ ଆଖାକର ଗୋଟିଏ, କୋଉଦିନ ଜାମା ଖଣ୍ଡିଏ କୋଉଦିନ ବା ଆଣେ ଦିଅଣା ପଇସା ଦେଇ ଚୋରିପଣେ । ସେ ଶରଣ ବୋଲି ତାର ଗନ୍ଧଟା କଥାଣ .... । ଜୁହୁ ଗଡ଼ି ପଡ଼େ ।

ଦିନେ ସେ ମେସ୍‌ରୁ ଫେରୁଛି - ମନ ତାର ଉଦାସିଆ । କୁମୁଦିନୀର ଖବର ମାନରେ ଆସିବାକୁ କମା ଅବସର ପାଉନି । "ବାବୁ ପଇସା" ଡାକ ସେଇ ବରଗଛ ମୂଳରୁ ବଉଡି ଆସିଲା । ନୀର ତାକୁ ଖୁଣ୍ଟି ପାରିଲା ନାହିଁ । ସେ ଫେରୁଛି ମେସ୍‌ରୁ ଶେଷ ଖାଇବାର ପ୍ରଥମ ବର୍ଷପାତ ସହ୍ୟ କରି । ସେ ଦିନ ବିଦାୟ ଟିଏ ପଡ଼ ଖସି ଯାଉଛି । ଆଉ ତାର ଦାନଶୀଳ ନିର୍ମଳ ମଣିଷ ପଣିଆ ଯେ ବନ୍ଧୁତାର ଯୁଗୋଟି ତଳିଆ ଉଧାର ନ ଯାଉ ମନି ଆସୁଥିଲା ଉପରଓଳି ଉପକାରର ନିର୍ମଳ ସ୍ୱପ୍ନ ଦେଖାଏ ।

ପରଦିନ - ପାରମିଟ୍ ପଡ଼ିଆର ଶକ୍ତିଦାୟିନୀ ତଳେ —

ସମସ୍ତ ପ୍ରଭାତ କୁଣ୍ଠିତ ଅବଗୁଣ୍ଠିତ ହୋଇ କଳା ଧାନଖଳର ମଥା ଉପରେ ନିଜେ ହୋଇ କଙ୍କା ଶୁଷ୍କ ଅବସରେ ଦୃଷ୍ଟି ଦେଉଥିଲୁ ଯେଉଁ ମାଲକର 'ରାଷ୍ଟ୍ରପତି ଶାସନ' ର ଭଗ୍ନ ମୂର୍ତ୍ତିକୁ ଦେଖାଇଦେଇ କରି ସହଶିଳ ପୁରୁଷ କେତେ କେତେ କହି ଯାଉଥିଲେ - "ସେ ପ୍ରାଣକର୍ତ୍ତା ମୋର ଥିଲା ।" କିଶୋରୀ ଦଳେ କଲେଜ୍ ଗେଟ୍‌ରେ ଯାଉଥିଲେ । "ଦାମିକା ପ୍ରାଣ ଆମକୁ ମିଳିବ" । ସେମାନେ - ଏକୁଟିଆ ସ୍କୋୟାର୍‌ରୁ ଫେରୁଥିଲେ ।

"ବାବୁ ଗୋଟେ ପଇସା" ଶବ୍ଦକୁ ନେଇ ନୀର ଦେଖିଲା ତାର ସେହି ନୂତନ ସ୍ତ୍ରୀ କନ୍ୟା କୋଳରେ ଶିଶୁଟିକୁ ଧରି ଏକ ବୃକ୍ଷ ତଳେ ସବୁ ମାନଙ୍କୁ ପଇସା ମାଗୁଛି । ନୀର ଉଦାସ ଆଖିରେ ଚାହିଁ ଦେଲା - 'ମା. ବାବୁ - ।" ମାଁ ଶ୍ୱାସ ଏକାଠ ଗଭୀର ନିଃଶ୍ୱାସ ଛାଡ଼ି କହିଲେ - "କାଲି ସେ ଗୋଟାଏ ରିକ୍ସାର ଧକ୍କା ଖାଇଥିଲା ଯେ ମରି ଯାଇଛି । ତେବେ ରଓଆ ତାର କଥାର ସୁର ଧରି ଉଠିଲା - "ଆହା ଆ ଜାହାଗାରେ କେତେଦିନ ଆଉ ବଞ୍ଚି ପାରନ୍ତା ?"

ପକେଟରେ ହାତ ମାରି ଆଣିଲା ଚାରି ଅଣା ପଇସା । ଗୋଟ ଶରଣାରେ ସୋଷ ଥରେ ପାଇଁ ତାଙ୍କୁ ଦେବାକୁ ବୋଲି ମୋଟରେ ଭୟ ହୋଇ ଥାନ୍ତା । ସେ ଗୋଟିଏ ମାଁ ପାଇଁ ନିର୍ଭୟ ଆଜି ହେଉଛି କଳଙ୍କ ନା । ପଇସା ମା ନେଇକି କହିଲେ - "ବାବୁକୁ ପାଇଲେ ଦେଇ ଦେବୁ ବାପ" ।

କହୁଆ ଦେହରେ ଏ ବୋଝଣ ଧକ୍କା ତାକୁ ଧର୍ମାଦାନ କରି ଦେଉଛି - ଅନୁଭବ କରୁଛି ସେ ଯିମିତି ଧନୀର ଏ କବିଆ ଦୁନିଆରେ ଆଉ ଦଣ୍ଡେ ବି ରହି ପାରିବ ନାହିଁ..... ।

• କାହାର କୋମଳ ପରଶରେ ଚେତା ଫେରିଲା ପରେ ସେ ଦେଖିଲା ସେ କୁମୁଦିନୀ ଘରେ ସେ ଶୋଇଛି, ମଥା ପାଖରେ କୁମୁଦିନୀ । କୁମୁଦିନୀର ଖବର ସ୍କୋୟାର୍‌ରୁ ହେମପିଆନ୍ କାପ୍ ଧରି ଆସି, ସେଠାକୁ ଦେଖାଇ କହୁଛି - "ବାହ୍ ମିଳୁଓ !"

●

ସୁଅକୁ ଯାଆଣ ନାହିଁ —
ୟ ଗୁରୁଚରଣ ଏକଣିଷ୍ଠ୍ୟଙ୍ଗୀ

ଓଁ ସରଟିକୁ ଯୋଗିଷ୍ଠ ଦେଲକୁ ରାତ୍ରି ଶେଷ ହୋଇ ଆସିଥାଏ । ସେହି କୋଠରୀରେ ଜନ୍ ଟେଙ୍କେ ଶୋଇଥିଲେ ସେହି କୋଠରୀକୁ ପଣି ଯାଇ ହୋଇ ସାନ୍ତ୍ରା ଟିକିହୋଇ ଚକ୍ଷୁ ମୁଦ୍ରିତ କରି ବାଇବେଲ୍ ଅନୁଶୀଳନ କରୁଛନ୍ତି: "ପ୍ରଭୁ ଯୀଶୁ ସମସ୍ତଙ୍କୁ ମୁକ୍ତି ଦିଅନ୍ତି । ତାଙ୍କ ପାଖରେ ଧର୍ମ ଅଧର୍ମର ବିଚାର ନାହିଁ, ସେହେତୁ ସେ ସମସ୍ତଙ୍କର ପ୍ରିୟ ।....." ସାନ୍ତ୍ରୀ ଦୁଇ ତୋଳି କ୍ୟାପ୍ଟେନ୍ ଟେଙ୍କେନ୍‌ରେ ପୋଷାକରେ କ୍ରସ୍ ଚିହ୍ନ ଆଙ୍କି ଦେଲେ । ମୋର ଆଖିରୁ ଧାରଧାର ଲୁହ ବହି ଆସିଲା । ଜଣାଗଲା ଲୁହ ମିଶିଛି କହୁଛନ୍ତି "ସୁଅକୁ ଯାଅ କହିବି ତାର କାମ ସରି ନାହିଁ ।"

●

Digitized by srujanika@gmail.com

# ସମ୍ମୋହନ ବିଦ୍ୟା



ଶ୍ରୀ ମନୋଜ କୁମାର ଦାସ

ବିଂଶ ଶତାବ୍ଦୀର ବସ୍ତୁବାଦ ବୁଦ୍ଧି ସଙ୍ଗେ ସଙ୍ଗେ ଅଧୁନା ଲୁପ୍ତ ଅନେକ ପ୍ରାଚୀନ ସଂସ୍କୃତିର ପୁନରାଲୋଚନା ସଭ୍ୟ ସମାଜରେ ସ୍ଥାନ ପାଉଅଛି । ସୁତରାଂ ଆଲୋଚ୍ୟ ବିଷୟଟିରେ ପ୍ରତି ସୁଧୀ ପାଠକ ବୃନ୍ଦଙ୍କର ଦୃଷ୍ଟି ପତିତ ହେବାର ଆଶା କରି ଲେଖନୀ ଧାରଣ କରୁଅଛି ।

ଯେଉଁ ବିଦ୍ୟା ପ୍ରଭାବରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ସୁପ୍ତ ଆତ୍ମାକୁ ଜାଗ୍ରତ କରି ତାହାଦ୍ୱାରା ଆଶ୍ଚର୍ଯ୍ୟ କ୍ରିୟାମାନ ସମ୍ପାଦନ କରାଯାଏ, ତାହାକୁ ସମ୍ମୋହନ ବିଦ୍ୟା କୁହାଯାଏ । ସମ୍ମୋହନ ବିଦ୍ୟାକୁ ଇଂରାଜୀରେ 'ମେସ୍‌ମାରିଜମ୍' ବା 'ହିପ୍ନୋଟିଜମ୍' କୁହାଯାଏ (ମେସ୍‌ମାରିଜମ୍ ଓ ହିପ୍ନୋଟିଜମ୍ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟ ବିଷୟରେ ପରେ ଆଲୋଚନା କରାଯିବ ।) ଗ୍ରୀକ୍ ଶବ୍ଦ 'ହିପ୍ନସ୍' ରୁ 'ହିପ୍ନୋଟିଜମ୍' ଶବ୍ଦଟି ଗଠିତ ହୋଇଅଛି । 'ହିପ୍ନସ୍' ର ଅର୍ଥ ନିଦ୍ରା, ସୁତରାଂ ହିପ୍ନୋଟିଜମ୍‌କୁ ଓଡ଼ିଆରେ ନିଦ୍ରାକର୍ଷଣ ବା ମାୟାନିଦ୍ରା ଆଖ୍ୟା ଦିଆଯାଇପାରେ ।

ଭିଏନା ନଗରୀର ଡାକ୍ତର ମେସ୍‌ମାର୍‌ଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବାରୁ ସମ୍ମୋହନ ବିଦ୍ୟାର ଆଉ ଗୋଟିଏ ନାମ ହେଉଛି ମେସ୍‌ମାରିଜମ୍ ।

ମାନବ ଶରୀରସ୍ଥ ଆତ୍ମା ସାଧାରଣତଃ ଦୁଇଭାଗରେ ବିଭକ୍ତ — ଯଥା :- ଜାଗ୍ରତ ଆତ୍ମା ଓ ସୁପ୍ତ ଆତ୍ମା [୧] । ମେସ୍‌ମାରିଷ୍ଟ ର ମାନସିକ କ୍ରିୟାରେ ମାନବ ହୃଦୟସ୍ଥ ସୁପ୍ତ ବୃତ୍ତି ଗୁଡ଼ିକ ଯେତେବେଳେ ସମ୍ପୂର୍ଣ୍ଣ ଜାଗ୍ରତ ହୋଇ ଯାଏ, ସେତେବେଳେ ତାହାକୁ ସମ୍ମୋହିତ ବୋଲି ଧରାଯାଏ । ଏହି ସମ୍ମୋହିତ ଅବସ୍ଥାରେ ବ୍ୟକ୍ତିମାନଙ୍କୁ କ୍ରମାନ୍ୱୟରେ ଛଅ ଗୋଟି ସ୍ତର ଅତିକ୍ରମ କରିବାକୁ ହୋଇଥାଏ [୨] ପ୍ରଥମ ସ୍ତରରେ ଉପନୀତ ହେଲେ, ପାତ୍ରର ଚକ୍ଷୁ ଧୀରେ ଧୀରେ ନିମୀଳିତ ହୋଇଯାଏ ଏବଂ ଦ୍ୱିତୀୟ ଓ ତୃତୀୟ ସଂଜ୍ଞା ବେଳକୁ ପାତ୍ର ସମ୍ପୂର୍ଣ୍ଣ ସଂଜ୍ଞା ପ୍ରାପ୍ତ ହୁଏ । ଏହିପରି ଭାବରେ ଯେଉଁ ପାତ୍ର ଷଷ୍ଠ ସ୍ତରର ଲକ୍ଷଣ ମାନ ଅନୁଭବ କରେ, ସେ ହିପ୍ନୋଟିଜମ୍‌ର ସର୍ବୋଚ୍ଚ ସ୍ତରରେ ଉପନୀତ ହେଲା ବୋଲି ଜାଣିବାକୁ ହେବ ।

ପାଶ୍ଚାତ୍ୟ ଦେଶରେ ଉକ୍ତ ବିଦ୍ୟାର ଚର୍ଚ୍ଚା ଏତେ ଅଧିକ ହୋଇଛି ଯେ, ଅନେକ ସମୟରେ ବଡ଼ ବଡ଼ ସଭାସମିତିରେ ଉପସ୍ଥିତ ଅସଂଖ୍ୟ ଲୋକଙ୍କୁ ଏକ ସମୟରେ ସମ୍ମୋହିତ କରି ନାନା ପ୍ରକାର ଲୋମହର୍ଷଣ ବ୍ୟାପାରମାନ ପ୍ରଦର୍ଶନ କରାଯାଏ ।

ସମ୍ମୋହନ ବିଦ୍ୟାରେ ପାରଦର୍ଶୀ ହେବାକୁ ହେଲେ ତିନୋଟି ଶକ୍ତିକୁ କରାୟତ୍ତ କରିବାକୁ ହେବ । ଯଥା :- ଦୃଷ୍ଟି ଶକ୍ତି, ସ୍ପର୍ଶ ଶକ୍ତି ଓ ଇଚ୍ଛା ଶକ୍ତି । ଏହି ତିନି ଶକ୍ତି ଉପରେ ଆଧିପତ୍ୟ ବିସ୍ତାର କରିବାକୁ ସକ୍ଷମ ହେଲେ ମେସ୍‌ମେରିଜମ୍ ଓ ହିପ୍ନୋଟିଜମ୍ ଖୁବ ସାଧାରଣ କଥା । ଅନେକେ ପ୍ରଶ୍ନ କରିଥାନ୍ତି, ମେସ୍‌ମାରିଜମ୍ ଓ ହିପ୍ନୋଟିଜମ୍ ମଧ୍ୟରେ ପ୍ରଭେଦ କଣ ? ମେସ୍‌ମାରିଜମ୍ ଓ ହିପ୍ନୋଟିଜମ୍ ବ୍ୟବହାରିକ ମନୋବିଜ୍ଞାନର ସମ୍ପୃକ୍ତ ଶାଖା । ମେସ୍‌ମାରିଜମ୍‌ରେ ଇଚ୍ଛାଶକ୍ତିର ଅଧିକ ପ୍ରୟୋଜନ ବୋଲି ମନେହୁଏ । ସମ୍ମୋହକଙ୍କର ପ୍ରବଳ ମାନସିକ ଶକ୍ତି ଦ୍ୱାରା ମେସ୍‌ମାରିଜମ୍‌ର ଅଧିକାଂଶ କ୍ରିୟା ସାଧିତ ହୋଇଥାଏ କିନ୍ତୁ ହିପ୍ନୋଟିଜମ୍ କରିବା ସମୟରେ କୌଣସି କ୍ରିୟା କାର୍ଯ୍ୟକାରୀ ନ ହେଲେ କୃତ୍ରିମ ବା ଯାନ୍ତ୍ରିକ ଉପାୟରେ ତାହା କାର୍ଯ୍ୟକାରୀ କରାଯାଏ [୩] ।

ସମ୍ମୋହନ ବିଦ୍ୟା ଭାରତର ସମ୍ପୂର୍ଣ୍ଣ ନିଜସ୍ୱ ବିଦ୍ୟା । ଗ୍ରୀକ୍ ଗ୍ରନ୍ଥାଦିରୁ ଜଣାଯାଏ, ଆନୁମାନିକ ଖ୍ରୀଷ୍ଟ ପୂର୍ବ ୪୫୦ ବର୍ଷ ପୂର୍ବେ 'ପିଥାଗୋରସ୍' ନାମକ ଜଣେ ଗ୍ରୀକ୍ ଦାର୍ଶନିକ ପଣ୍ଡିତ ଭାରତରୁ ଦୀକ୍ଷା ଗ୍ରହଣ କରି "ବଶୀକରଣ" ଓ "ଆକାଶଗାମୀ ପଦାର୍ଥର ଗତିରୋଧ" ପ୍ରଭୃତି ଅତି ଅଦ୍ଭୁତ କ୍ରିୟାମାନ ପ୍ରଦର୍ଶନ କରୁଥିଲେ । ନିଦାଘ ଆରଣ୍ୟ ମଧ୍ୟରେ ଆଜି ସୁଦ୍ଧା ଅସଂଖ୍ୟ ଯୋଗୀ ଓ ତାନ୍ତ୍ରିକ ଉକ୍ତ ବିଦ୍ୟା ସାହାଯ୍ୟରେ ହିଂସ୍ର ଜନ୍ତୁମାନଙ୍କ କବଳରୁ ନିଜକୁ ରକ୍ଷା କରୁଅଛନ୍ତି ବୋଲି ପ୍ରମାଣ ମିଳେ [୪] । ଅଧୁନା ଯୁରୋପ ଇତ୍ୟାଦିରେ ପ୍ରଚଳିତ ସମ୍ମୋହନ ବିଦ୍ୟା ପ୍ରାଚ୍ୟ ଯୋଗ ଶାସ୍ତ୍ରର ଅଣିମା, ଲଘିମା ଇତ୍ୟାଦି ଅଷ୍ଟ ସିଦ୍ଧି ମଧ୍ୟରେ ବଶୀତ୍ୱ ସିଦ୍ଧିର ଅନ୍ତର୍ଗତ ଓ ତନ୍ତ୍ର ଶାସ୍ତ୍ରରେ ଥିବା ମାରଣ, ଉଚାଟନ, ବିଦ୍ୱେଷଣ ଇତ୍ୟାଦି ଷଟ୍‌କର୍ମ ମଧ୍ୟରୁ ବଶୀକରଣ କର୍ମର ଅନ୍ତର୍ଗତ ।

ବହୁ ଶତାବ୍ଦୀ ପୂର୍ବରୁ ଯୋଗୀଋଷିମାନେ ଏହି ବିଦ୍ୟା ପ୍ରଭାବରେ ରୋଗୀମାନଙ୍କୁ ରୋଗମୁକ୍ତ କରି ସଂସାରର ଅଶେଷ କଲ୍ୟାଣ ସାଧନ କରୁଥିଲେ । କିନ୍ତୁ ମଧ୍ୟ ଯୁଗରେ ଏହି ବିଦ୍ୟାର ବହୁଳ ପ୍ରଚାର ଫଳରେ ଦୁଷ୍ଟ ଓ ଖଳ ପ୍ରକୃତିର ବ୍ୟକ୍ତିମାନେ ଏହାର ଅତିଶୟ ଅପବ୍ୟବହାର କଲେ । ଗାଁ ଗହଳିରେ ପ୍ରଚଳିତ କାପାଳିକମାନଙ୍କର ଜନସାଧାରଣଙ୍କ ଉପରେ ସମ୍ମୋହନ ବିଦ୍ୟା ଜନିତ ଅତ୍ୟାଚାରର କିମ୍ବଦନ୍ତୀ ମାନ ସମ୍ପୂର୍ଣ୍ଣ ଅମୂଳକ ନୁହେଁ । ସମାଜରେ ଏହି ପ୍ରକାର ଅହେତୁକ ବିପ୍ଳବମାନ ସୃଷ୍ଟି ହେବାରୁ ସାଧୁ ବ୍ୟକ୍ତିମାନେ ଏହି ବିଦ୍ୟାକୁ ଲୋକଲୋଚନର ଅଗୋଚରରେ ରଖିଲେ । ଏହି ବିଦ୍ୟା ପ୍ରାୟ ପ୍ରତ୍ୟେକ ଦେଶରେ ବିଭିନ୍ନ ଭାବରେ ଅଳ୍ପାଧିକ ବ୍ୟାପ୍ତ ଅଛି । ଇତିହାସରୁ ଜଣାପଡେ ରୁଷିଆ ଦେଶରେ ଅତି ପ୍ରାଚୀନ କାଳରେ 'ରାସପୁଟିନ୍' ନାମକ କୌଣସି ସାଧକର ସମ୍ମୋହନ ବିଦ୍ୟାରେ ଦକ୍ଷତା ଲାଭ କରି ସମ୍ରାଟ ଓ ସମ୍ରାଜ୍ଞୀଙ୍କ ଉପରେ ଅକଳ୍ପନୀୟ ଆଧିପତ୍ୟ ବିସ୍ତାର କରିଥିଲେ । ଅଧୁନା ଏହି ଲୁପ୍ତପ୍ରାୟ ବିଦ୍ୟାର ପୁନରୁଦ୍ଧାର ସକାଶେ ପାଶ୍ଚାତ୍ୟ ଜଗତରେ "New York institute of science" "American Hypnotic association" ପ୍ରଭୃତି ଗବେଷଣାପୂର୍ଣ୍ଣ ସମିତିମାନ ଯଥେଷ୍ଟ ଚେଷ୍ଟା କରୁଅଛନ୍ତି । ଉକ୍ତ ସମ୍ମୋହନ ବିଦ୍ୟା ସାହାଯ୍ୟରେ ଅନେକ ଦୁରାରୋଗ୍ୟ ବ୍ୟାଧିମାନ ଭଲ କରି Dr. Fridrich Anton Mesmer ପ୍ରଭୃତି ସମ୍ମୋହକମାନେ ଦେଶର ପ୍ରଭୂତ କଲ୍ୟାଣ ସାଧନ କରୁଅଛନ୍ତି ।

ଭାରତୀୟ 'ତ୍ରାଟକ ଯୋଗ' ସାହାଯ୍ୟରେ ଦିବ୍ୟଦୃଷ୍ଟି ଲାଭ କଲେ ସମ୍ମୋହନ ବିଦ୍ୟା ଅତିଶୟ ତୁଚ୍ଛ ବ୍ୟାପାର [୫] । ଆଜିକାଲି ସହସ୍ର ସହସ୍ର ମୁଦ୍ରା ବ୍ୟୟ କରି Crystal ('କ୍ରିଷ୍ଟାଲ୍') ନାମକ ବହୁମୂଲ୍ୟ ପ୍ରସ୍ତର ଦ୍ୱାରା ପାଶ୍ଚାତ୍ୟ ବୈଜ୍ଞାନିକଗଣ ଦିବ୍ୟଦୃଷ୍ଟି ବିକାଶ କରି ମାନବ ଚକ୍ଷୁର ଅନ୍ତରାଳରେ ଅବସ୍ଥିତ ଦୃଶ୍ୟାଦିର ସନ୍ଧାନ ନେବା ପାଇଁ ଯେଉଁ ବିପୁଳ ଉଦ୍ୟମ କରୁଅଛନ୍ତି । ପୂର୍ବେ 'ଦିବ୍ୟଦର୍ଶୀ' ଦ୍ୱାରା ଭାରତୀୟ ସାଧକମାନେ ସାମାନ୍ୟ କଷ୍ଟରେ ତାହା ଜାଣିପାରି ସେମାନଙ୍କ ଭୂତ ଭବିଷ୍ୟତ ନିରୂପଣ କରିବାକୁ ସକ୍ଷମ ହେଉଥିଲେ । କାହାର କି ବିଚିତ୍ର ଗତି, ଯେଉଁ ଭାରତ ଏହି ସବୁ ବିଦ୍ୟା ଶକ୍ତିର ଜନ୍ମସ୍ଥାନ, ସେହି ଭାରତର ଶିକ୍ଷାର୍ଥୀବୃନ୍ଦ ପାଶ୍ଚାତ୍ୟ ଜଗତରୁ ଆଧ୍ୟାତ୍ମିକ ବିଦ୍ୟା ଶିଖିବା ପାଇଁ ଚେଷ୍ଟା କରୁଅଛନ୍ତି ।

---

[୧] ପରମହଂସ ପ୍ରାଣକୃଷ୍ଣ ତୀର୍ଥଙ୍କ 'ପ୍ରେତଦର୍ଶନ' ଦ୍ରଷ୍ଟବ୍ୟ ।
[୨] କର୍ଣ୍ଣେଲ ରୁଡ଼୍‌ଲଫ୍‌ଙ୍କ ମତ [୩] ପି. ସି. ସରକାର୍‌ଙ୍କ ମତ ।
[୪] ପରମହଂସ ପ୍ରାଣକୃଷ୍ଣ ତୀର୍ଥଙ୍କ 'ଅବଧୂତ ଓ ଯୋଗୀସଙ୍ଗ' ପୁସ୍ତକ ଦ୍ରଷ୍ଟବ୍ୟ ।
[୫] ସ୍ୱାମୀ ନିଗମାନନ୍ଦଙ୍କ ପ୍ରଣୀତ 'ଯୋଗୀଗୁରୁ' ଦ୍ରଷ୍ଟବ୍ୟ ।

Digitized by srujanika@gmail.com

# ପ୍ରେମ ଓ ବିବାହ



ଶ୍ରୀ ଭବତୋଷ ଦାସ

ଆହା! ଆପଣ ନିଜେ କାହାକୁ ହେଲେ ଏପରି ଅମୂଲ୍ୟ ପ୍ରେମ ଦେଇଛନ୍ତି କି? କଣ ଦେବତାଙ୍କର ଦେଖା ପାଇ? କିନ୍ତୁ ମଣିଷ ଏମିତି ମାମୁଲି ଭାବରେ କହି ହେବନି। ଯାହା ସମ୍ଭବ ନୁହେଁ ତାହା ସମ୍ଭବ ହେବ। ତୁମେ ନିଜେ ବିବାହ ଏପରି ଗୋଟାଏ କାମ ଯେ ତା ଦ୍ୱାରା ଜୀବନ ତାର ସବୁ ସୁଖ ନଷ୍ଟ କରୁଥାଏ କିମିତି ତା ଭିତରେ ପଶିବ, ଆଉ ଯିବ ପଶି ସେ ଚିରଦିନ ରହୁଥାଏ ନାହିଁ କି ଏତେ ଭାବରେ କଲି! ଭଗବାନଙ୍କ ସ୍ୱରୂପ ଧରନ୍ତୁ, ଗୋଟିଏ ମଣିଷ କିମ୍ବା ଧରନ୍ତୁ ଗୋଟିଏ ପୁଷ୍ପ - ଗୁମ୍ଫା ଅନ୍ଧାର ମଧ୍ୟରେ ଯଦି ପର୍ଯ୍ୟନ୍ତ ଏକଟୁଇ ଏମିତି ତେଣେ ତୁମେ ନାନା କିଛି ଲୋଡ଼ଥାଏ କିନ୍ତୁ ଯେତେ ଯନ୍ତ୍ର ତ ପରିବେଶରେ ସବୁ ବଦଳୁ - ନାନା ପରିଚର ସ୍ଥାନ ଦେଖାଯାଏ, ଯେଉଁ ସବୁ ଭିତରେ ଯାହା ତୁମେ ଓ ଯେଉଁ ଅଧରରେ ଦିଆ ହୋଇଥିବ ଚାହୁଁଥାଏ ଜାଣିବେ ପଣ୍ଡା - ଏତେ କଥାରେ ଯେ ମନରେ ପଡ଼େ ନାହିଁ।

ବିବାହ ପରେ ଏମିତି ଅନେକ କଥା ଯେ ତାର ପ୍ରଥମ ଅଧ୍ୟାୟଟି କହିବା ଆଜ ଶେଷ କରିବା ନାହିଁ। ବିବାହର ପ୍ରଥମ କେତେଟା ଦିନ କଥାରୁ ମନେ ପଡ଼େ - ଯେପରେ ପରେ କବିମାନେ ମଧୁଚନ୍ଦ୍ରିମା ରାତ୍ରି ଆଉ ପ୍ରେମ ଜଡ଼ିତ ଚିର ନୂତନ ଓ କବିତାମୟ। ଏକଥା ଯେ ହୋଇପାରେ ଯେ ପ୍ରେମିକ ମାନେ ସମାରେ ଦେଖିଥିଲେ ଭଳି ଥିବେ ଆଣି ଅନାଗତ କଥା, ଫୁଲ କଥା, କୋଇଲି କଥା, ଚନ୍ଦ୍ର କଥା ଭାବୁଥାନ୍ତି ଓ ପ୍ରିୟାର ନିକଟେ ବର୍ଣ୍ଣନ କରି ପଠାନ୍ତି ଯଦି ଥାଇ ତାଙ୍କ ନାତିପୁଟ ଏଠେ ହୃଦୟ ନଗର ହୋଇଥାନ୍ତି କିନ୍ତୁ ପ୍ରିୟତମଙ୍କ ବାସ୍ତବରୁ ଅସୁନ୍ଦର କଳ୍ପନାରେ ସୁଖ ଅଧିକ। ଆଉ ଗୋଟିଏ କଥା ଦେଖନ୍ତୁ - ଅଙ୍ଗିଆ କହନ୍ତୁ, ବିଧାନ କହନ୍ତୁ, ଏ ସବୁର ଶ୍ରେଷ୍ଠବସ୍ତୁ ମାନ ପ୍ରେମର ଅବଦାନ। ଓମରଖୈୟାମ ପରି କାବ୍ୟ ପ୍ରେମିକର ଦାନ। ଯେତେବେଳେ ଲୋକ ପ୍ରେମ ପାଗଳ ହୋଇଯାଏ, ତାର ପ୍ରେମିକା ଛଡ଼ା ଅନ୍ୟ କୌଣସି ଚିନ୍ତା ତ ମନରେ ସ୍ଥାନ ପାଏ ନାହିଁ। ସେଇ ପ୍ରେମିକାର ଛବିଟିଏ କିପରି ହେବ ପାଖରେ ରଖି ପାରିବ ଏହି ଚିନ୍ତା କରୁ କରୁ ଫଟୋଗ୍ରାଫିର ସୃଷ୍ଟି ହେଲା। ତାର ସ୍ୱର ସେ ଗାଇଥିବା ନିତି ଶୁଣି ପାରିବ ବୋଲି ଗ୍ରାମୋଫୋନ ଆବିଷ୍କାର ହେଲା, ସୁଦୂରରେ ଥିବା ପ୍ରେମିକା ସହିତ କଥା ବାର୍ତ୍ତା ହୋଇପାରିବା ପାଇଁ ଟେଲିଫୋନର ଆବିଷ୍କାର - ଏଣେ ତେଣେ ଯିବା ପାଇଁ ଉଡ଼ାଜାହାଜ ରେଲଗାଡ଼ି ପ୍ରଭୃତିର ଆବିଷ୍କାର ଇତ୍ୟାଦି ଇତ୍ୟାଦି। ଏହିପରି ଦେଖନ୍ତୁ ଦୁନିଆର ଆଜି ଯେଉଁ ଆଶ୍ଚର୍ଯ୍ୟ ଆବିଷ୍କାର ମାନ ସମ୍ଭବ ହୋଇ ପାରିଛି ଏ ସବୁ ପ୍ରେମିକର ଦାନ - କିନ୍ତୁ ବାହା ହେଲା ପରେ ଲୁଣ ତିନି କଥା, ତେଲ ପାଣି କଥା, ଘର ଦ୍ୱାର ଝାଡୁ ଦରମା, ଦୋକାନ, ଜାମା, ଚାକରାଣୀ, ଡାକ୍ତର ଏହିସବୁ ଭାବି ଭାବି ମୁଣ୍ଡ ଫାଟି ଯିବ। ବିଶ୍ୱଟିଏ ହେଲେ ବଡ଼ଲୋକ, ନ ହେଲେ ଦରିଦ୍ର - ସ୍ତ୍ରୀ ପିଲାଙ୍କ କେତେ ବାର ବ୍ରତ, ତୀର୍ଥ, ଦାନ, ଧ୍ୟାନ ଇତ୍ୟାଦି ଆଉ ଯଦି ହେଲେ ଅତି ସୁନ୍ଦର ବାଗ ଆଣ, ନାକି ତାର ନଡ଼ି ଆଣ, ପ୍ରୀ ପାଇଁ ଡାକ୍ତର ଡାକ, ତା ପାଇଁ ମାଷ୍ଟର ରଖ - ସ୍ଥିର ହୋଇ ନିଜେ କବିତାର କଥା ନାହିଁ। ଏତେ କରି ଯଦି ପିଲାଟା ମଣିଷ ନ ହେଲା, ତାହେଲେ ତ ଛାଡ଼। ବାଦବାକୀ ମରୁଭୂମି ପାଲଟି ଯିବ। ବିବାହ କରି ପୃଥିବୀର ଲୋକ ସଂଖ୍ୟା ବୃଦ୍ଧି କରିବା ଛଡ଼ା କୌଣସି ଚିର ସ୍ମରଣୀୟ କାମ କେହି ବିବାହିତ କରିଥିବାର ଶୁଣିଛନ୍ତି କି? ଅଥଚ ପ୍ରେମିକ ମାନଙ୍କର ଦୁନିଆକୁ ଦାନ ଯେମାନଙ୍କୁ ଅମର କରି ରଖିଛି।

ଦେବତାଙ୍କ ଦେଶରେ ପଢ଼ିଥିବେ ବିବାହ ପରେ ଥିବେ ସ୍ତ୍ରୀର ଆଦର ଆଗ୍ରହରେ ରହିବାକୁ ଚାହାନ୍ତି ବା ଯେ କୁଆଡ଼େ ବୁଲି ଯାଉଥିଲେ ମନରେ ଆନନ୍ଦ ନୁହେଁ ଯେ ସାହାନ୍ତେଙ୍କ କିନ୍ତୁ ସମସ୍ତ ପ୍ରକୃତ ବିଶ୍ୱାସ ପକାଇବାକୁ କେବଳ ମିଳିଲା। ଏଥିରୁ ଜଣ ପରିଷ୍କାର ହୁଏ। ଆଜିକି ଯେ ସ୍ତ୍ରୀ ଆଗରେ ଥିଲେ ସେପରିକି ନିଶ୍ୱାସ ନେଲେ ଅଟୁ ଥାଏ କାରଣ ସେ କୁଆଡ଼େ ବୁଲିଗଲେ ପାଇ ସ୍ମୃତିରେ ନିଃଶ୍ୱାସ ପଡ଼େ ଓ ମନରେ ଫୁର୍ତ୍ତି ହୁଏ। ତାହେଲେ ବିବାହ କରି ଥିବେ ସ୍ତ୍ରୀ ଆଗରେ, ପ୍ରାଣକୁ ନିଆ ହୋଇଥିବା ଗୁଡ଼ିକ ପରି ଜୀବନ କଟେଇବାରେ ସା କି ସାର୍ଥକତା! କାରଣ ବିବାହ ପରେ ସ୍ତ୍ରୀର ଆଦର ଆଗ୍ରହରେ - ରହିବା ତ ବେଶି କୁହେନି - ଖାଲି ଯେଉଁ ସମସ୍ତ ନିକଟ କର୍ତ୍ତବ୍ୟ ମାଡ଼ିବରେ ନିଜ କର୍ମସ୍ଥାନରେ କର୍ତ୍ତବ୍ୟ ବା ଯେଉଁଠିକି ନ ଗଲେ ନ ଚଳେ ସେଇ ସମୟଟିକ ନ। ହଠାତ୍ ଅସମୟରେ ବା ଅଦର କାଳରେ ଯଦି ଆପଣ ଘରୁ ଅନୁପସ୍ଥିତ ଥିବେ ତା ପାଇଁ ଅଫିସରେ ତ୍ରାହିମନ୍ତ୍ର କୈଫିୟତ ଦେଇବାକି ସ୍ତ୍ରୀକୁ ଅନୁପସ୍ଥିତିର ଯୁକ୍ତିଯୁକ୍ତ କାରଣ ଦର୍ଶାଇ ମଧ୍ୟ ସନ୍ଦେହରୁ ଅବ୍ୟାହତି ପାଇବେ ନାହିଁ ଓ ସେଥିପାଇଁ ରାତିସାତ ମାନ-ଭଞ୍ଜନ ନାଟକର ଅଭିନୟ କରିବାର - ଏତେ ସବୁ ହେଲେ ମଧ୍ୟ ସନ୍ଦେହ ଏଡ଼ାଇ ପାରିବେ ନାହିଁ - ଆପଣ ଯଦି ଆଖିବୁଜି କୌଣସି ଚିନ୍ତା କରନ୍ତି, ସ୍ତ୍ରୀ ପଚାରିବେ "କେଉଁ ପ୍ରେୟସୀର ରୂପ ଧ୍ୟାନ କରୁଛ?" ଗଳା ଖେଙ୍କାରିଲେ ବା ଗୁଣୁଗୁଣି ଗାଇଲେ କହିବେ "କାହିଁକି ଏପାଖ ଦିଆ ହେଉଛି?" ଅର୍ଥାତ ବିବାହ ପରେ ଆପଣଙ୍କର ସ୍ୱାଧୀନତା ଗଲା। କିନ୍ତୁ ପ୍ରେମ କରୁଥିଲେ ସେଠେ ନୂଆ ନୂଆ ଚିନ୍ତା, ନୂଆ ନୂଆ ଧାରଣା ନୂଆ ନୂଆ କବିତା ବୁଦ୍ଧି ଭ୍ରମ ସବୁ ହେଲେ କାହିଁ ଧରି ଥିବାରୁ ଦିନ କିପରି ଯାଉଛି ମୋଟେ ଜାଣି ପାରିବେ ନାହିଁ। ପ୍ରେମିକମାନଙ୍କ ପରି ବର୍ଣ୍ଣନାରେ ଭରିଯା ଆଉ ବିବାହିତ ମାନଙ୍କୁ ମାସଟା ବର୍ଷେ ଭଳିଆ ଜଣାପଡ଼େ। ଏଥିରୁ ଅନୁମାନ କରନ୍ତୁ କେଉଁଥିରେ ସୁଖ ବା ଶାନ୍ତି ଅଧିକ। ଅତଏବ ଯେ କାହାକାହା କଥା ମନରୁ ଏକାଥରେ ପାଶୋରି ପକାଇ ପ୍ରେମ କାହାଣୀରେ ନିରସ୍ଥାୟୀ ବନ୍ଦୋବସ୍ତ କରନ୍ତୁ। ଏତ କହୁଛି, ମୁଁ ଯଦି ବାହା ନ ହୋଇଥାନ୍ତି ତାହେଲେ କଥାଟି ଜାଣା ହୁଅନ୍ତି କି।



"କେତେ ଗୋପିଆ ତୋ ଉଚ୍ଚିଆ ନୋହାରି ସେଠି ମରି ପଡ଼ିଛି ତୋ ମନରେ ଟିକେ ହେଲେ ଦୁଃଖ ନାହିଁ!"

"ଆରେ ଭାଇ ତୁ ସେଠିକି ଯାଇଥା - ମୁଁ ଏଠି ବସି ଭାଲୁଛି - ତାପରେ ଦୁହେଁ ଦେଖି ପରେ ଦୁଃଖ କରି ଆସିବା କି ନାହିଁ!"

Digitized by srujanika@gmail.com

# ଚନ୍ଦ୍ରଲେଖା ସିନେମା

(ଜିମିନିଙ୍କ ସାଦରମଧ୍ୟେ ହିନ୍ଦୀଭାଷା ଚିତ୍ର)

ନିର୍ମାଣ - ଜେମିନୀ ଷ୍ଟୁଡିଓ ଜ।
ନିର୍ଦ୍ଦେଶକ - ଏସ୍. ଏସ୍. ବାସନ୍
ସଙ୍ଗୀତ - ଏସ୍. ରାଜେଶ୍ୱର ରାଓ
ନୃତ୍ୟ - ଜୟଶଙ୍କର।
ଅଭିନୟ - ଟି.ଆର୍. ରାଜକୁମାରୀ, ରଞ୍ଜନ, ଏମ୍. କେ. ରାଧା ପ୍ରଭୃତି

ଭାରତରେ ଯେ ଦିନେ ବିଳାତ୍ ଆମେରିକାର ବିଶାଳ ପ୍ରଦର୍ଶନ ଯୋଗ୍ୟ ଚିତ୍ର ସଙ୍ଗେ ଟେକ୍କର ଦେଇ ପାରିବ ଏହା କେହି ଆଶା କରି ନ ଥିଲେ। ଶ୍ରୀ ସୋହ୍ରାବ-ମୋଦୀ ତାଙ୍କର ସେତେବେଳେ ଐତିହାସିକ ଚିତ୍ରରେ ଏ ଦିଗରେ ଚେଷ୍ଟା କରିଥିଲେ। ବର୍ତ୍ତମାନ ଚଳଚ୍ଚିତ୍ର ଜଗତରେ ଆମେ ଯେପରି ଭାବରେ ଗତି କରୁଅଛୁ ତାହା ଏଥିରୁ ଆମେ ଯେପରି ଚଳଚ୍ଚିତ୍ର କୌଶଳ ଦିଗରେ ଦିନ ଦିନକୁ ଆଗରେ ଆଗରେ ପଡ଼ିଥିଲୁ। ଆମେରିକାର ଚିତ୍ରରେ ସେସିଲ୍. ଡି ମିଲେଙ୍କ ଚିତ୍ରଗୁଡ଼ିକ ପ୍ରଭୃତି ଦେଖି, ବିଦେଶୀ ଜନତା ସେ ଅତି ସୁନ୍ଦର ପ୍ରଶଂସା କରିଥିଲେ ଆମକୁ ତୁଚ୍ଛ ମଣୁଥିଲେ କିନ୍ତୁ 'ଚନ୍ଦ୍ରଲେଖା' ଚିତ୍ରଟି ଆମକୁ ପ୍ରମାଣ ଦେଖାଇ ଦେଉଛି ଯେ ଭାରତରେ ଏହା ସମ୍ଭବ। ଭାରତୀୟ ନିର୍ମାତା ମଧ୍ୟ ଚିତ୍ରକୌଶଳ ଦିଗରେ ସେ କୌଣସି ବିଦେଶୀ ନିର୍ମାତାମାନଙ୍କ ସହିତ ତୁଳନା କରାଯାଇ ପାରନ୍ତି।



ଅଭିନେତ୍ରୀ ମଧୁବାଳା

ଚନ୍ଦ୍ରଲେଖା ଚିତ୍ରଟି ମାନ୍ଦ୍ରାଜର ଜେମିନି ଷ୍ଟୁଡିଓରେ ଶ୍ରୀ ଏସ୍. ଏସ୍. ବାସନଙ୍କର ନିର୍ଦ୍ଦେଶ ଅନୁଯାୟୀ ନିର୍ମିତ। ଚିତ୍ରଟି ପ୍ରଥମେ ତାମିଲ୍‌ରେ ତିଆରି ହୋଇଥିଲା। ତାମିଲ୍ ଚିତ୍ରଟିର ଲମ୍ବ ଅଠର ହଜାର ଫୁଟ୍। ତାମିଲ୍ ଚିତ୍ରଟିରେ କିଛି ପରିବର୍ତ୍ତନ କରାଯାଇ ଏହା ପନ୍ଦର ହଜାର ଫୁଟ୍ ମଧ୍ୟରେ ହିନ୍ଦିରେ ତିଆରି କରାଯାଇଛି। ଚିତ୍ରଟି ପାଇଁ ତିରିଶ ଲକ୍ଷ ଟଙ୍କା ବ୍ୟୟ କରାଯାଇଅଛି। ଭାରତୀୟ କୌଣସି ଚିତ୍ରରେ ଏତେ ଅର୍ଥ ଆଜି ପର୍ଯ୍ୟନ୍ତ ବ୍ୟୟ କରାଯାଇ ନଥିଲା। ଚିତ୍ରଟି ବର୍ତ୍ତମାନ ଭାରତର ପ୍ରାୟ ପ୍ରତ୍ୟେକ ବଡ ବଡ ସହର ମାନଙ୍କରେ ପୂର୍ଣ୍ଣ ଗୌରବରେ-ପ୍ରଦର୍ଶନ କରାହେଉଛି।

ବିଷୟ - ଚିତ୍ରଟି ଏତେ ସୁନ୍ଦର ଢଙ୍ଗରେ ତିଆରି ହୋଇଥିଲେ ମଧ୍ୟ ବିଷୟଟି ପ୍ରାୟ ସେଇ ପୁରୁଣା ଧରଣର କାହାଣୀ ଭଳି। ଗୋଟିଏ ରାଜାଙ୍କର ଦୁଇଟି ପୁଅ। ବଡପୁଅ ବୀରସିଂହ୍ ନୃତ୍ୟ ଗୋଟିଏ ନାଚିଲା ଝିଅ ଚନ୍ଦ୍ରଲେଖା ପ୍ରତି ପ୍ରେମରେ ଆବଦ୍ଧ ହେଲେ। ସେ ରାଜ୍ୟର ପ୍ରକୃତ ଉତ୍ତରାଧିକାରୀ ହେଲେ ମଧ୍ୟ ସାନପୁଅ - ଶଶାଙ୍କ ରାଜ୍ୟ ଦାବୀ କଲେ କିନ୍ତୁ ରାଜା ରାଜି ନ ହେବାରୁ ଶଶାଙ୍କ ବଳପୂର୍ବକ ଗାଦି ନେବାକୁ ଚେଷ୍ଟା କଲେ। ତାଙ୍କ ଅଧୀନରେ ଗୋଟିଏ ଦସ୍ୟୁ ସୈନ୍ୟଦଳ ଥିଲେ ଓ ସେମାନଙ୍କ ସାହାଯ୍ୟ ନେଇ ରାଜ୍ୟରେ ଶଶାଙ୍କ ଅତ୍ୟାଚାର ଓ ଲୁଟ୍‌ପାଟ୍ ଆରମ୍ଭ କଲେ। ଏହି ଅତ୍ୟାଚାରକୁ ବନ୍ଦ କରିବାକୁ ଓ ଶଶାଙ୍କକୁ ଧରି ଆଣିବା ପାଇଁ ବୀରସିଂହ୍ ବାହାରିଲେ କିନ୍ତୁ ନିଜେ ଶଶାଙ୍କ ହସ୍ତରେ ବନ୍ଦୀ ହେଲେ। ଏହି ସମୟକୁ 'ଚନ୍ଦ୍ରଲେଖା' ମଧ୍ୟ ଶଶାଙ୍କଙ୍କ ହାତରେ ପଡି ସାରିଥିଲେ। ଶଶାଙ୍କ ବୀରସିଂହ୍‌ଙ୍କୁ ନେଇ ଗୋଟିଏ ଗୁମ୍ଫାରେ ବନ୍ଦ କରି ଓ ରାଜାଙ୍କୁ ବନ୍ଦୀ କରି ନିଜେ ରାଜଗାଦିରେ ବସିଲେ। ଚନ୍ଦ୍ରଲେଖା କୌଶଳରେ ଖସି ଯାଇ ଗୋଟିଏ ସର୍କସ ଦଳର ସାହାଯ୍ୟରେ ବୀରସିଂହ୍‌ଙ୍କୁ ଉଦ୍ଧାର କଲେ ଓ ଉଭୟ ଛଦ୍ମ ବେଶରେ ସର୍କସ ଦଳ ସହିତ ରହିଲେ। ଶଶାଙ୍କ ଚନ୍ଦ୍ରଲେଖାଙ୍କୁ ପାଇବାକୁ ବହୁତ ଚେଷ୍ଟା କଲେ ବହୁ ସାଧାସାଧି ପରେ ଚନ୍ଦ୍ରଲେଖାଙ୍କୁ ହସ୍ତଗତ କଲେ ଓ ବିବାହ କରିବାକୁ ଇଚ୍ଛା କଲେ। ଶେଷରେ ଅତ୍ୟାଚାର ବଢି ଯିବାରୁ ଓ ବୀରସିଂହ୍‌ଙ୍କ କୌଶଳ କ୍ରମେ ଶଶାଙ୍କ ଓ ଚନ୍ଦ୍ରଲେଖାଙ୍କ ବିବାହ ପୂର୍ବରୁ ଗୋଟିଏ ବିରାଟ ଦୁନ୍ଦୁଭି ନୃତ୍ୟର ଆୟୋଜନ କରାଗଲା ଓ ନୃତ୍ୟ ପରେ ପରେ ସେହି ଦୁନ୍ଦୁଭିଗୁଡିକ ମଧ୍ୟରୁ ବୀରସିଂହ୍‌ଙ୍କର ଲୁକ୍କାୟିତ ସୈନ୍ୟମାନେ ବାହାରି ଦୁର୍ଗ ଅଧିକାର କଲେ। ଶଶାଙ୍କ ଓ ବୀରସିଂହ୍‌ଙ୍କର ଯୁଦ୍ଧାଯୁଦ୍ଧି ଖଣ୍ଡଯୁଦ୍ଧ ପରେ ଶଶାଙ୍କ ବନ୍ଦୀ ହେଲେ ଓ ବୀରସିଂହ ରାଜା ହୋଇ ଚନ୍ଦ୍ରଲେଖାଙ୍କୁ ବିବାହ କଲେ।

ଚିତ୍ରଟିରେ ନ୍ୟାୟର ଜୟ ଓ ଅନ୍ୟାୟର ପରାଜୟ ବେଶ ଭଲ ଭାବରେ ଦେଖାଯାଇଛି କିନ୍ତୁ ଦୁର୍ଭାଗ୍ୟବଶତଃ କାହାଣୀ ପରିସ୍ଥିତି ସୃଷ୍ଟି କରିବେ ନେଇ। ଚନ୍ଦ୍ରଲେଖାର ପିତା ଯେଉଁ ଚନ୍ଦ୍ରଲେଖାର ସୁଖମୟ ଜୀବନ ଦେଖିବାକୁ ଆଶା ରଖିଥିଲେ ତାଙ୍କୁ ଗୋଟିଏ ଦୃଶ୍ୟ ପରେ ମାରି ଦିଆଯାଇ ଦର୍ଶକଙ୍କ ମନରେ ଅସନ୍ତୋଷ ଆଣି ଯାଇଛି। ରାଜା ଓ ରାଣୀଙ୍କୁ ଶଶାଙ୍କ ବନ୍ଦୀ କରି ରଖିଲେ ଓ ବୀର ସିଂହ୍ ଉଦ୍ଧାର କଲେ। ଏହି ପରିସ୍ଥିତି ଅତ୍ୟନ୍ତ ପ୍ରୀତି ଓ ସ୍ନେହପୂର୍ଣ୍ଣ ହେଲେ ମଧ୍ୟ ଯେପରି ଭାବରେ ଦର୍ଶିତ ହୋଇଛି ତାହା ଦର୍ଶକଙ୍କ ମନ ଉପରେ କୌଣସି ପ୍ରଭାବ ଆଣୁ ନାହିଁ।

Digitized by srujanika@gmail.com

# [illegible]

## ଶ୍ରୀ ଧୀରେନ୍ ଦାଶ ।

ଚିତ୍ରଟିରେ ପ୍ରତ୍ୟେକ ଦୃଶ୍ୟ ଦର୍ଶନୀୟ । ଗୋଟିଏ ଦୃଶ୍ୟ ପରକୁ ପର ଆମେ ଦେଖୁ – ବାଘ, ସିଂହ, ହାତୀ ପ୍ରଭୃତିଙ୍କର ଖେଳ, ତାର ଉପରେ ସର୍କସ, ଏକଟଙ୍କିଆ ସାର୍କସର ଲୋ ଏପରି ଯୋକର୍‌ଙ୍କର ତାମସା ମଧ୍ୟ ଆମେ ଦେଖୁ । କିନ୍ତୁ ଘୋଡ଼ସବାର, ପ୍ରକାଣ୍ଡ ଦୁର୍ଗର ଭିନ୍ନ ଭିନ୍ନ ଆଲୋକ ଦୃଶ୍ୟ, ଜଙ୍ଗଲ ପ୍ରଭୃତିର ପ୍ରାକୃତିକ ଦୃଶ୍ୟ, ଶେଷ ଯୁଦ୍ଧ ବିଶେଷତଃ ଦୁନ୍ଦୁଭି ନୃତ୍ୟ ପ୍ରଭୃତି ପ୍ରତ୍ୟେକଟି ଅତି ମନୋହାରୀ ଭାବେ ଦେଖାଇ ଦିଆ ହୋଇଛି ।

ଅଭିନୟ ଦିଗରୁ ରାଜକୁମାରୀଙ୍କର 'ଚନ୍ଦ୍ରଲେଖା' ଅଭିନୟ ଓ ରଞ୍ଜନଙ୍କର ଶଶାଙ୍କ ଅଭିନୟ ଅତି ମର୍ମସ୍ପର୍ଶୀ ହୋଇଛି । 'ବୀରସିଂହ' ଭୂମିକାରେ ଅଭିନୟ ଆଉ ଭାରତୀୟ ଅଭିନେତାମାନଙ୍କ ଭିତରେ ରଞ୍ଜନଙ୍କର ଅଭିନୟ ନିଶ୍ଚୟ ଖୁବ ଉଚ୍ଚ ଧରଣର । ବୀରସିଂହଙ୍କ ଅଭିନୟ ସାମାନ୍ୟ ଥିଲା ହେଲେ ମଧ୍ୟ ମନ୍ଦ କୁହାଯିବନି । ଚନ୍ଦ୍ରଲେଖାର ପିତାଙ୍କ ଅଭିନୟ ମଧ୍ୟ ଖୁବ ଭଲ ହୋଇଛି ।

ଚିତ୍ରଟିରେ ନୃତ୍ୟ ପ୍ରଚୁର ରହିଛି । ପ୍ରତ୍ୟେକ ନୃତ୍ୟଟି ଅତି ସୁନ୍ଦର ଓ ଗୋଟିଏ ଆଦର୍ଶ ।

ସଙ୍ଗୀତ ଭଲ ହେଲେ ମଧ୍ୟ ଉଚ୍ଚ ଧରଣର ନୁହେଁ । ଗୀତଗୁଡ଼ିକ ସାଧାରଣରେ ଲୋକପ୍ରିୟ ହେବ ବୋଲି ବିଶ୍ୱାସ ହୁଏ ନାହିଁ । ଅନେକ ସ୍ଥାନମାନଙ୍କରେ ପାଶ୍ଚାତ୍ୟ ସଙ୍ଗୀତ ଭାରତୀୟ ଓ ବିଦେଶୀୟ ସ୍ୱରର ମିଶ୍ର ସଙ୍ଗୀତ ବ୍ୟବହାର କରାଯାଇଥିବାରୁ ଭଲ ଲାଗୁଛି । ଚିତ୍ରଟିର ଶେଷରେ ରାଜକୁମାରୀଙ୍କର ଏକଟି ଗୀତଟି ମନୁଷ୍ୟ ଲାଗିଲା । ରାଜାରାଣୀ, ଦେବଦାସୀମାନଙ୍କ ଉପସ୍ଥିତିରେ ଗାଉଥିବା ଦୃଶ୍ୟରେ ଗାଇଥିଲେ ଯେ ଏତେ ଥିବାରେ ଏକଟି ଗୀତ ଗାଇ ଗାଇ ଶିଖେ ଏପରି ପରିସ୍ଥିତି ସୃଷ୍ଟି କରିଥିଲେ ।

କିନ୍ତୁ ସେଟ୍‌ଗୁଡ଼ିକ ପାଇଁ ଶ୍ରୀ ଶେଖରଙ୍କର ସେଟ୍ର କାର୍ଯ୍ୟ କୁଶଳତା ପ୍ରଶଂସନୀୟ । ଫଟୋଗ୍ରାଫୀ ଉତ୍କୃଷ୍ଟ ଓ ଆଦର୍ଶ ଧରଣର । ଏଥିପାଇଁ କମଲ ଘୋଷ ଧନ୍ୟବାଦର ପାତ୍ର ଅଟନ୍ତି । ଚିତ୍ରଟିରେ ବିଶାଳ ସ୍କେଲରେ ନାଚ, ଗୀତ, ନିର୍ବାଚନ, ସନ୍ଦେହଜନିତ ଉଦ୍ବେଗପୂର୍ଣ୍ଣ ପରିସ୍ଥିତି ସାର ଭରି ହୋଇ ଥିବାରୁ ଏହା ଗୋଟିଏ ଆମୋଦଜନକ ଚିତ୍ର ହୋଇ ପାରିଅଛି । କିନ୍ତୁ ତୁଟିପୂର୍ଣ୍ଣ ଏହା ଗୋଟିଏ 'ମାଷ୍ଟରପିସ୍' ଚିତ୍ର ନହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ଦିଗ୍‌ଦର୍ଶନ ଦୋଷ ଅନେକ ସ୍ଥାନରେ ମଧ୍ୟ ଅଛନ୍ତୁ ।

ସ୍ଥାନେ ସ୍ଥାନେ କ୍ରମରେ ମଧ୍ୟ ତ୍ରୁଟି ରହିଛି କିନ୍ତୁ ଚିତ୍ରଟିର ବିରାଟ ଆଡ଼ମ୍ବର ଦୃଷ୍ଟିରେ ସେପରି ଦୋଷ ଦର୍ଶକମାନଙ୍କର ନଜରରେ ପଡ଼ିନଥାନ୍ତି ।

ଶ୍ରୀ ଏସ୍‌ ଏସ୍‌ ବାସନ 'ଚନ୍ଦ୍ରଲେଖା' ଚିତ୍ରଟି ଦେଇ ଭାରତୀୟ ନିର୍ମାତାମାନଙ୍କ ଭିତରେ ଗୋଟିଏ ଆଦର୍ଶ ଦେଖାଇଛନ୍ତି ଓ ଧନ୍ୟବାଦର ପାତ୍ର ହୋଇ ପାରିଛନ୍ତି । ସେଙ୍କ ଠାରୁ ଆହୁରି ଅନେକ ଜିନିଷ ଆମେ ଆଶା କରୁ ।




'ଚନ୍ଦ୍ରଲେଖା' ଭୂମିକାରେ
ରାଜକୁମାରୀ ।

Digitized by srujanika@gmail.com

> ଏ ପୃଷ୍ଠାରେ ପାଠକ ପାଠିକା ମାନେ ଯେ କୌଣସି ବିଷୟରେ ସ୍ୱାଧୀନ ମତ ଦେଇ ପାରିବେ । ଲେଖା ସଂକ୍ଷିପ୍ତ ହେବା ଆବଶ୍ୟକ ଏବଂ ବ୍ୟକ୍ତିଗତ ବିଦ୍ୱେଷ ମୂଳକ ଯେପରି ନ ହେଉ । ମତାମତ ପାଇଁ ସମ୍ପାଦକ ଦାୟୀ ନୁହନ୍ତି ।

# ପାଠକଙ୍କ ନିଜ ପୃଷ୍ଠା

୨୫




## "କେବଳ ପୁରୁଷଙ୍କ ପାଇଁ"

**ଶ୍ରୀ ପ୍ରଫୁଲ୍ଲ କିଶୋର ପଟ୍ଟନାୟକ (ପୁରୀ)**

ପ୍ରହେଳିକା ଦେବୀ, ଯାହେ ଶ୍ରୀମତୀ ପ୍ରହେଳିକା ଦାସ ପୁରୁଷ ସମାଜକୁ ଯେଉଁ ଅନୁରୋଧ କରିଛନ୍ତି ତାହା ଗ୍ରହଣ କରିବାକୁ ମୋର ମନ ଚାହୁଁନି - ଏବଂ ତାହା କେତେକାଂଶରେ ଗ୍ରହଣ ଯୋଗ୍ୟ । ନିଶ ଦାଢି ପ୍ରକୃତରେ ପୁରୁଷଙ୍କ ସୌନ୍ଦର୍ଯ୍ୟ ବୋଲି ଅନେକ - ତାକୁ ବୋଲି ଭାବନ୍ତି କରନ୍ତି । ଶ୍ରୀମତୀ ଦାସ ଯେ ଏ ଯୁଗର ନବ୍ୟ ପୁରୁଷ ସମାଜକୁ ନିଶ ଶୂନ୍ୟ ଦେଖି ଦୁଃଖ ପ୍ରକାଶ କରିବେ ଏଥିରେ ଆଶ୍ଚର୍ଯ୍ୟର କିଛି ନାହିଁ । ଜଣେ ବିଖ୍ୟାତ ସାହିତ୍ୟିକଙ୍କ ଭାଷାରେ "To take a kiss from a youngman without moustache is like to take bread without butter" ନିଶହିଁ ପୁରୁଷର ପୁରୁଷତ୍ୱ । ଏ ଯୁଗର ନାରୀ ସବୁ ପ୍ରକାରେ ନିଜକୁ ପୁରୁଷ ସହାଧର୍ମୀ ବୋଲି - ବେଶ, ଭୂଷା, ଆଚାର ବ୍ୟବହାର ସବୁଥିରେ ସେ ନିଜକୁ ପୁରୁଷ ସହିତ ସମାନ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଏକ ନିଶ ସେ ବ୍ୟବଧାନକୁ ବଜାୟ ରଖୁଛି । ଶ୍ରୀମତୀ ପ୍ରହେଳିକା ଯେ ପୁରୁଷମାନଙ୍କୁ ନିଶ ରଖିବାକୁ ଅନୁରୋଧ କରିଛନ୍ତି ସେଥିପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛି ପୁରୁଷ ସମାଜ ତରଫରୁ । କିନ୍ତୁ ତାଙ୍କ ପ୍ରସ୍ତାବରେ ଟିକିଏ ଅଦଳ ବଦଳ ଦରକାର । ଯେପରି (୧) ମୋ ମତରେ (ଏବଂ ଜଣେ ସାହିତ୍ୟିକଙ୍କ ଭାଷାରେ) ବିବାହିତଙ୍କର ନିଶ ବିଦାୟ ଦରକାର । (୨) ଅବିବାହିତ ଏବଂ ପ୍ରେମିକଙ୍କ ଭିତରେ ପ୍ରଭେଦ ରହିବା ଦରକାର ନୁହେଁ । (୩) ଜଣେ ପ୍ରେମିକା ଦ୍ୱାରା ପରିତ୍ୟକ୍ତ ଏକ ପ୍ରେମିକର 'ପ୍ରେମିକ' ଉପାଧି ଉଠାଇ ଦେବାର ଦରକାର ନୁହେଁ କି ତେଣୁ 'ବ୍ୟର୍ଥ ପ୍ରେମିକ' ଏବଂ 'ପ୍ରେମିକ' ଭିତରେ ପ୍ରଭେଦ ଖୁବ କମ୍ ନୁହେଁ । (୪) ଏବଂ ପ୍ରଧାନ କଥା ଅବିବାହିତ ଓ ବିବାହିତ ଭିତରେ ପ୍ରଭେଦ ରଖିବାକୁ ହିଁ ଦରକାର ମନେ କରୁଛି । କାରଣ ଯେହି ପ୍ରାକ୍ ବୈବାହିକ ପୁରୁଷ, ନିଜର ପରିଚୟ ଅବିବାହିତ କିମ୍ବା ଅବିବାହିତା ରୂପେ ଦେଇ ଆସୁଛି । ପ୍ରତି କ୍ଷେତ୍ରରେ ତାର ପରିଚୟ ଦେବାକୁ ଏକ ମାଧ୍ୟମର ଦରକାର ନୁହେଁ । ସେହି ନିୟମରେ ଅବିବାହିତା ଓ ବିବାହିତା ନାରୀ ଭିତରେ ପାର୍ଥକ୍ୟ ସ୍ପଷ୍ଟ । କିନ୍ତୁ ପୁରୁଷ ପ୍ରକୃତିରେ ନିଜର ପୌରୁଷ ଉଜ୍ଜ୍ୱଳିତ - ପରିଚୟ ଦେବାକୁ ତାର ଦରକାର ନୁହେଁ କି । ନାରୀର ଦୁନିଆରେ ସବୁଦିନେ ବିଚରଣ କରୁଥିବାରୁ ତାଙ୍କୁ ସମସ୍ତେ ଚିହ୍ନନ୍ତି ଭଲ କରି - କୁଆ କରି ପରିଚୟ ଦେବାର ଦରକାର ନାହିଁ । ବିବାହିତ ଓ ଅବିବାହିତ ଭିତରେ ସେହିପରି ଏକ ନିଜସ୍ୱ ପାର୍ଥକ୍ୟ ଅଛି - ଏବଂ ସେହି ବିଶେଷରେ ଏହାର ବ୍ୟତିକ୍ରମ ନାହିଁ । ......

●

## ସମାଲୋଚନା

**ଶ୍ରୀ ନୃସିଂହ ଦାସ (କଟକ)**

... କୁଙ୍କୁମର ଲେଖାଗୁଡିକ ଖୁବ ସରଳ ସୁନ୍ଦର ଓ ମନମୁଗ୍ଧକର ହେଉଛି କିନ୍ତୁ ଜଣେ ଲେଖକମାନଙ୍କର ଅନେକ ଜାଗାରେ ଇଂରେଜୀ ଶବ୍ଦ ଓଡିଆ ଶବ୍ଦ ସଙ୍ଗେ ମିଶି ରହିଥିବାର ଦେଖିଲି - ଅଧିକାଂଶ ଯୋଗ୍ୟ ଲେଖକ ଉପଯୁକ୍ତ ଓଡିଆ ଶବ୍ଦ ନ ପାଇ ଇଂରେଜୀ ପ୍ରତିଶବ୍ଦ ବ୍ୟବହାର କରିଛନ୍ତି କିନ୍ତୁ ତାହା ପ୍ରତ୍ୟେକ ସ୍ଥଳରେ ଶୋଭନୀୟ ନୁହେଁ । ତାହା ଏକ ପ୍ରକାର ଆମ ଓଡିଆ ଭାଷାର ଅପମାନ । ଏହା ଦ୍ୱାରା ଆମେ ଭାଷାର ଅସମ୍ମାନ କରିବା ସଙ୍ଗେ ସଙ୍ଗେ ଓଡିଆ ସାହିତ୍ୟର ସୌନ୍ଦର୍ଯ୍ୟ ବିଗିଡ଼ ଯାଉ । "କାରଣ" - ଅନେକ ଆମର ଇଂରେଜୀ ଭାଷା ଶିକ୍ଷାର ଫଳ । ଯେଉଁ କୌଣସି ବ୍ୟକ୍ତି ବିଦେଶକୁ ଆସେ ପରିବାର ଆଗରୁ ନିଜର ମାତୃଭାଷାକୁ ଭୁଲି ଯାଇ ପାରେ ସେ ଯେ ଭବିଷ୍ୟତରେ ଆଉ କଣ ଭୁଲି ପାରିବ ତାହା ଅତି ସ୍ୱାଭାବିକ ଏବଂ ତାର ପ୍ରକୃଷ୍ଟ ଦୃଷ୍ଟାନ୍ତ ବିଦେଶିଆ ହେଉଛି ନିଜର ଆଚାର ବ୍ୟବହାର ସଂସ୍କୃତି ଓ ସଭ୍ୟତା ସବୁ ଭୁଲି ଇଂରେଜୀ ସଭ୍ୟତା ଓ ସଂସ୍କୃତି ପଛରେ ଗୋଡାଇବା ।

ମୁଁ ଆଶାକରେ ଏଥି ପ୍ରତି ଦେଶର ପ୍ରତ୍ୟେକ ଲେଖକ ଲେଖିକା ଯଦି ସାମାନ୍ୟ ଦୃଷ୍ଟି ଦିଅନ୍ତି ତାହାହେଲେ ସେମାନଙ୍କ ସଙ୍ଗେ ସଙ୍ଗେ ଓଡିଆ ଭାଷା ଓ ତରୁଣ ଲେଖକ ଲେଖିକା ମାନେ ସେହି ବଦଭ୍ୟାସରୁ ବର୍ଜିତ ହୋଇ ଓଡିଆ ଭାଷାର ମର୍ଯ୍ୟାଦା ବଜାୟ ରଖିବାକୁ ସମର୍ଥ ହେବେ ।

●

## ଓଡିଆ ଚଳଚ୍ଚିତ୍ର ଅନୁଷ୍ଠାନ

**ଶ୍ରୀ ମହେନ୍ଦ୍ର ନାଥ ଦାଶ (କଟକ)**

"ଓଡିଆ କଥାଚିତ୍ର" କଥାଟି ଓଡିଆ ମନରେ ବର୍ତ୍ତମାନ ଯୁଗ ଅନେକ ଆନନ୍ଦ ଆଣୁଛି । ଗତ କେତେ ବର୍ଷ ଧରି ବଙ୍ଗଳା, ହିନ୍ଦି ପ୍ରଭୃତି ଭାଷାରେ ଅତ୍ୟଧିକ ସଂଖ୍ୟାରେ ଚିତ୍ର ନିର୍ମାଣ ହେଉଥିବା ବେଳେ ଆମେ ପଛରେ ପଡି ରହିଲୁ । ଆମକୁ ଆମ ଭାଷାରେ କଥାଚିତ୍ର ଦେଖିବାକୁ ମିଳିଲାନି । ଏହି ସୁବିଧା ନେଇ ଅନେକ ଦିନରୁ ଆଜି ପର୍ଯ୍ୟନ୍ତ ଏକାଧିକ ଅନୁଷ୍ଠାନ ଗଢି ଉଠିଥିବାର ଦେଖୁଛୁ । ତେବେ କେଉଁ ଅନୁଷ୍ଠାନଙ୍କର ସତ୍ତା କେତେ ତା ଜଣାନାହିଁ । କମ୍ପାନୀ ଆରମ୍ଭ କରିବା ସମୟରେ ଅଂଶ ବିକ୍ରୟ ପାଇଁ ପତ୍ରପତ୍ରିକାରେ ବିଜ୍ଞାପନ ଦେଲେ । ଯେଉଁ କମ୍ପାନୀ ଗୁଡିକ ଖୋଲି ସାରିଲେଣି ସେମାନେ ମଧ୍ୟ ବିଭୁ ଅଂଶ ବିକ୍ରୀ କରିଲେଣି । ଯେଉଁମାନେ ଅଂଶ କିଣିଥିଲେ ସେମାନଙ୍କୁ ଟଙ୍କା ଫେରାଇ ଦିଆଯାଉଛି କି ନା? ଅଂଶ ବିକ୍ରୀ ପାଇଁ ଯେପରି ସରକାରଙ୍କର ଅନୁମତି ନେବାକୁ ପଡେ, ସେହିପରି ସରକାର ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ଦିଅନ୍ତି କି ନାହିଁ? ବର୍ତ୍ତମାନ ଯେଉଁ ସବୁ ଅନୁଷ୍ଠାନ ଗୁଡିକ ଅଂଶ ବିକ୍ରୀ କରିବାରେ ଲାଗି ପଡିଛନ୍ତି କିଛିଦିନ ପରେ "କ୍ଷତି ହେଲା" ବା "କମ୍ପାନୀ ଫେଲ୍ ମାରିଲା" କହି ସଂଶ୍ଳିଷ୍ଟ ଟଙ୍କା ଆତ୍ମସାତ କରି ଦେଇ ପାରିବେ କି ନା? ଯଦି ଏହା ସମ୍ଭବ ତେବେ ଏହାର ଉପାୟରେ ସରକାରଙ୍କ ଏହା ବିଷୟରେ ଯୋଗ୍ୟ ପ୍ରଧାନ ଉପାୟ । ଓଡିଆ ଅନୁଷ୍ଠାନମାନଙ୍କ ପ୍ରତି ପ୍ରତ୍ୟେକ ଓଡିଆର ସହାନୁଭୂତି ଅଛି କିନ୍ତୁ ଓଡିଆଙ୍କର ସରଳ ବିଶ୍ୱାସର ସୁବିଧା ନେଇ ଯଦି କେହି କମ୍ପାନୀ ନାମରେ ଓଡିଆଙ୍କୁ ଠକାଇ ଟଙ୍କା ଆତ୍ମସାତ୍ କରୁଥାଏ ତାର ବିହିତ ବିଚାର ହେବା ଦରକାର । କେତେ ଅନୁଷ୍ଠାନ କିଛି କାର୍ଯ୍ୟ ନ ଦେଖାଇ ଅଂଶ ବିକ୍ରୀ କରି ନବ ପ୍ରତାରଣା ଦ୍ୱାରା ଯେ ନୂଆ ନୂଆ ଅନୁଷ୍ଠାନ ଉପରେ ଆମର ଅବିଶ୍ୱାସ ଓ ସନ୍ଦେହ ଆଣୋଉଛନ୍ତି ଏଥିରେ ସନ୍ଦେହ ନାହିଁ । ଆପଣ ଏ ସମ୍ପର୍କରେ ଦୃଷ୍ଟି ଦେବେ କି?

(ମହାଶୟ, ଆପଣଙ୍କର ଅଭିଯୋଗ ନୂଆ କଥା ନୁହେଁ । କେତେକ ଗଳ୍ପ ଓ ପ୍ରବନ୍ଧ ମାନଙ୍କ ଯୋଗୁ ଓଡିଶାରେ ଯୌଥ କାରବାର ପାଇଁ ସର୍ବସାଧାରଣଙ୍କର ଆସ୍ଥା କମି ଯାଉଛି । ଏପରି ଠକ କମ୍ପାନୀ ମାନଙ୍କୁ ପ୍ରଶ୍ରୟ ଦେବା ଆଦୌ ଉଚିତ ନୁହେଁ । ଯଦି ଆପଣ ବା ଆପଣଙ୍କର ବନ୍ଧୁ କିମ୍ବା ଯେ କୌଣସି ପାଠକ ପାଠିକା କୌଣସି କମ୍ପାନୀର ଅଂଶ ଖରିଦ କରି ପ୍ରତାରିତ ହୋଇଛନ୍ତି କିମ୍ବା କୌଣସି କମ୍ପାନୀ ସର୍ବସାଧାରଣଙ୍କୁ ଠକିବା ଉଦ୍ଦେଶ୍ୟରେ ଟଙ୍କା ଆଦାୟ କରୁଥାଆନ୍ତି ବୋଲି ସେହି ପ୍ରମାଣ ସହିତ ଆମକୁ ଜଣାନ୍ତି ଆମେ ସେ ବିଷୟ ସର୍ବସାଧାରଣଙ୍କ ସମ୍ମୁଖକୁ ଆଣିବାକୁ ପ୍ରସ୍ତୁତ ଅଛୁ । ସମାଜରୁ ଏହି ବ୍ୟାଧି ଦୂର କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରୁଛୁ) —ସଂ

●

Digitized by srujanika@gmail.com

ମାଳି - ଏ ପିଲା, ସେଠି ଆମ୍ବଗଛରେ କଣ କରୁଚୁ ?
ପିଲା - ଆମ୍ବ ଗୋଟାଏ ତଳେ ପଡ଼ିଥିଲା ସେ ଗଛକୁ ଲଗେଇ ଦଉଚି ।

●

ସ୍ବାସ୍ଥ୍ୟରକ୍ଷା ଶିକ୍ଷକ – ସମୁଦ୍ରକୂଳେ ଘର ଥିବା ସ୍ବାସ୍ଥ୍ୟ ଭଲ ରହିବା ଦରକାର – କାହିଁକି ?
ଛାତ୍ର - କାରଣ ଯେତେବେଳେ ସେତେବେଳେ ଆମଘରକୁ ବନ୍ଧୁ ବାନ୍ଧବ ଆସି ପାରନ୍ତି ।

(ଶ୍ରୀ ଭୁବନେଶ୍ବର ମହାରଣା)


●

ରେଳଗାଡ଼ିରେ ଯାଉଁ ଯାଉଁ ୨ଜଣ ଯାକ ଖୁବ ଆଳାପ ଜମିଲା । ମୁଁ, ମାନ୍ ପ୍ରିୟାହେର୍ତ ଜଣ୍ଢିଆ ଆଳାପ ପ୍ରଧାନ ଖୁବ ହେଲା । ଶେଷରେ ଦୁହେଁ ବିଦାୟ ନେବା ବେଳେ କେତେକେତେ ବିଷୟରେ ଦୁହିଁଙ୍କର ମେଳ ଅଛି ଓ କେଉଁଥିରେ ଅମେଳ । ସବୁ କଥାରେ ଦେଖାଗଲା ମେଳ ଅଛି କେବଳ ଗୋଟାଏ କଥା ଛାଡ଼ି -

୧ମ- ମୁଁ କାହାରିଠାରୁ କିଛି ନେଲେ ସେଟା ସହଜେ ସହଜେ ଭୁଲିଯାଏ କିନ୍ତୁ କାହାରିକୁ କିଛି ଦେଲେ ସେଟା କେମିତି ଭୁଲି ପାରେନି ।

୨ୟ- ମୋର କାହାରିକି କିଛି ଦେବାର ଥିଲେ ସେଟା ଭୁଲିଯାଏ କିନ୍ତୁ କାହାରିଠାରୁ କିଛି ପାଇବାର ଥିଲେ ଭୁଲି ପାରେନି ।

(ଶ୍ରୀ ଭବତୋଷ ଦାସ)



●

"ଧାନ୍ଦୁଆ ପାଇଁ ଏତେ ପଥି ଗର୍ତ୍ତ କରିଚ କାହିଁକି ?"
"ତାହେଲେ ସେ ଖସି ପଡ଼ିଲେ ଆମକୁ ସେମିତି ଜାଣିବ ।"


●

"ଧୁନି, ଆଜ କିଛି ଖାଇଚୁ ନି ?"
"ନାହିଁ ମାଉସୀ ଆଜ ଖାଇ ପାରିନି, ପେଟରେ ଆଉ ନାହିଁ ।"
"ତାହେଲେ କେତେଗୁଡାଏ ଫଳ ଆଉ ମିଠେଇ ପକେଟରେ ନେଇଯା ଘରକୁ ଗଲାବେଳେ ବାଟରେ ଖାଇ ଖାଇ ଯିବୁ ।"
"ନାହିଁ ମାଉସୀ ଧନ୍ୟବାଦ - ପକେଟଗୁଡ଼ାରେ ବି ଆଉ ଜାଗା ନାହିଁ ।"

●

ବାପା ଆଧୁନିକା ଝିଅ ଉପରେ ବିରକ୍ତି କରି କହିଲେ, "ତୁ ସେ ଟୋକାଟାକୁ କେମିତି ବାହା ହେବାକୁ ବସୁଚୁ, ତାର ମାସକୁ ଆୟ କେବଳ ୮୦ ଟଙ୍କା !"
"କିନ୍ତୁ ବାପା ମାସଟା ଏତେ ଶୀଘ୍ର ଚାଲିଯାଏ ଯୋ ପ୍ରେମ କରୁଥିଲ ହେଲେ ।"

●



"ପ୍ରିୟେ ଯୁବକଣୀଳେ ମୁଖମାଧ୍ବୀ ମାନମନି ଦାନଂ —"

— ଶ୍ରୀ ବିଭୂ ପ୍ରସାଦ ଦାସ —

●

ଟୋକା ଟୋକି ଲୁଚି କରି ସବୁ ସମ୍ଭବ ମିଳନ ବନ୍ଦୋବସ୍ତ କଲେ । ଶେଷରେ ଟୋକା ଟୋକିର ହାତକୁ ଧରି ଗୋଟାଏ ପିଠିରେ ବସି, ହାତକୁ ଠକ ଠକ କଲା । ଟୋକି ହାତକୁ ଟାଣି ନେଲା । ଟୋକା କହିଲା "ତମେ ଭୟ କରୁଚ କି ? ଟୋକି କହିଲା "ହଁ ସେ, ତମେ ଏତେ ପାଟି କରନି ମା ମାଁ ଶୁଣି ପାରନ୍ତି ।" ଟୋକା ନିର୍ଭୟ ଭାବରେ ଉତ୍ତର ଦେଲା, "ସେ ବିଷୟରେ କିଛି ଚିନ୍ତା କରନି ସେ ତଳେ ଅଛନ୍ତି, ସିଡ଼ିକୁ ବନ୍ଦ କରି ଧରିଛନ୍ତି ।"

●

ସ୍ବାମୀ- ତମ ଜନ୍ମଦିନ ଉପହାର ଏଥର ମୁଁ ଭୁଲିନି । ଦେଖ ମୁଁ ତୁମପାଇଁ ଏଇ ସୁନା ହାରଟି ଆଣିଚି ।
ସ୍ତ୍ରୀ - କିନ୍ତୁ ତମେ ପରା କହିଥିଲ ମତେ ଗୋଟିଏ ବନାରସୀ ଶାଢ଼ି ଦେବ ବୋଲି ।
ସ୍ବାମୀ- ମୁଁ ଜାଣେ କିନ୍ତୁ ନକଲି ବନାରସୀ ଶାଢ଼ି କେହି ବିକ୍ରୀ କରୁଥିବାର ମୁଁ ଖୋଜି ପାଇଲିନି ।

●

ତରୁଣୀ- ତମେ ଯା ହେଲେ ମୋ ବାପାଙ୍କୁ ବାହାଘର କଥା କହିଲ ? ସେ କଣ କହିଲେ ?
ତରୁଣ- ସେ ହେଲେ କି କିଛି କହିଲେନି, ଖାଲି ମତେ କୁଣ୍ଡେଇ କାନ୍ଦିବାକୁ ଆରମ୍ଭ କଲେ ।

●

ଶିକ୍ଷକ - ହରି କହ ଆମ ପାଖରୁ କିଏ ବେଶି ଦୂରରେ ଅଛନ୍ତି- ଚନ୍ଦ୍ର ନା ଅଷ୍ଟ୍ରେଲିଆ ।
ହରି - ଅଷ୍ଟ୍ରେଲିଆ ।
ଶିକ୍ଷକ - ଏଁ- କେମିତି ?
ହରି- କାରଣ ଆମେ ରାତିରେ ଚନ୍ଦ୍ରକୁ ଦେଖିପାରୁଚୁ କିନ୍ତୁ ଅଷ୍ଟ୍ରେଲିଆ ଦୂରରେ ଥିବାରୁ ଦିଶୁନାହିଁ ।

●

"ମାଆ ଗୋଟିଏ ପକ୍ଷୀ ଦେ ବାହାରେ କୁହୁଚିଏ ପାଟି କରୁଚି"
"ଦଉଡ଼ି ଯା, କାହିଁକି ଭଲ କୁକୁଡ଼ା ପାଟି କରୁଚି ?"
"ସେ ପାଟି କରୁଚି ଟୋକା ଟୁର୍ ଗରମ"

●

ଶିକ୍ଷକ - କେଉଁ ଜନ୍ତୁର କଣ ଆଉ ମାଆ ଅନ୍ୟ ଜନ୍ତୁମାନଙ୍କର ନଥାଏ ?
ଛାତ୍ର- କେଉଁ ଛୁଆ ।

●

"ଏମିତିଆ କନ୍ଦର୍ପ ମଧ୍ୟ ସାଙ୍ଗଟିକୁ ଅପଣମାନେ କହନ୍ତି ଅଧୁନିକ ଚିତ୍ରକଳା?"
"ନାହିଁ ଆଜ୍ଞା ସେଇଟା ଗୋଟାଏ ଆଇନା ।"

●

ଗୋଟିଏ ନୂଆ ଲେଖକ ତାର ପାଣ୍ଡୁଲିପି ବିଷୟରେ ପ୍ରକାଶକଙ୍କ ମତାମତ ଜାଣିବାକୁ ଆସିଲା । ପ୍ରକାଶକ କହିଲେ ଲେଖାଟି ଭଲ ହୋଇଛି କିନ୍ତୁ ଆମେ କେବଳ ଏମିତି ଲେଖକଙ୍କ ବହି ପ୍ରକାଶ କରୁଚୁ ଯେଉଁମାନଙ୍କ ନାମ ସୁପରିଚିତ ।
ଲେଖକ ଆନନ୍ଦରେ କହିଉଠିଲା "ତାହେଲେ ତ ବେଶ ଭଲ ହେଲା, ମୋ ନାଁ ତ ସୁପରିଚିତ ।"

●

"ଆମ ଘରକୁ ଯେବେ ଆଜି କିଏ ଚୋରି ପଶିଲେ- ଜଣାପଡୁଚି ।"
"କେମିତି ଜାଣିଲୁ ?"
"ମୁଁ ଏଇମାତ୍ର ଶୁଣିଲି ମାଆ କହୁଥିଲେ ବାପାଙ୍କ କଥାରେ ।"

●

ଅନେକେ ଟଙ୍କା ପାଇଁ ବାହାହୁଅନ୍ତି, ଅନେକେ ପ୍ରେମ ପାଇଁ, ଅନେକେ ଅଳ୍ପ ଦିନ ପାଇଁ ।

Digitized by srujanika@gmail.com

Kumkuma 1(06)Mar1949 - 26



# ଫଟୋଗ୍ରାଫ୍



↑ ମେଘାଚ୍ଛାଦିତ ସୂର୍ଯ୍ୟ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ।



↑ ସମୁଦ୍ର କୂଳ
ଶ୍ରୀ ନରସିଂହ ପ୍ରସାଦ ମହାନ୍ତି ।



← ସୂର୍ଯ୍ୟ ନାରାୟଣ
ଶ୍ରୀ ବିଶ୍ୱମ୍ଭର ଦାସ ।



ବୀଣାପାଣି →
ଶ୍ରୀ କିଶୋରୀ ମୋହନ ଦାସ ।



← ତର୍ପଣ
ଶ୍ରୀ ଶୁଭେନ୍ଦ୍ର ନାରାୟଣ ଦାସ ।



ଧୀବର →
ଶ୍ରୀ ନଗେନ୍ଦ୍ର ନାଥ ବେଉରିଆ ।

Edited & Published by Dev Mohapatra at 20, Tejpal Road, Bombay 24. & Printed by
at Kadri Press, Noor Munzil, Mohamedali Road, BOMBAY 3.

Digitized by srujanika@gmail.com